,୨୭/୮ (ନି.ପ୍ର):

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani


website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj





2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts
From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର
୪୦୦୦ଟଙ୍କା ରେ ଖାଇବା ,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No: 9437294587, 9438232419, 9437443950,

ବାଲେଶ୍ୱର ■ ଶୁକ୍ରବାର ୨୮ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 28 AUGUST 2020
Vol.No. 30 ■ No. 217■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

## ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର ,୨୭/୮ (ନି.ପ୍ର): ଉତର ଆଭ୍ୟନ୍ତରୀଣ ଓଡ଼ିଶା ଓ ନିକଟବର୍ତୀ ଅଂଚଳ ଉପରେ ସୃଷ୍ଟି ହୋଇଥିବା 'ୱେଲ ମାର୍କଡ୍ ଲୋ ପ୍ରେସର ବର୍ତମାନ ଦକ୍ଷିଣ-ପର୍ଶ୍ଚିମ ଝାଡ଼ଖଣ୍ଡ ଉପରେ ରହିଛି। ଏହାର ପ୍ରଭାବରେ ରାଜ୍ୟରେ ଦକ୍ଷିଣ-ପର୍ଶ୍ଚି ମୌସୁମୀ ବାୟୁ ସକ୍ରିୟ ହୋଇଉଠିଛି। ଫଳରେ ଆସନ୍ତା ୨୪ ଘଂଟା ମଧରେ ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାର କିଛି ଜିଲ୍ଲାମାନଙ୍କର ହାଲୁକାରୁ ମଧମ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।
ରାଜ୍ୟର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗୀର, ନୂଆପଡ଼ା ଓ ନବରଙ୍ଗପୁର ▶▶ପୃଷ୍ଠା ୭

# ବ୍ରାହ୍ମଣୀ, ବୈତରଣୀ ଓ ସୁବର୍ଣ୍ଣରେଖା ନଦୀରେ ମଧ୍ୟମ ଧରଣର ବନ୍ୟା ଆଶଙ୍କା : ଏସଆରସି



ଭୁବନେଶ୍ୱର,୨୭/୮ (ନି.ପ୍ର): ରାଜ୍ୟରେ ବିଭିନ୍ନ ଅଂଚଳରେ ପ୍ରବଳ ବର୍ଷା କାରଣରୁ ବ୍ରାହ୍ମଣୀ, ବୈତରଣୀ ଓ ସୁବର୍ଣରେଖା ନଦୀରେ ମଧ୍ୟମ ଧରଣର ବନ୍ୟା ହେବ ବୋଲି ଆଶା କରାଯାଉଛି । ତେଣୁ ଏ ନେଇ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇଛି ବୋଲି କହିଛନ୍ତି ଏସଆରସି ପ୍ରଦୀପ ଜେନା। ଶ୍ରୀ ଜେନା କହିଛନ୍ତି ଯେ ଗତ ୨୪ ଘଂଟାରେ ସାରା ରାଜ୍ୟରେ ହାରାହାରି ୫୫.୮ ମିମି ବର୍ଷା ରେକର୍ଡ କରା ଯାଇଛି । ସେ କହିଛନ୍ତି ଯେ ଛଅଟି ଜିଲ୍ଲାରେ ଶହେ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରା ଯାଇଛି । ଝାରସୁଗୁଡା ଜିଲ୍ଲାରେ ହାରାହାରି ୧୭୭ ମିମି ବର୍ଷା ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ହାରାହାରି ୧୨୮.୫ ମିଲିମିଟର, ସମ୍ବଲପୁର୧୧୬.୭ ମିଲିମିଟର, ବୌଦ୍ଧ ୧୧୪ ମିଲିମି , ଅନୁଗୁଳ ୧୦୭ ମିଲିମିଟର ବର୍ଷା ରେକର୍ଡ କରା ଯାଇଛି । ସେହିପରି ୯ ଟି ଜିଲ୍ଲାରେ ୫୦ ମିଲିମିଟର ବର୍ଷା ରେକର୍ଡ କରା ଯାଇଛି । ଏଗୁଡିକ ହେଲା କନ୍ଧମାଳ, କେନ୍ଦୁଝର ସୁବର୍ଣ୍ଣପୁର, କଳାହାଣ୍ଡି, ମୟୁରଭଂଜ, ବରଗଡ. ବଲାଙ୍ଗୀର, ନୂଆପଡା, ଢେଙ୍କାନାଳ । ବ୍ଲକ ହିସାବରେ ଦେଖିବାକୁ ଗଲେ ସବୁଠାରୁ ଅଧିକ ବର୍ଷା କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ ଠାରେ ହୋଇଛି । ଏଠାରେ ୨୧୫ ମିଲିମିଟର ବର୍ଷା ରେକର୍ଡ କରା ଯାଇଛି ।

## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କ ସହ ଟେଲିଫୋନ ଯୋଗେ କଲେ କଥାବାର୍ତ୍ତା

# ନିଟ ଓ ଜେଇଇ ପରୀକ୍ଷା ସ୍ଥଗିତ କରିବାକୁ କଲେ ଅନୁରୋଧ



ଭୁବନେଶ୍ୱର,୨୭/୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନ ଯୋଗେ କଥାବାର୍ତା କରି ଦେଶରେ କୋବିଡ ଓ ବିଭିନ୍ନ ଅଂଚଳରେ ବନ୍ୟା ପରିସ୍ଥିତିକୁ ଆଖି ଆଗରେ ରଖି ନିଟ ଓ ଜେଇଇ ପରୀକ୍ଷାକୁ ସ୍ଥଗିତ କକିବାକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ ବର୍ତମାନ ଯେଉଁ ପରିସ୍ଥିତି ଅଛି ସେଥିରେ ଛାତ୍ର ଛାତ୍ରୀ ମାନେ ପରୀକ୍ଷା ଦେବାର ସମସ୍ୟା ସୃଷ୍ଟି ହୋଇ ପାରେ । ତେଣୁ ଏହାକୁ ଆଖି ଆଗରେ ରଖି ଏହି ପରୀକ୍ଷା ଗୁଡିକୁ ସ୍ଥଗିତ କରିବାକୁ ସେ ଅନୁରୋଧ କରିଛନ୍ତି । ଉଲ୍ଲେଖନୀୟ ଯେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନବୀନ ପଟ୍ଟନାୟକ ଦୁଇ ଦିନ ପୂର୍ବରୁ ପତ୍ର ଲେଖି ସାରିଛନ୍ତି ।

## ମହାକାଶ କ୍ଷେତ୍ରରେ ମୋଦି ସରକାରଙ୍କ ସଂସ୍କାର ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

# ଭାରତର ମହାକାଶ ଗବେଷଣାରେ ପ୍ରମୁଖ ଭୂମିକାରେ ଓଡ଼ିଶା : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୨୭/୮ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ମହାକାଶ ଗବେଷଣା କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଆଣିଥିବା ସଂସ୍କାର ଓଡିଶା ଭଳି ରାଜ୍ୟ ପାଇଁ ସହାୟକ ହୋଇଥିବା ବେଳେ ଓଡ଼ିଶା ଭାରତର ମହାକାଶ ଗବେଷଣାରେ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି। ଚାନ୍ଦିପୁର, ବାଲେଶ୍ୱର ଏବଂ ଭଦ୍ରକର ଭାରତରନ୍ ଅବଦୁଲ କଲାମ ଦ୍ୱୀପପୁଞ୍ଜ ଭଳି କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ର ଭାରତର ଅନେକ ଗୌରବମୟ ସଫଳତାର ସାକ୍ଷୀ ହୋଇଛି ବୋଲି କହିଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ମହାକାଶ କ୍ଷେତ୍ରରେ ମୋଦି ସରକାରଙ୍କ ସଂସ୍କାର ପ୍ରସଙ୍ଗରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ଭାରତ ସରକାର ମହାକାଶ ଗବେଷଣା କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣିବା ମାର୍ଗରେ ଆଗକୁ ବଢୁଛନ୍ତି । ଭାରତ'ର ମହାକାଶ କ୍ଷେତ୍ରରେ ଉଦାରୀକରଣ ଅପାର ସମ୍ଭାବନାର ସମ୍ଭାର ଆଣିବା ସହ ଦେଶର ବିକାଶରେ ମହାକାଶ ପ୍ରଯୁକ୍ତିବିଦ୍ୟାରେ ବଡ଼ ଭୂମିକା ଗ୍ରହଣ କରିବ । ଶ୍ରୀ ପ୍ରଧାନ କହିଛନ୍ତି ନୂଆ ମହାକାଶ ବୋର୍ଡ ଇଣ୍ଡିଆନ ନ୍ୟାସନାଲ ସ୍ପେଶ୍ ପ୍ରମୋଶନ ଆଣ୍ଡ୍ ଅଥୋରାଇଜେସନ(ଆଇଏନ୍-ସ୍ପେଶ)ର ପ୍ରତିଷ୍ଠା ମହାକାଶ ବିଶେଷ ଭାବରେ ମହାକାଶ ପ୍ରଯୁକ୍ତି ବିଦ୍ୟାର ନୂତନ ଏବଂ ଉଦୀୟମାନ କ୍ଷେତ୍ରରେ ନବସୃଜନ, ଅଭିବୃଦ୍ଧି ଏବଂ ଭାରତକୁ ଆତ୍ମନିର୍ଭର କରିବାରେ ସାହାଯ୍ୟ କରିବ । ରାଷ୍ଟ୍ରାୟତ ଉଦ୍ୟୋଗ ▶▶ପୃଷ୍ଠା ୭

# ରିଆ ଚକ୍ରବର୍ତୀଙ୍କ ଭୁବନେଶ୍ୱର ଲିଙ୍କ୍ : ଏନ୍‌ସିବି ଚାହିଁଲେ ସହଯୋଗ କରିବ ଓଡିଶା ପୋଲିସ୍



ଭୁବନେଶ୍ୱର,୨୭/୮ (ନି.ପ୍ର): ବହୁ ଚର୍ଚ୍ଚିତ ବଲିଉଡ୍ ଅଭିନେତା ସୁଶାନ୍ତ ସିଂହ ରାଜପୁତ ମୃତ୍ୟୁ ଘଟଣାରେ ରିଆ ଚକ୍ରବର୍ତୀଙ୍କ ଭୁବନେଶ୍ୱର ଡ୍ରଗ୍‌ସ ଲିଙ୍କ ମାମଲାକୁ ନାରକୋଟିକ୍ କଂଟ୍ରୋଲ ବ୍ୟୁରୋ(ଏନ୍‌ସିବି) ତଦନ୍ତ ଦାୟିତ୍ୱ ନେଇଛନ୍ତି। ଭୁବନେଶ୍ୱର ଲିଙ୍କ ଥିବା ଜଣାପଡ଼ିବା ପରେ ଏପର୍ଯ୍ୟନ୍ତ ଓଡ଼ିଶା ପୋଲିସ ସହ ଏନ୍‌ସିବି କୌଣସି ଯୋଗାଯୋଗ କରିନାହିଁ। ହେଲେ ଆଗାମୀ ଦିନରେ ଯଦି ଏନ୍‌ସିବି ସହଯୋଗ ଚାହିଁବ ତେବେ ଓଡ଼ିଶା ପୋଲିସ ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବ ବୋଲି ପୋଲିସ ମହାନିର୍ଦ୍ଦେଶକ ଅଭୟ ଏକ ପ୍ରେସମିଟ୍ ରେ ପ୍ରତିକ୍ରିୟା ରଖିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ରିଆଙ୍କ ହ୍ୱାଟ୍‌ସଆପ୍ ଚାଟରେ ସେ ତାଙ୍କ ବନ୍ଧୁଙ୍କ ସହ ଭୁବନେଶ୍ୱରରେ ଡ୍ରଗ୍‌ସ ମିଳୁଥିବା କଥା କହିଥିବାବେଳେ ଭୁବନେଶ୍ୱର ସମସ୍ତ ପ୍ରକାର ନିଶା ଦ୍ରବ୍ୟର ପେଣ୍ଠସ୍ଥଳୀ ବୋଲି ମଧ ଏହି ଚ୍ୟାଟରେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଡିଜିପି ଅଭୟ କହିଛନ୍ତି, ▶▶ପୃଷ୍ଠା ୭

## ଏବର୍ଷ ରେକର୍ଡ ପରିମାଣର ବ୍ରାଉନ୍ ସୁଗାର ଓ ଗଂଜେଇ ଜବତ

# ଜଳେଶ୍ୱରରୁ ୪ କେଜି ବ୍ରାଉନ୍ ସୁଗାର ଜବତ : ୨ ଗିରଫ



ଭୁବନେଶ୍ୱର ,୨୭/୮ (ନି.ପ୍ର): ଗତକାଲି ରାତିରେ ଓଡିଶା ପୋଲିସ୍ ର ସ୍ପେଶାଲ ଟାସ୍କ ଫୋର୍ସ ବା ଏସଟିଏଫ୍ ଏକ ବଡ ଧରଣର ବ୍ରାଉନ୍ ସୁଗାର ରାକେଟ୍ କୁ ଠାବ କରିଛି । ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ୍ ଜମାଲପୁରରୁ ଏସଟିଏଫ୍ ୪.୦୨୫ କେଜିର ବ୍ରାଉନ୍ ସୁଗାର ଜବତ କରିବା ସହ ୨ ଜଣ ଚାଲାଣକାରୀଙ୍କୁ ଗିରଫ କରିଛି । ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ଗୁରୁବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।
ସୂଚନା ଅନୁଯାୟୀ ଏସଟିଏଫ୍ ୨୦୨୦ ବର୍ଷ ମଧ୍ୟରେ ୨୦.୭୩୬ କେଜି ବ୍ରାଉନ୍ ସୁଗାର ଜବତ କରିଛି। ଏହାସହ ୨୨ ଟି ମାମଲା ରୁଜୁ ହେବା ସହ ୩ ଜଣ ବ୍ରାଉନ୍ ସୁଗାର ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଓଡିଶା ପୋଲିସ୍ ର ଅନ୍ୟାନ୍ୟ ଏଜେନ୍ସି ଗୁଡିକ ଗତ ୮ ବର୍ଷ ମଧ୍ୟରେ ଯେତିକି ପରିମାଣର ବ୍ରାଉନସୁଗାର ଜବତ କରିଛନ୍ତି ଏହା ସର୍ବାଧିକ। ସାରା ରାଜ୍ୟ ଚଳିତ ବର୍ଷ ମୋଟ୍ ୨୭.୦୫ କେଜି ବ୍ରାଉନ୍ ସୁଗାର ଜବତ ହୋଇଛି। ୧୧ ମାର୍ଚ୍ଚରେ ୧.୭୪୯ କେଜି, ୧୯ ମାର୍ଚ୍ଚରେ ୨.୭୨୯ କେଜି, ୨ ଜୁନ୍ ରେ ୧.୦୦୮ କେଜି, ୧୯ ଜୁନ୍ ରେ ୪.୪୫୮ କେଜି, ୧୯ ଜୁଲାଇରେ ୩.୨୮୫ କେଜି, ୧୮ ଅଗଷ୍ଟରେ ୧.୩୨୦ କେଜି ଜବତ ହୋଇଛି। ସେହିପରି ଚଳିତ ବର୍ଷ ରେକର୍ଡ ପରିମାଣର ଗଂଜେଇ ଜବତ କରାଯାଇଛି। ଚଳିତ ବର୍ଷ ମଧ୍ୟରେ ୬୩୦ କ୍ୱିଂଟାଲ ଗଂଜେଇ ଜବତ ହୋଇଛି। ୨୦୧୮ ମସିହାରେ ୫୨୩.୮୯ କ୍ୱିଂଟାଲ ଗଂଜେଇ ଜବତ ହୋଇଥିବା ବେଳେ ୨୦୧୯ରେ ୬୧୮.୧୫ କ୍ୱିଂଟାଲ ଗଂଜେଇ ଜବତ ହୋଇଥିଲା।

## ପରୀକ୍ଷା ଘୁଂଚାଇବାକୁ ଯୁବ କଂଗ୍ରେସର ଦାବି

ଭୁବନେଶ୍ୱର ,୨୭/୮ (ନି.ପ୍ର): ଜେଇଇ ଓ ନିଟ୍ ପରୀକ୍ଷା ଘୁଂଚାଇବା ଦାବୀରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ସାମାଜିକ ଦୂରତା ରକ୍ଷାକର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।
ଦେଶରେ ମହାମାରୀ କରୋନା ତାର କାୟା ବିସ୍ତାର କରିଥିବା ବେଳେ କେନ୍ଦ୍ର ସରକାର ପକ୍ଷରୁ ଜେଇଇ ଓ ନିଟ୍ ପରୀକ୍ଷା ଆୟୋଜନ କରିବା ଦୁର୍ଭାଗ୍ୟଜନକ ବୋଲି ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି। ଯଦି ପରୀକ୍ଷା ହୁଏ ତାହାଦ୍ୱାରା ଲକ୍ଷଲକ୍ଷ ଛାତ୍ରଛାତ୍ରୀମାନଙ୍କର କରୋନା ସଂକ୍ରମଣ ହେବାର ଆଶଙ୍କା ରହିଛି। ▶▶ପୃଷ୍ଠା ୭

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୭୫,୭୬୦ ନୂଆ ମାମଲା: ୧୦୨୩ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୭/୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୭୫,୭୬୦ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୧୦୨୩ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୩,୧୦,୨୩୫ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶରେ ମୋଟ ୨୫,୨୩,୭୭୨ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି । ବର୍ତମାନ ସୁଦ୍ଧା ୬୦୪୭୨ ଜଣ ମୃତ୍ୟୁ ବରଣ କରିଛନ୍ତି ।

# ରାଜ୍ୟରେ ଆଉ ୭ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୪୪୮ ହେଲା



ଭୁବନେଶ୍ୱର,୨୭/୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୭ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୪୪୮ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ସମ୍ବଲପୁର ଜିଲ୍ଲାରୁ ୩- ଜଣ ହୋଇଥିବା ବରଗଡ ଜିଲ୍ଲାରୁ ୨ ଜଣ ତଥା ଭଦ୍ରକ ଓ ଖୋର୍ଧା ଜିଲ୍ଲାରେ ଜଣେ ଜଣେ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରର ଜଣେ ୬୨ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ। ବରଗଡ ଜିଲ୍ଲାର ଜଣେ ୭୬ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ମଧୁମେହରେ ପୀଡିତ ଥିଲେ । ବରଗଡ ଜିଲ୍ଲାର ହିଁ ଅନ୍ୟ ଜଣେ ୬୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କର ମୃତ୍ୟୁ ଘଟିଛି । ସେ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ। ଭଦ୍ରକ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୭୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । ସମ୍ବଲପୁର ଜିଲ୍ଲାର ହିଁ ଜଣେ ୫୮ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କର ମୃତ୍ୟୁ ଘଟିଛି । ସେ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ। ସମ୍ବଲପୁର ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# ସମାଜସେବୀ ଆଦିତ୍ୟ ଦାଶ ମୃତ୍ୟୁ ମାମଲା : ପତ୍ନୀ ବିଦ୍ୟାଶ୍ରୀଙ୍କ ଲାଇ ଡିଟେକ୍ସନ ଟେଷ୍ଟ ସରିଲା

ଭୁବନେଶ୍ୱର ,୨୭/୮ (ନି.ପ୍ର): ସମାଜସେବୀ ଆଦିତ୍ୟ ଦାଶ ମୃତ୍ୟୁ ମାମଲାରେ ଆଦିତ୍ୟଙ୍କ ପତ୍ନୀ ବିଦ୍ୟାଶ୍ରୀଙ୍କ ଲାଇ ଡିଟେକ୍ସନ ଟେଷ୍ଟ ଶେଷ ହୋଇଛି । ଭୁବନେଶ୍ୱର ସ୍ଥିତ ଫରେନସିକ ଲ୍ୟାବରେ ପ୍ରାୟ ୫ ଘଂଟା ଧରି ଲାଇ ଡିଟେକସନ ଟେଷ୍ଟ କରାଯାଇଥିଲା। ଆଦିତ୍ୟଙ୍କ ସମ୍ପର୍କରେ ତାଙ୍କୁ ଏକାଧିକ ପ୍ରଶ୍ନ କରାଯାଇଥିବା ସୂଚନା ମିଳିଛି । ସୂଚନାଯୋଗ୍ୟଯେ ଗତ ଜୁଲାଇ ୭ ତାରିଖରେ ସମାଜସେବୀ ଆଦିତ୍ୟ ଦାଶଙ୍କ ମୃତଦେହ ରେଳଧାରଣା ନିକଟରୁ ମିଳିଥିଲା। ପ୍ରଥମେ ଜିଆରପି ପୋଲିସ୍ ଏବଂ ପରେ କ୍ରାଇମ୍ ବ୍ରାଂଚ ଏହି ମାମଲାର ତଦନ୍ତ କରୁଛି । ନିକଟରେ କ୍ରାଇମବ୍ରାଂଚ ଲାଇଡିଟେକ୍ସନ୍ ଟେଷ୍ଟ କରାଇବାକୁ ଆବେଦନ କରିଥିଲା।

# ରାଜ୍ୟରେ ସୁସ୍ଥ ହେଲେ ଆଉ ୨୫୧୦ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୨୭/୮ (ନି.ପ୍ର): ରାଜ୍ୟର ୩୦ଟି ଜିଲ୍ଲାରୁ ଗୁରୁବାର ଦିନ ୨୫୧୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ନୂତନ ସୁସ୍ଥଙ୍କୁ ମିଶାଇ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୬୫ ହଜାର ୩୨୩ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ଆଜି ସର୍ବାଧିକ ୪୩୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଗଂଜାମ ଜିଲ୍ଲାରୁ ୨୭୭ ଜଣ, କଟକ ଜିଲ୍ଲାରୁ ୨୨୫ ଜଣ, ପୁରୀ ଜିଲ୍ଲାରୁ ୨୧୮ ଜଣ, ଯାଜପୁର ଜିଲ୍ଲାରୁ ୧୩୫ ଜଣ, ମୟୂରଭଂଜ ଜିଲ୍ଲାରୁ ୧୧୯ ଜଣ ଓ ବାଲେଶ୍ୱର ଜିଲ୍ଲାରୁ ୧୦୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ଗଜପତି ଜିଲ୍ଲାରୁ ୮୯ ଜଣ, ମାଲକାନଗିରି ଜିଲ୍ଲାରୁ ୭୫ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୭୨ ଜଣ, ସମ୍ବଲପୁର ଜିଲ୍ଲାରୁ ୬୪ ଜଣ, ବଲାଙ୍ଗୀର ଜିଲ୍ଲାରୁ ୫୧ ଜଣ, କଳାହାଣ୍ଡି ଜିଲ୍ଲାରୁ ୪୮ ଜଣ, କନ୍ଧମାଳ ଜିଲ୍ଲାରୁ ୪୭ ଜଣ, ଭଦ୍ରକ ଜିଲ୍ଲାରୁ ୪୩ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୪୨ ଜଣ, ▶▶ପୃଷ୍ଠା ୭

# ଲଘୁଚାପ ଜନିତ ଲଗାଣ ବର୍ଷାରେ ବେହାଲ ବାଲେଶ୍ୱର : ବଢୁଛି ଜିଲ୍ଲାର ୩ ପ୍ରମୁଖ ନଦୀର ଜଳ ପତ୍ତନ

## ବିପଦ ସଙ୍କେତ ଉପରେ ଜଳକା



ବାଲେଶ୍ୱର,୨୭।୮ (ନି.ପ୍ର): ଉତ୍ତର-ପୂର୍ବ ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁଁ ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାରେ ଗତ ୨ ଦିନ ଧରି ଲାଗିରହିଥିବା ଲଗାଣ ବର୍ଷାରେ ଜନଜୀବନ ପ୍ରଭାବିତ ହେବା ସହ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ବନ୍ୟା ପରିସ୍ଥିତି ଦେଖାଦେଇଛି। ଗତ କାଲି ଗୋଟିଏ ଦିନରେ ବାଲେଶ୍ୱର ଜିଲ୍ଲାର ୧୨ ଗୋଟି ବ୍ଲକରେ ମୋଟ ୧୦୧୧ ମିଲି ମିଟର ବର୍ଷା ରେକର୍ଡ଼ କରାଯାଇଥିବା ବେଳେ ନୀଳଗିରିରେ ସର୍ବାଧିକ ୧୨୨ ମି.ମି ବର୍ଷା ହୋଇଥିବା ଜଣାପଡ଼ିଛି। ତେବେ ଆଜି ସକାଳଠାରୁ ଅବିରାମ ଗତିରେ ବର୍ଷା ଲାଗି ରହିଥିବା ଫଳରେ ଜନଜୀବନ ବିଶେଷ ପ୍ରଭାବିତ ହୋଇଛି। ସହର ସମେତ ଜିଲ୍ଲାର ଲୋକେ ଘରୁ ବାହାରି ପାରୁନଥିବା ବେଳେ ରାସ୍ତାଘାଟରେ ପାଣିସୁଅ ପଡ଼ିଛି। ଅନ୍ୟପକ୍ଷରେ ଏହି ଲଗାଣ ବର୍ଷାରେ ଉତ୍ତର ଓଡ଼ିଶାର ସମସ୍ତ ଜିଲ୍ଲାର ନଦୀମାନଙ୍କରେ ବଢୁଥିବା ଜଳପତ୍ତନ ଯୋଗୁଁ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବାଲେଶ୍ୱର ଜିଲ୍ଲାର ୩ ପ୍ରମୁଖ ନଦୀର ଜଳ ସ୍ତର ବୃଦ୍ଧି ପାଉଥିବା ନେଇ ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୁବର୍ଣ୍ଣରେଖା ନଦୀର ରାଜଘାଟସ୍ଥିତ ରିଡିଂ ପଏଣ୍ଟରେ ସତର୍କ ସୂଚନାଙ୍କ ୯.୪୫ ମିଟର ଓ ବିପଦ ସୂଚାନଙ୍କ ୧୦.୩୬ ମିଟର ଥିବା ବେଳେ ଆଜି ସଂଧ୍ୟା ୭ଟା ସୁଦ୍ଧା ୮.୩୭ ମିଟରରେ ଳ ପ୍ରବାହିତ ହେଉଛି। ଜଳ ସ୍ତର ଆସନ୍ତାକାଲି ସକାଳ ସୁଦ୍ଧା ସତର୍କ ସୂଚନାଙ୍କ ଅତିକ୍ରମ କରିବ ବୋଲି ବୃଦ୍ଧି ପାଉଥିବା ଜଳ ପତ୍ତନରୁ ଅନୁମାନ କରାଯାଇଛି। ସେହିଭଳି ବୁଢ଼ାବଳଙ୍ଗ ନଦୀର ଏନଏଚ-୫ ଗୋବିନ୍ଦପୁର ରିଡିଂ ପଏଣ୍ଟ ଅନୁସାରେ ସତର୍କ ସୂଚନାଙ୍କ ୭.୨୧ ମିଟରର ଉପରେ ଅର୍ଥାତ ୭.୮୦ ମିଟରରେ ଏବେ ଜଳ ପ୍ରବାହିତ ହେଉଛି। ପ୍ରତି ଘଣ୍ଟାରେ ବଢୁଥିବା ଜଳସ୍ତରକୁ ଲକ୍ଷ୍ୟକଲେ, ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ବିପଦ ସଙ୍କେତ ସୂଚନାଙ୍କ ୮.୧୩ ମିଟରକୁ ଅତିକ୍ରମ କରିଯିବ ବୋଲି ଆଶଙ୍କା ଦେଖା ଦେଇଛି। ସେହିଭଳି ଜଳକା ନଦୀର ମଥାନି ରିଡିଂ ପଏଣ୍ଟରେ ବିପଦ ସୂଚନାଙ୍କ ୫.୫୦ ମିଟର ଥିବା ବେଳେ ସଂଧ୍ୟାସୁଦ୍ଧା ଜଳସ୍ତର ଏହାର ବହୁଉର୍ଦ୍ଧ୍ୱରେ ଅର୍ଥାତ ୬.୬୯ ମିଟରରେ ପ୍ରବାହିତ ହେଉଛି। ବିଶେଷ କରି ମୟୂରଭଂଜ ଜିଲ୍ଲାରୁ ଆସୁଥିବା ଉପରମୁଣ୍ଡ ବର୍ଷା ଜଳ ଯୋଗୁଁ ବୁଢ଼ାବଳଙ୍ଗ ଓ ଜଳକା ନଦୀର ଜଳସ୍ତର ଶୀଘ୍ର ବୃଦ୍ଧି ପାଉଛି। ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ଜଳକା ନଦୀର ପାର୍ଶ୍ୱବର୍ତ୍ତୀ ତଳିଆ ଅଞ୍ଚଳ ଲୋକେ ଏବେ ପାଣିଘେରକୁ ଚାଲି ଯାଇଥିବା ବେଳେ ହଜାର ହଜାର ଏକର ଜମିର ଧାନଚାଷ ପାଣିରେ ବୁଡ଼ି ରହିଥିବା ଦେଖିବାକୁ ମିଳିଛି। ନିକଟ ଭବିଷ୍ୟତରେ ରେ ଅମାବାଶ୍ୟା କିମ୍ବା ପୂର୍ଣ୍ଣିମା ନଥିବା କାରଣରୁ ସମୁଦ୍ରରେ ବଡ଼ ଜୁଆର ନଥିବା ବେଳେ ବନ୍ୟାଜଳ ଖୁବଶୀଘ୍ର ନିଷ୍କାସନ ହୋଇଯିବ ବୋଲି ଆଶା କରାଯାଉଛି। ତେବେ ଜିଲ୍ଲାର ନଦୀମାନଙ୍କରେ ଆସନ୍ନ ବନ୍ୟା ସ୍ଥିତିକୁ ଲକ୍ଷ୍ୟ ରଖି ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିର୍ଦ୍ଦେଶାନୁସାରେ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ପରିଚାଳନା ଓ ରିଲିଫ୍ ପାଇଁ ପ୍ରସ୍ତୁତି ଜାରି ରହିଥିବା ଜରୁରୀକାଳୀନ ଅଧିକାରୀ ରିଜୱାନା କବକବ୍ ସୂଚନା ଦେଇଛନ୍ତି।

## ମହିୟସୀ ମହିଳାଙ୍କ ପରଲୋକ : ଶୋକରଛାୟା

କନ୍ଧମାଳ,୨୭।୮ (ନି.ପ୍ର): ସ୍ଥାନୀୟ ମାଷ୍ଟରପଡ଼ା ସ୍ଥିତ ସ୍ୱର୍ଗତ ସଦାଶିବ ପଣ୍ଡାଙ୍କ ପତ୍ନୀ ମନୋରମା ପଣ୍ଡାଙ୍କ ସୋମବାର ସକାଳେ ପରଲୋକ ଘଟିଛି। ସେ ଅ ଳରେ ଜଣେ ମହିୟସୀ ମହିଳା ଭାବେ ବେଶ୍ ପରିଚିତ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ୨୪ ତାରିଖ ସକାଳେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିବା ସହିତ ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁବେଳକୁ ତାଙ୍କ ସମସ୍ତ ୫ ପୁଅ , ବୋହୁ , ନାତି ନାତୁଣି ଓ ଅନ୍ୟ ସଂମ୍ପର୍କୀୟ ମାନେ ମଧ୍ୟ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇଁ ବହୁ ଅ ଳବାସୀ ତାଙ୍କର ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ପଟାବାଲି ସାହି ସ୍ଥିତ ସସସରେ ତାଙ୍କ ଶେଷ କୃତ୍ୟ ସଂପର୍ଣ୍ଣ କାରାଯାଇଥିବା ବେଳେ ତାଙ୍କର ପୁଅ ପ୍ରଭାତ ପଣ୍ଡା ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅ ଳରେ ଶୋକରଛାୟା ଖେଳି ଯାଇଛି। ସ୍ୱର୍ଗତ ମନୋରମା ପଣ୍ଡା ଜଣେ ମେଳାପି , ଧର୍ମ ପରାୟର ମହିଳା ଥିଲେ।

# କୃଷକଙ୍କ କ୍ଷୟକ୍ଷତିର ଆକଳନ ନିମନ୍ତେ ଚାଷୀ ଶ୍ରମିକ ସଂଘର ଦାବି

କେନ୍ଦ୍ରାପଡା,୨୭।୮ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ କେନ୍ଦ୍ରାପଡା ବ୍ଲକର ଚାଷୀ ମାନଙ୍କ ବିପୁଳ କ୍ଷତି ଘଟିଛି। ପାଣିରେ ବୁଡି ରହି ଫସଲ ନଷ୍ଟ ହେବା ସହ ପ୍ରାୟ ୧୦ ଦିନ ହେଲା ଚାଷ ଜମି ଓ ପାଟ ଜମି ଗୁଡିକ ଉପରେ ଅଣ୍ଟାଏ ପାଣି ଠିଆହୋଇ ରହିଛି। ବ୍ଲକର ବିଭିନ୍ନ ପଂଚାୟତ ଯଥା ଶ୍ୟାମସୁନ୍ଦରପୁର ପଂଚାୟତ, ମରଡପୁର , ହାଲପୁର, ନାନକାର ଓ ବଗଡା ଗ୍ରାମ ପଂଚାୟତର ଛଘରିଆ ଗୋପ ପୁରୁଷୋତମପୁର ଗ୍ରାମ ପଂଚାୟତର ଚକଡା, ମାଲୁଆ, କଂସାର ଗ୍ରାମ ପଂଚାୟତର ଏଣ୍ଡର, ଫୋରଡ, ଚକ୍ରୋଡା ଗ୍ରାମ ପଂଚାୟତର ମାଗୁରଗଣ୍ଡ ପାଟଣା, ତରାପୁର ଓସକା, ଓସ୍ତପୁର ଗ୍ରାମ ପଂଚାୟତର ନାଗପୁର, ଦେଓପୁର, ସାରଙ୍ଗ, ଚକଡାବାରଙ୍ଗ, ଆୟବା ପଂଚାୟତର ଗଣ୍ଡାକିଆ ସମେତ କପାଳେଶ୍ୱର ଗରାପୁର ପଂଚାୟତ ଅଧିନ ଚାଷ ଜମିଗୁଡିକ ପାଣିରେ ବୁଡି ରହିଛି। ପ୍ରଶାସନ ପକ୍ଷରୁ ଚାଷୀ ମାନଙ୍କ କ୍ଷୟ କ୍ଷତି ଆକଳନ କରି ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଚାଷୀ ମୁଲିଆ ସଂଘ ପକ୍ଷରୁ ଜିଲ୍ଲାପାଳ ସମର୍ଥ ବର୍ମା ଓ ତହସିଲଦାର ହେମଲତା ବାହାଲିଆଙ୍କୁ ଦାବିପତ୍ର ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ସଂଘର ସଭାପତି ପଣ୍ଡିତ ଶରତ ମିଶ୍ର, ଅର୍ଜ୍ଜୁନ କୁମାର ପଲାଇ, ବଟକୃଷ୍ଣ ସେଠୀ, ଦାମୋଦର ଜେନା, ଭାସ୍କର ବିଶ୍ୱାଳ, ସନାତନ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# କୋଭିଡ୍ କଟକଣା ଉଲ୍ଲଘଂନକାରୀଙ୍କ ଉପରେ ଗଜପତି ଜିଲ୍ଲା ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ

## ୨୧ ହଜାର ଟଙ୍କା ଜୋରିମାନା ଆଦାୟ

ପାରଳାଖେମୁଣ୍ଡି,୨୭।୮ (ନି.ପ୍ର): ଗଜପତି ଜିଲ୍ଲା ପୋଲିସ ପକ୍ଷରୁ କୋଭିଡ୍ କଟକଣା ଉଲ୍ଲଘଂନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଗତ ୨୫ ତାରିଖ ଦିନ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏନେଇ ବ୍ୟାପକ ଧରପଗଡ଼ କରାଯିବା ସହ ଲକ୍ ଡାଉନ୍ କଟକଣା ଓ କୋଭିଡ୍ ଆଇନ୍ ଭଙ୍ଗ କରୁଥିବା ଏବଂ ମୁହଁରେ ମାସ୍କ ପିନ୍ଧୁ ନଥିବା ଅମାନିଆଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୨୧ ହଜାର ଟଙ୍କା ଆଦାୟ କରାଯାଇଛି। ବିଭାଗୀୟ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ମାସ୍କ ପିନ୍ଧି ନଥିବା ଲୋକଙ୍କ ଠାରୁ ପାରାଖେମୁଣ୍ଡି ଆଦର୍ଶ ଥାନା ୫୨୦୦ ଟଙ୍କା, ରାୟଗଡ଼ ଥାନା ୨୦୦୦ ଟଙ୍କା, ଗୁରାଣ୍ଡି ଥାନା ୧୨୦୦ ଟଙ୍କା, ଗାରାବନ୍ଧ ଥାନା ୧୬୦୦ ଟଙ୍କା, କାଶୀନଗର ଥାନା ୧୦୦୦ ଟଙ୍କା, ରାମଗିରି ଥାନା ୧୦୦୦ ଟଙ୍କା, ମୋହନା ଥାନା ୧୦୦୦ ଟଙ୍କା ଏବଂ ଅଡ଼ବା ଥାନା ପକ୍ଷରୁ ଜୋରିମାନା ବାବଦକୁ ୧୦୦୦ ଟଙ୍କା ଆଦାୟ କରାଯାଇଛି। ଏହି ମୋଟ୍ ୧୪ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଅନୁରୂପ ଭାବେ, କୋଭିଡ୍ -୧୯ ଓ ଲକ୍ ଡାଉନ୍ କଟକଣା ଉଲ୍ଲଘଂନକାରୀଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୭୦୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି।

# ପ୍ରବାସୀ ଶ୍ରମିକମାନଙ୍କୁ ଋଣ ପ୍ରଦାନ ଧର୍ମକୁ ଆଖିଠାର : ଏଆଇସିସିଟିୟୁ

ଭୁବନେଶ୍ୱର,୨୭।୮ (ନି.ପ୍ର): ରାଜ୍ୟ ସରକାର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଲାଗି ଯେଉଁ କରୋନା ପ୍ୟାକେଜ ଘୋଷଣା କରିଛନ୍ତି ତାହା ଧର୍ମକୁ ଆଖିଠାର ସଦୃଶ ବୋଲି ଏଆଇସିସିଟିୟୁ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ଏଆଇସିସିଟିୟୁର କାର୍ଯ୍ୟକାରୀ ସଭାପତି ତଥା ପ୍ରାକ୍ତନ ବିଧାୟକ ରାଧାକାନ୍ତ ସେଠି କହିଛନ୍ତି ଯେ, ପ୍ରବାସୀ ଶ୍ରମିକମାନଙ୍କର ବ୍ୟାଙ୍କ ଖାତାରେ ୧୦ ହଜାର ଟଙ୍କା ଦେବା ଲାଗି ଦାବି କରାଯାଇଥିବା ବେଳେ ପ୍ରବାସୀ ଶ୍ରମିକମାନଙ୍କୁ ଉଦ୍ୟୋଗ ଲାଗି ୧ଲକ୍ଷ ଟଙ୍କାର ଋଣ ବ୍ୟବସ୍ଥା କରାଯିବ ବୋଲି ସରକାରଙ୍କର ଏହି ପ୍ରସ୍ତାବ ବାଟମାରଣା ହେବା ସହିତ ୬ ମାସ ମଧ୍ୟରେ ଏହା ସମ୍ଭବ ନୁହେଁ। ତେଣୁ ସରକାର ଋଣ ପରିବର୍ତ୍ତେ ପ୍ରବାସୀ ଶ୍ରମିକଙ୍କ ଖାତାରେ ୧୦ ହଜାର ଟଙ୍କା ଓ ୧୦ କେଜି ଚାଉଳ ସହିତ ମନରେଗାରେ ୨୦୦ ଦିନର କାମ ଓ ଦୈନିକ ୫୦୦ ଟଙ୍କାର ମଜୁରୀ ବ୍ୟବସ୍ଥା କରନ୍ତୁ ବୋଲି ଶ୍ରୀ ସେଠି ଦାବି କରିଛନ୍ତି। ଏଆଇସିସିଟିୟୁର ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡ଼ା କହିଛନ୍ତି ଯେ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣମୁକ୍ତ ସହାୟତା ପ୍ରଦାନ କରଯିବା ସହିତ ଆଗରୁ ଥିବା ଋଣ ଉପରେ ସୁଧ ଛାଡ଼ କରାଯାଉ। ଗରିବ, ଅସହାୟ, ବିଧବା ମହିଳାମାନଙ୍କୁ ସୁଧମୁକ୍ତ ସହାୟତା ପ୍ରଦାନ ସହିତ ଦୁର୍ନୀତିକୁ ଜୀବିକା ମିଶନ ନିୟନ୍ତ୍ରଣ କରିବା ଦରକାର।ଅଣକୃଷି ଓ କୃଷିଭିତିକ ଉଦ୍ୟୋଗ ପ୍ରତିଷ୍ଠାକୁ ମ୍ୟାପିଙ୍ଗରେ ଋଣ କିପରି ଦିଆଯିବ ବୋଲି ଶ୍ରୀ ପରିଡ଼ା ପ୍ରଶ୍ନ କରିଛନ୍ତି। ଏହି ପ୍ୟାକେଜରେ କୁହାଯାଇଛି ଯେ, ଯେଉଁ ପ୍ରବାସୀ ଶ୍ରମିକମାନଙ୍କର ପୁରୁଣା ଉଦ୍ୟୋଗ ବା ନୂଆ ଉଦ୍ୟୋଗ ଥିବ ସେମାନଙ୍କୁ ୧ ଲକ୍ଷ ଟଙ୍କା ଋଣ ଦିଆଯିବ। ଏ ପ୍ରକାର ଘୋଷଣା କେବଳ ଶ୍ରମିକମାନଙ୍କ ଭିତରେ ଭ୍ରମ ସୃଷ୍ଟି କରି ସରକାର ବାହାଦୂରୀ ନେବା ଲାଗି ଉଦ୍ଦିଷ୍ଟ ବୋଲି ଏଆଇସିସିଟିୟୁ ରାଜ୍ୟ ସଭାପତି ନିତ୍ୟ କିଶୋର ମହାନ୍ତି କହିଛନ୍ତି। ତେଣୁ ସରକାର ତୁରନ୍ତ ପ୍ରବାସୀ ଶ୍ରମିକମାନଙ୍କୁ ରୋଜଗାର ଯୋଗାଇ ଦେବାକୁ ରାଜ୍ୟ ସରକାର ଘୋଷଣା କରନ୍ତୁ ବୋଲି ଶ୍ରୀ ମହାନ୍ତି ଦାବି କରିଛନ୍ତି।

# କେନ୍ଦୁଝର ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା: ବେହାଲ କେନ୍ଦୁଝର ସହର

## ସବୁ ଆଡେ ଜଳାର୍ଣ୍ଣବ : ଜଳବନ୍ଦୀ ଅବସ୍ଥାରେ ପୌରବାସୀ, ବିପଦ ସଙ୍କେତ ଉପରେ ବନ୍ୟାଜଳ

କେନ୍ଦୁଝର,୨୭।୮ (ନି.ପ୍ର): ସମଗ୍ର କେନ୍ଦୁଝର ଜିଲ୍ଲା ରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଥିବା ବେଳେ ପ୍ରାୟ ସମସ୍ତ ଅଂଚଳ ପ୍ରଭାବିତ ହୋଇଛି । ଗତକାଲି ମଙ୍ଗଳବାର ଅପରାହ୍ନ ପର ଠାରୁ ବର୍ଷା ଆରମ୍ଭ ହୋଇଯାଇଥିବା ବେଳେ ରାତ୍ରୀ ତମାମ ମୁଷଳଧାରାରେ ବର୍ଷା ହେବା ସହ ବୁଧବାର ଦିନ ମଝିରେ ମଝିରେ ସାମାନ୍ୟ ବିରତି ଦେଇ ବର୍ଷା ଲାଗିରହିଛି । ଫଳରେ କେନ୍ଦୁଝର ସହର ଅବସ୍ଥା ବେହାଲ ହୋଇପଡିଛି । ମ୍ୟୁନିସିପାଲଟିର ଅଧିକଂାଶ ଅନ୍‌ଚଳ ଜଳାର୍ଣ୍ଣବ ହୋଇ ପଡିଥିବା ବେଳେ ଲୋକମାନେ ଏକପ୍ରକାର ଜଳବନ୍ଦୀ ଅବସ୍ଥା ରେ ରହିଛନ୍ତି । ସହରର ତଳି ଅନ୍‌ଚଳ ର ଅବସ୍ଥା ନ କହିବା ଭଲ। କେନ୍ଦୁଝର ଗଡ ମ୍ୟୁନିସପାଲଟି ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଡ୍ରେନ ତିଆରି ହେଉଛି ହେଲେ ଡ୍ରେନ ର ଆଉଟଲେଟ ର ବ୍ୟବସ୍ଥା କରାଯାଇନ ଥିବାରୁ ପାଣି ନିଷ୍କାସିତ ହୋଇ ନପାରି ଲୋକ ଙ୍କ ଘରେ ପଶୁଛି । ଏପରି କି ମାଇନଂରୋଡସ୍ଥିତ ଡଃ ଚୌଧୁରୀ ଙ୍କ ବାସଭବନ ରହିଥିବା ଲେନ୍ ତଥା ବିଗ୍‌ବଜାର ପଛ ପାଖ ଅନ୍‌ଚଳ ବାନାର୍ଜୀ କଲୋନୀ ସାମାନ୍ୟ ବର୍ଷାରେ ସଂପୁର୍ଣ୍ଣ ଜଳମଗ୍ନ ହୋଇ ପଡୁଛି । ଏ ସଂପର୍କରେ ମ୍ୟୁନିସପାଲଟି କର୍ତ୍ତୃପକ୍ଷଙ୍କର ବାରମାବାର ଦୃଷ୍ଟି ଆକର୍ଷଣ ସତ୍ୱେ ଡ୍ରେନ ନିର୍ମାଣ କରାଯାଉନାହିଁ। ଉକ୍ତ ଅନ୍‌ଚଳରେ ଡ୍ରେନ ନିର୍ମାଣ ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା କଥା ପୂର୍ବତନ ମ୍ୟୁନିସପାଲଟି ନିର୍ବାହୀ ଅଧିକାରୀ ଯିବା ପୂର୍ବରୁ ସୂଚନା ଦେଇଥିଲେ ମଧ୍ୟ ତାହା ଅଦ୍ୟବଧି କାର୍ଯ୍ୟରେ ପରିଣତ ହୋଇପାରିନାହିଁ। ଅନ୍ୟ ପକ୍ଷରେ ସହରରେ ରହିଥିବା ଅନେକ ଡ୍ରେନ ମେଂଟେଂନାନ୍ସ ଅଭାବରୁ ଏକ ପ୍ରକାର ପୋତି ହୋଇ ପଡିଥିବା ବେଳେ ଅଧିକଂାଶ ଡ୍ରେନ ଉପରେ ସ୍ଲାପ ନଥିବା କାରଣରୁ ସେସବୁ ମଶା ବଂଶ ବୃଦ୍ଧି ପାଇଁ ବେଶ ସୁହାଉଅଛି। ଗତକାଲି ଠାରୁ ଆରମ୍ଭ ଏହି ଲଘୁଚାପ ଜନିତ ପ୍ରବଳ ବର୍ଷା ଫଳରେ ସହର ର ଅବସ୍ଥା ବେହାଲ ହୋଇପଡିଛି । ଏପରିକି ମ୍ୟୁନିସିପାଲ ଟି ଏକ୍‌ଜ୍ୟୁଟିଭ ଅଫିସର ଙ୍କ ବାସଭବନ ସହ ପାର୍କ ଲାଇନ , ଭାଲୁକିପାତଳା , ବଡହଳ, ଧୋବାଡିହ ରାସ୍ତା , ମାଇନିଂ ସ୍ଥିତ ବନାର୍ଜ୍ଜି କଲୋନୀ , ସାହୁ କଲୋନୀ , ବଳଦେବଜୀଉ କଲୋନୀ , ସ୍ୱଞ୍ଜ କଲୋନୀ ଆଦି ଅନେକ ଅନ୍‌ଚଳ ର ରାସ୍ତା ଘାଟ ସହ ଘର ଭିତରେ ମଧ୍ୟ ପଶିଛି ବର୍ଷା ପାଣି । ପୌରବାସୀ ପ୍ରାୟ ଏକ ପ୍ରକାର ଜଳବନ୍ଧୀ ହୋଇଯାଇଛନ୍ତି । ସବୁ ବର୍ଷ ର ବର୍ଷା ଦିନେ ପ୍ରାୟ ଏପରି ଅବସ୍ଥା ଭୋଗିବାକୁ ପଡୁଛି ସହରବାସୀଙ୍କୁ । ମ୍ୟୁନିସିପାଲ ଟି ପକ୍ଷରୁ ପ୍ରତିବର୍ଷଡ୍ରେନ କାମ ହେଉଛି କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ହେଲେ ଡ୍ରେନ କୁ ଅଧାରାସ୍ତା ରେ ଛାଡି ଦିଆଯାଉଛି ଆଉଟଲେଟ ରହୁ ନାହିଁ ଫଳରେ ଡ୍ରେନ ରେ ପାଣି ନିଷ୍କାସନ ହୋଇ ନପାରି ରାସ୍ତା ଉପରେ ପ୍ରବାହିତ ହେବା ସହ ଲୋକ ଙ୍କର ଘରେ ପାଣି ପଶୁଛି । ଲୋକ ଙ୍କ ଘରେ ଆଣ୍ଠୁଏ ଆଣ୍ଠୁଏ ପାଣି ପଶି ଥିବା ରୁ ଲୋକେ ନାହି ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଗତକାଲି ରାତି ଠାରୁ ବର୍ଷା ପାଣି ପଶିଥିବା କାରଣରୁ ଲୋକ ଙ୍କ ଘରେ ରୋଷେଇ ବାସ ବନ୍ଦ ହୋଇଯାଇଛି ବୋଲି କହିଛନ୍ତି ସହର ବାସିନ୍ଦା ମଦନ ମୋହନ ସ୍ୱାଇଁ ଭାଲୁକିପାତଳା ବାସିନ୍ଦା ପ୍ରଶନ୍ନ ମହାନ୍ତି ପ୍ରମୁଖ । ଲୋକଙ୍କୁ ଭୋକ ଉପାସରେ ରହବାକୁ ପଡୁଛି । ଲୋକେ ଘରୁ ବାହାର କୁ ବାହାରି ପାରୁ ନାହାନ୍ତି । ଏ ସଂମ୍ପର୍କରେ କୌଣସି ମତାମତ ଦେବାକୁ ପ୍ରଶାସନିକ ଅଧିକାରୀ ମାନେ ମନା କରିଦେଇଛନ୍ତି । ଅନ୍ୟ ପକ୍ଷରେ ଜିଲ୍ଲାର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଆନନ୍ଦପୁର ଅଂଚଳ ବହୁ ଭାବେ ପ୍ରଭାବିତ ହୋଇଥିବା ବେଳେ ଦିନ ୧ ଟା ସୁଦ୍ଧା ଆନନ୍ଦପୁର ଠାରେ ବୈତରଣୀ ନଦୀର ବିଦ ସଂଙ୍କେତ ଉପରେ ପାଣି ପ୍ରଭାବିତ ହେଉଥିବା ସୂଚନା ମିଳିଛି । ଏଠାରେ ବିଦ ସଙ୍କେତ ୩୮.୩୬ ମିଟର ରହିଥିବା ବେଳେ ପାଣି ୩୯.୬୪ ମିଟର ଉଚ୍ଚରେ ପ୍ରଭାବିତ ହେଉଅଛି । ସେଭଳି ତୁରୁମୁଙ୍ଗା ପୋଲ ଉପରେ ମଧ୍ୟ ପ୍ରାୟ ୨ ଫୁଟ ଉଚ୍ଚରେ ବୈତରଣୀ ନଦୀ ଜଳ ପ୍ରଭାବିତ ହେଉଥିବାରୁ ଯାତାୟତ ପ୍ରଭାବିତ ହୋଇଅଛି ।

# ପାଣି ନିଷ୍କାସନ ଅବରୋଧ ପ୍ରତିବାଦରେ ଆକ୍ରମଣ

ଭଦ୍ରକ, ୨୭/୮ (ହି.ସ.) - ଭଣ୍ଡାରିପୋଖରୀ ଥାନା ସାନଶାସନ ପ ।ୟତ ଅନ୍ତର୍ଗତ ବଡଶାସନ ଗ୍ରାମର ଭଗବାନ ସେନାପତିଙ୍କ ଦାଣ୍ଡ ସମ୍ମୁଖରେ ଜଳନିଷ୍କାସନ ପାଇଁ ଥିବା ନାଳକୁ ଗ୍ରାମର ଧନେଶ୍ୱର ବେହେରା, ରବିନ୍ଦ୍ର ବେହେରା, ମହେଶ୍ୱର ବେହେରା ଗତ ମଙ୍ଗଳବାର ଅବରୋଧ କରୁଥିବା ବେଳେ ଭଗବାନ ସେନାପତି ଓ ତାଙ୍କ ପୁଅ ଲକ୍ଷ୍ମୀଶଙ୍କର ପ୍ରତିବାଦ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଅବରୋଧକାରୀ ମାନେ ଲକ୍ଷ୍ମୀଶଙ୍କରଙ୍କୁ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଫାଟିଯିବା ସହ ସହ ମା' କମଳାକୁମାରୀଙ୍କ ହାତରେ ଆଘାତ ଲାଗିଛି। ଲକ୍ଷ୍ମୀଶଙ୍କର ମେଡିକାଲରେ ଚିକିତ୍ସିତ ହୋଇ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ୧୫୫/ ୨୦ ନଂ ମାମଲା ଅବରୋଧ ଓ ଆକ୍ରମଣକାରୀଙ୍କ ନାମରେ ରୁଜୁ ହୋଇଛି। ମଞ୍ଜୁରୀରୋଡ ଫାଣ୍ଡି ପୁଲିସ ରାଜସ୍ୱ ନୀରିକ୍ଷକଙ୍କ ସହ ଅବରୋଧ ନାଳକୁ ଜଳନିଷ୍କାସନ ଉପଯୋଗୀ କରାଇଛନ୍ତି।

## ଯାଜପୁର ଜିଲ୍ଲାରେ ବନ୍ୟା ଆଶଙ୍କା, ପ୍ରସ୍ତୁତ ରହିବାକୁ ଜିଲ୍ଲା ପ୍ରଶାସନକୁ ପରାମର୍ଶ


ଭୁବନେଶ୍ୱର,୨୭।୮ (ନି.ପ୍ର): ଗତ ୨୪ ଘଂଟାରେ ବୈତରଣୀ ନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ହେବା କାରଣରୁ ଯାଜପୁର ଜିଲ୍ଲାରେ ବନ୍ୟା ଆଶଙ୍କା ରହିଛି । ତେଣୁ ରାଜ୍ୟ ସରକାର ଯାଜପୁର ଜିଲ୍ଲାପାଳଙ୍କୁ ଏନେଇ ସତର୍କ ରହିବା ସହ ତୁରନ୍ତ ଆବଶ୍ୟକୀୟ ସୁରକ୍ଷା କାର୍ଯ୍ୟକ୍ରମ ହାତକୁ ନେବାକୁ ନିର୍ଦ୍ଦେଶ ଦେଇଥିବା ଜଣା ପଡିଛି । ଅନ୍ୟ ପକ୍ଷରେ ଯାଜପୁର ଜିଲ୍ଲାପାଳ ରଂଜନ କୁମାର ଦାସ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସିଡିପିଓ ଓ ଅଙ୍ଗନୱାଡି କର୍ମୀମାନେ ଏହି ପ୍ରଭାବିତ ଅଂଚଳରେ ଥିବା ପ୍ରସୂତି, ଗର୍ଭବତୀ ଓ ଛୋଟ ପିଲାଙ୍କୁ କିପରି ସୁରକ୍ଷିତ ରଖାଯାଇପାରିବ ସେ ନେଇ ବ୍ୟବସ୍ଥା କରିବାକ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ବଗଲା ଧର୍ମଶାଳା ଜମି ସ୍କାମ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଏଜେଂଟ ସାଜିଛନ୍ତି ଜିଲ୍ଲାପାଳ : କଂଗ୍ରେସ

ଭୁବନେଶ୍ୱର,୨୭।୮ (ନି.ପ୍ର): ଶ୍ରୀମନ୍ଦିର ସୁରକ୍ଷା କରିଡର ନାଁରେ ସରକାରଙ୍କୁ ବିଶ୍ୱାସ କରି ଜମି ହରାଇଥିବା ପୁରୀର ସମସ୍ତ ବ୍ୟକ୍ତି ଠକାମୀର ଶିକାର ହୋଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ସତ୍ୟ ପ୍ରକାଶ ନାୟକ କହିଛନ୍ତି ଯେ ଶ୍ରୀମନ୍ଦିର ଚର୍ତୁଃପାର୍ଶ୍ୱରେ ୭୫ ମିଟର ପରିଧି ଭିତରେ ଯେତେ ଜମି ଅଧିଗ୍ରହଣ କରାଯାଇଛି ଏ ସଂପୂର୍ଣ୍ଣ ପ୍ରକରଣ ବେଆଇନ୍ ଏବଂ ଅସିଦ୍ଧ। ଭୂମି ଅଧିଗ୍ରହଣ ପୁନର୍ବାସ ଓ ଥଇଥାନ ଆଇନ୍ - ୨୦୧୩ ଅନୁଯାୟୀ ଜିଲ୍ଲା ପ୍ରଶାସନ ଜମି ଅଧିଗ୍ରହଣ କରିନାହିଁ। ଜିଲ୍ଲା ପ୍ରଶାସନକୁ ଯେଉଁମାନେ ଜମି ହସ୍ତାନ୍ତର କରିଛନ୍ତି ତାହା ବେଆଇନ୍। ବେଆଇନ୍ କାର୍ଯ୍ୟର ଏ ସଂପୂର୍ଣ୍ଣ ପ୍ରକରଣରେ ପୁରୀ ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏଜେଂଟ ଭଳି କାର୍ଯ୍ୟ କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଥିସହ ବଗଲା ଧର୍ମଶାଳା ଜମି ପ୍ଲଟିଂ ବିବାଦରେ ଜିଲ୍ଲାପାଳଙ୍କ ପକ୍ଷରୁ ଟୁଇଟ୍ କରି କୁହାଯାଇଛି ଯେ ପୁରୀ ମ୍ୟୁନିସିପାଲିଟି ପକ୍ଷରୁ ୨୫ ଅକ୍ଟୋବର ୨୦୧୯ ରେ ବଗଲା ଧର୍ମଶାଳା ଜମିକୁ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଅନୁମତି ଦିଆଯାଇଥିଲା। ତା'ର ଆଧାରରେ ବଗଲା ଧର୍ମଶାଳା ଜମିକୁ ଆଇନତଃ ରାଜସ୍ୱ ବିଭାଗକୁ ଆସିବା ପରେ କ୍ଷତିଗ୍ରସ୍ତ ଲଜିଂ ମାଲିକମାନଙ୍କୁ ଦିଆଯାଇଛି। ଅସଲରେ ସେହି ଚିଠିରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦର୍ଶାଯାଇଛି ଯେ ଅଭଡା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ବଗଲା ଧର୍ମଶାଳା ଜମିକୁ ରାଜସ୍ୱ ବିଭାଗକୁ ଦିଆଯିବ। ସେହିପରି ଜମି ହସ୍ତାନ୍ତର ପୂର୍ବରୁ ସବିଶେଷ ସର୍ତ୍ତାବଳୀ ପ୍ରସ୍ତୁତ କରାଯିବ ଏବଂ ସେହି ଆଧାରରେ ଜମି ହସ୍ତାନ୍ତର କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି ବୋଲି କଂଗ୍ରେସ କହିଛି। ଜିଲ୍ଲାପାଳ ବଳବନ୍ତ ସିଂ କେଉଁ ଆଇନ୍ ଓ କ୍ଷମତା ବଳରେ ଦୁଇଟି ମିସ୍‌କେସ୍ ଜରିଆରେ ଜମିର ମାଲିକାନା ସତ୍ୱକୁ ଲଜିଂ ହାଉସିଂ ଫଣ୍ଡରୁ ରାଜସ୍ୱ ବିଭାଗକୁ ହସ୍ତାନ୍ତର କଲେ ତାକୁ ନେଇ ପ୍ରଶ୍ନ କରିଛି କଂଗ୍ରେସ। ୫ ଅକ୍ଟୋବର ୨୦୧୯ ରିଖରେ ପୁରୀ ମ୍ୟୁନିସିପାଲିଟି ପକ୍ଷରୁ ହାଉସିଂ ଏବଂ ଅର୍ବାନ୍ ଡେଭଲପମେଂଟ ବିଭାଗକୁ ଦିଆଯାଇଥିବା ଏକ ଚିଠିର ଉଲ୍ଲେଖ କରିଥିଲେ, ଯେଉଁଥିରେ ବଗଲା ଧର୍ମଶାଳା ଜମି ହସ୍ତାନ୍ତର ବାବଦରେ ସର୍ତ୍ତ ରଖାଯାଇଛି ଯେ ଜମି ଦେବା ପୂର୍ବରୁ ବଗଲା ଧର୍ମଶାଳା ଜମିର ବଜାର ଦର ଏବଂ ଏହା ଉପରେ ଥିବା କୋଠାର ବଜାର ଦର ସହିତ କ୍ଷତିପୂରଣ ଅର୍ଥ ରାଶି ମଧ ପ୍ରଦାନ କରାଯିବ। କିନ୍ତୁ ଆଶ୍ଚର୍ଯ୍ୟର କଥା ଜିଲ୍ଲାପାଳ ନିଜେ ସ୍ପଷ୍ଟୀକରଣ ଦେଇ ସ୍ୱୀକାର କରିଛନ୍ତି ଯେ ସଂପୃକ୍ତ ଜମିକୁ ବଜାର ଦର ବଦଳରେ ବେଂଚ ମାର୍କ ମୂଲ୍ୟରେ ବିକ୍ରୟ କରିଛନ୍ତି। ଯାହାକି ସର୍ତ୍ତାବଳୀର ଖୋଲାଖୋଲି ଉଲ୍ଲଘନ ଏବଂ ଏଥିଯୋଗୁଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଥିସହିତ ଜମି ହସ୍ତାନ୍ତର ସଂପର୍କରେ ସର୍ତ୍ତାବଳୀ ଚିଠିର ନକଲ ୨୪ ଘଂଟା ଭିତରେ ଜିଲ୍ଲାପାଳ ସର୍ବସାଧାରଣରେ ପ୍ରକାଶ କରନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଶ୍ରୀ ନାୟକ ଆହ୍ୱାନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ମନୋରଞ୍ଜନ ଦାଶ, ଜ୍ଞାନଦେବ ବେଉରା, ପ୍ରଶାନ୍ତ ଶତପଥି, ରଜନୀ ମହାନ୍ତି ଓ ଦୀପକ ମହାପାତ୍ର ଉପସ୍ଥିତ ଥିଲେ।


# ଲଘୁଚାପ ଜନିତ ବର୍ଷା ହେଲା କାଳ : ସହର ମଧ୍ୟକୁ ପଶିଲା ପାଣି

## ଜିଲ୍ଲାର ଅନେକ ସ୍ଥାନରେ ଲୋକ ହେଲେ ଜଳବନ୍ଦୀ: ଭୁଶୁଡ଼ିଲା କୋଠା



ବାରିପଦା,୨୭।୮ (ନି.ପ୍ର): ବାରିପଦା ସହର ଏକ ଲଗାଣ ବର୍ଷା ଯେ ସହିବାକୁ ଅସମର୍ଥ ତାହା ଆଜି ଧରା ପଡ଼ିଯାଇଛି। ବଙ୍ଗୋପ ସାଗରରେ ସୃଷ୍ଟ ଲଘୁଚାପ ଲୋ ପ୍ରେସରରେ ପରିଣତ ହେବା ଦ୍ୱାରା ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ଲାଗି ରହିଛି। ମୟୁରଭଞ୍ଜ ଜିଲ୍ଲାର ସମେତ ବାରିପଦାରେ ସୋମବାର ଠାରୁ ଲଗାଣ ବର୍ଷା ଲାଗି ରହିଛି। ବର୍ଷା ଫଳରେ ବୁଢାବଳଙ୍ଗ ନଦୀରେ ବନ୍ୟା ପାଣି ଭରି ରହିଛି। ନଦୀ ପାଖକୁ ଲାଗି ରହିଥିବା ବସ୍ତି ଅଞ୍ଚଳରେ ମଧ ବନ୍ୟା ପାଣି ମାଡ଼ି ଆସିଥିଲା। ପ୍ରବଳ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାର ବାରିପଦା ସହର ଦେଇ ପ୍ରବାହିତ ଜରାଳି ଓ ସରାଳି ନଦୀରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ଲାଗି ରହିଥିବା ତୁହାକୁ ତୁହା ବର୍ଷା ଯୋଗୁଁ ମଙ୍ଗଳବାର ରାତ୍ରିରେ ସହର ମଧକୁ ପାଣି ପ୍ରବେଶ କରିଥିଲା। ଲଗାଣ ବର୍ଷା ଯୋଗୁଁ ସହରର ବିଭିନ୍ନ ଅଞ୍ଚଳର ଲୋକ ଜଳବନ୍ଦୀ ଯୋଗୁଁ ଘର ବାହାରକୁ ଯାଇ ପାରୁନାହାନ୍ତି। ଏହି ଦୁଇ ନଦୀରେ ଜଳସ୍ତର ବଢିବା ଦ୍ୱାରା ବାରିପଦା ସହର ମଧକୁ ବନ୍ୟା ଜଳ ପ୍ରବେଶ କରିଥିଲା। ଏହା ଦ୍ୱାରା ବାରିପଦା ପୌରପରିଷଦ ଅଞ୍ଚଳର ଅଧିକାଂଶ ୱାର୍ଡ ଗୁଡିକ ପାଣି ଘେରରେ ରହିବା ସହିତ ସ୍ଥାନୀୟ ବାସିନ୍ଦାଙ୍କ ଆଖିରୁ ନିଦ ହଜାଇ ଦେଇଥିଲେ। ସହରର ଏ ମୁଣ୍ଡରୁ ଆରମ୍ଭ କରି ସେ ମୁଣ୍ଡ ଯାଏ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି ଜଳମଗ୍ନର ଚିତ୍ର। କେଉଁଠି ଘର ଭିତରେ ପାଣି ପଶିଗଲାଣି ତ କେଉଁଠି ରାସ୍ତା ବୁଡ଼ି ଯାଇଥିବାରୁ ଲୋକେ ପଦାକୁ ବାହାରି ପାରୁ ନାହାଁନ୍ତି। ସହରର ଅଧିକାଂଶ ଅଞ୍ଚଳରେ ବର୍ଷା ପାଣି ଉବୁଟୁବୁ ହେଉଥିଲା। ମିଳିଥିବା ସୂଚନା ଅନୁଯାୟୀ, ବାରିପଦା ସହରର ବିଭିନ୍ନ ଅଂଚଳରେ ବର୍ଷା ହେବା ଫଳରେ ୱାର୍ଡ ନମ୍ବର ୩, ୭, ୮, ୯, ୧୦, ୧୧, ୧୫, ୧୭, ୧୯ ଆଦି ସହରର ବହୁ ଅଞ୍ଚଳରେ ବର୍ଷା ପାଣିକୁ ନେଇ ଭାଳେଣି ପଡିଥିଲା। ତେବେ ଲଗାଣ ବର୍ଷା ଯୋଗୁଁ ଜିଲ୍ଲା ସମେତ ବାରିପଦା ସହରରେ ଘର ଭୁଶୁଡ଼ି ପଡ଼ିବା ସହିତ କ୍ଷତିଗ୍ରସ୍ତ ବି ହୋଇଛି। ବାରିପଦା ସହରର ମଧୁବନ ଅଞ୍ଚଳରେ ଥିବା ଏକ କୋଠା ଘର ବର୍ଷା ଯୋଗୁଁ ଭାଙ୍ଗି ପଡିଛି। ଗତ ୨୪ ଘଣ୍ଟା ମଧରେ ମୟୂରଭ ଜିଲ୍ଲାରେ ମୋଟ ୧୨୨ ଦଶମିକ ୧୮ ମିଲିମିଟର ବୃଷ୍ଟିପାତ ହୋଇଥିବା ବେଳେ ବାରିପଦା ବ୍ଲକରେ ସର୍ବାଧିକ ୨୦୭ ମିଲିମିଟର ବୃଷ୍ଟିପାତ ହୋଇଛି। ଉପର ମୁଣ୍ଡରେ ଅତ୍ୟଧିକ ବୃଷ୍ଟିପାତ ଫଳରେ ବୁଢାବଳଙ୍ଗ ନଦୀରେ ଜଳସ୍ତର ବୃଦ୍ଧି ପାଇବା ସହିତ ସତର୍କ ସଂକେତ ପହଞ୍ଚିଛି। ତେବେ ଗତକାଲି ଲଘୁଚାପ ଜନିତ ବର୍ଷା କମିଥିବା ବେଳେ ରାସଗୋବିନ୍ଦପୁର, ମୋରଡା, ଶୁଳିଆପଦା, ଚିତ୍ରଡା ଆଦି ନଦୀର ଉପର ମୁଣ୍ଡ ଅଞ୍ଚଳରେ ନଦୀର ଜଳସ୍ତର କ୍ରମଶଃ ବଢିଛି। ଏଥି ସହିତ ଜିଲ୍ଲାର ବିଭିନ୍ନ ରାସ୍ତା ସମେତ ଜାତୀୟ ରାଜପଥ ଓ ପୋଲ ମାନଙ୍କ ଉପରେ ବନ୍ୟା ଜଳ ପ୍ରବାହିତ ହୋଇଥିଲା। ଯାହା ଫଳରେ ବିଭିନ୍ନ ସ୍ଥାନକୁ ଯୋଗାଯୋଗ ବିଚ୍ଛିର୍ଣ୍ଣ ହୋଇଛି। ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜ ପଥରେ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଜିଲ୍ଲାର ସୁକ୍ରୁଳିରୁ କେନ୍ଦୁଝରକୁ ଯୋଗାଯୋଗ ବିଚ୍ଛିର୍ଣ୍ଣ ହୋଇଯାଇଛି। ୪୯ ନମ୍ବର ଜାତୀୟ ରାଜପଥ ଧକଟା ସାନପୋଲ ଠାରେ ଡାଇଭର୍ଶନ ତଳକୁ ଟ୍ରକ ଖସିବା ଫଳରେ ପାଣି ସ୍ରୋତରେ ଜଣେ ମୃତ ହେବା ସହିତ ଜଣେ ନିଖୋଜ ହୋଇଯାଇଛି। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥିତି ଅନୁଧ୍ୟାନ କରାଯାଉଛି। ଏହା ସହିତ ଯେକୌଣସି ପରିସ୍ଥିତିର ମୁକାବିଲା ନିମନ୍ତେ ପ୍ରସ୍ତୁତ ଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖିଯାଇଛି। ଜିଲ୍ଲା ପ୍ରଶାସନ ଏବଂ ମ୍ୟୁନିସିପାଲଟି ତରଫରୁ ପ୍ରଭାବିତ ଲୋକ ମାନଙ୍କୁ ଅସ୍ଥାୟୀ ଶିବିରରେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି। ବାରିପଦା ସହରରେ ଡ୍ରେନେଜ ବ୍ୟବସ୍ଥାରେ ତୃଟି ଯୋଗୁଁ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ତେବେ କେଉଁ ତ୍ରୁଟି ଯୋଗୁଁ ଗୋଟିଏ ଲଗାଣ ବର୍ଷାରେ ଆଜି ବାରିପଦା ସହରର ଲୋକ ଆଖିରୁ ଲୁହ ଗଡୁଛି ତାହା ଏବେ ବଡ଼ ପ୍ରଶ୍ନବାଚି ସୃଷ୍ଟି କରିଛି। ଏଭଳି ପରିସ୍ଥିତିରେ ଲୋକେ କ'ଣ କରିବେ ତାହା ସ୍ଥିର କରି ପାରୁ ନାହାଁନ୍ତି। ଠିକ ଭାବେ ଡ୍ରେନେଜ ହୋଇ ନ ଥିବାରୁ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ଏପରି କଦର୍ଯ୍ୟ ଅବସ୍ଥା ସୃଷ୍ଟି ହେଉଥିବାର ଅଭିଯୋଗ ମଧ ହୋଇଛି। ତୁର' ବର୍ଷାଜଳ ନିଷ୍କାସନ ପାଇଁ ବାରିପଦା ପୋ ?ରପରିଷଦ କର୍ତ୍ତୃପକ୍ଷ ପଦକ୍ଷେପ ନେବା ଜରୁରି ହୋଇପଡ଼ିଛି।

## ଓଜନ ନବଢ଼ିବାକୁ ନୂଆ ବଟିକା




ବର୍ତ୍ତମାନ ଅଷ୍ଟ୍ରେଲିଆର ବୈଜ୍ଞାନିକମାନେ ମେଦବହୁଳତାରୁ ମୁକ୍ତି ପାଇବା ଲାଗି ଏକ ବଟିକା ପ୍ରସ୍ତୁତିରେ ଲାଗିଛନ୍ତି, ଯାହା ଶେଷ ପର୍ଯ୍ୟାୟରେ ବୋଲି ସେମାନେ ଦାବି କରୁଛନ୍ତି । ଏହି ବଟିକା ଖାଇବା ଦ୍ୱାରା ଅତିରିକ୍ତ ଓଜନ ବୃଦ୍ଧି ହେବନାହିଁ । ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି 'ଆରକ୍ୟାନ୍ ୱାନ' ନାମକ ଜିନ୍ ଅଭାବରେ ବ୍ୟକ୍ତି ଶରୀରରେ ଚର୍ବି ଜମା ହୁଏନାହିଁ ଏବଂ ଅତିରିକ୍ତ ଓଜନ ବୃଦ୍ଧି ମଧ୍ୟ ହୋଇନଥାଏ । ତେଣୁ ନୂଆ ବଟିକା ଏହି ଜିନ୍ ଦ୍ୱାରା ଲୋକଙ୍କ ଓଜନ ନିୟନ୍ତ୍ରଣରେ ସହାୟକ ହୋଇପାରିବ । ଆଗାମୀ ୩୦ବର୍ଷ ମଧ୍ୟରେ ବିଶ୍ୱର ଏକ-ତୃତୀୟାଂଶ ଲୋକ ମେଦ ବହୁଳତାର ଶିକାର ହୋଇପାରନ୍ତି ବୋଲି ଚିକିତ୍ସା ସମୀକ୍ଷା ଚେତାବନୀ ଦେଇଥିବା ସମୟରେ ସଦ୍ୟ ଅଧ୍ୟୟନର ଫଳାଫଳ ନୂଆ ଆଶା ସଂଚାର କରିପାରେ ବୋଲି ଗବେଷକମାନେ କହିଛନ୍ତି । ବିଶ୍ୱର ଅଧିକାଂଶ ଅଞ୍ଚଳକୁ କବଳିତ କରିଛି ମେଦବହୁଳତା । ଏହାକୁ ନେଇ ସାଧାରଣ ଲୋକ ଯେତିକି ଚିନ୍ତାରେ, ତା'ଠୁ ବେଶି ଚିନ୍ତିତ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ । ମେଦବୃଦ୍ଧି ସହ ଲଢ଼ିବା ପାଇଁ ସରକାର ମଧ୍ୟ ନୂଆନୂଆ ଉପାୟ ସାମ୍ନାକୁ ଆଣୁଛନ୍ତି ।

## ଭୋଗ ବର୍ଗର, ବ୍ରାଉନିଜ, ସ୍ୟାଣ୍ଡୱିଚ୍



ଆପଣ ଆଜିଯାଏ ଏମିତି ବହୁତ ମନ୍ଦିର ଦେଖିଥିବେ, ଯେଉଁଠାରେ ଭୋଗ ଭାବରେ ମିଳିଥାଏ ଲଡୁ, ପେଡ଼ା, ବୁନ୍ଦି କିମ୍ବା ଫଳ । କିନ୍ତୁ କେବେ ଏମିତି ମନ୍ଦିର ଦେଖିଛନ୍ତି, ଯେଉଁଠାରେ ପ୍ରସାଦ ଭାବରେ ବର୍ଗର ଓ ସ୍ୟାଣ୍ଡୱିଚ୍ ଭଳି ଫାଷ୍ଟଫୁଡ୍ ମିଳିଥାଏ । ଯଦି ଦେଖିନାହାନ୍ତି ଥରେ ବୁଲି ଆସନ୍ତୁ 'ଜୟ ଦୁର୍ଗା ପୀଠମ୍ ମନ୍ଦିର' । କୁହାଯାଏ - ହିନ୍ଦୁଧର୍ମରେ ମାନ୍ୟତା ରହିଛି ଯେ ପ୍ରସାଦ ନେବାକୁ ମନା କଲେ, ଭଗବାନ ରୁଷ୍ଟ ହୁଅନ୍ତି । ପ୍ରସାଦକୁ ଭଗବାନଙ୍କ ଆଶୀର୍ବାଦ ଭାବେ ଗ୍ରହଣ କରାଯାଏ । କିନ୍ତୁ ଯେତେବେଳେ ବର୍ଗର, ସ୍ୟାଣ୍ଡୱିଚ୍ ଓ ବ୍ରାଉନିଜର କଥା ଉଠେ ଶ୍ରଦ୍ଧାଳୁମାନଙ୍କ ଖୁସି ଦୁଇଗୁଣା ହୋଇଯାଏ । ଶ୍ରଦ୍ଧାଳୁଙ୍କ ଖୁସିକୁ ବୁଝିପାରିଥିବା ଏହି ମନ୍ଦିରଟି ରହିଛି ତାମିଲନାଡୁରେ । ଚେନ୍ନାଇରେ ଜୟ ଦୁର୍ଗା ପୀଠମ୍ ମନ୍ଦିର ଅବସ୍ଥିତ । ଏଠାରେ ପ୍ରସାଦ ଭାବରେ ବର୍ଗର, ବ୍ରାଉନିଜ୍, ସ୍ୟାଣ୍ଡୱିଚ୍ ଓ ଚେରୀଟମାଟୋ ସାଲାଡ ଦିଆଯାଏ । ମିଳିଥିବା ରିପୋର୍ଟ ଅନୁସାରେ, ଜଣେ ହର୍ବାଲ ଅଙ୍କୋଲୋଜିଷ୍ଟ ଏହି ମନ୍ଦିରର ସ୍ଥାପନ କରିଥିଲେ । ସେ ହେଉଛନ୍ତି ଶ୍ରୀ ଧର । ସେ ଏହି ମନ୍ଦିରର ଏଭଳି ପ୍ରସାଦ କରିବା ପାଇଁ କହିଥିଲେ । କୁହାଯାଏ ଏଠାକୁ ଆପଣ ଯାହା ଶ୍ରଦ୍ଧା ଓ ପବିତ୍ର ମନରେ ଅର୍ପଣ କରିବେ, ତାହା ପୂଜା କରାଯିବ । ଏଠାକୁ ବହୁ ଶ୍ରଦ୍ଧାଳୁ ଆସି ଏଭଳି ପ୍ରସାଦ ଗ୍ରହଣ କରିଥାନ୍ତି । ଏଠାରେ ଭୋଗ କରାଯାଉଥିବା ଏ ସମସ୍ତ ସାମଗ୍ରୀକୁ ମଧ୍ୟ 'ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ ଅଥରିଟି ଅଫ ଇଣ୍ଡିଆ' ଦ୍ୱାରା ପ୍ରମାଣିତ କରାଯାଇଥାଏ । ତା ସହିତ ଏହି ପ୍ୟାକେଟ ଉପରେ ଏକ୍ସପାରୀ ତାରିଖ ମଧ୍ୟ ଉଲ୍ଲେଖ ହୋଇଥାଏ । ମନ୍ଦିରରେ ପ୍ରସାଦ ବିତରଣ ପାଇଁ ଭେଣ୍ଡିଂ ମେସିନ ମଧ୍ୟ ଲଗାଯାଇଛି ।


## 'ମାଙ୍ଗୀ - ତୁଙ୍ଗୀ' ଜୈନ ତୀର୍ଥ




ମହାରାଷ୍ଟ୍ରର ନାଶିକ ଜିଲ୍ଲା ଅନ୍ତର୍ଗତ ସଟାଣାରେ ରହିଛି ମାଙ୍ଗୀ - ତୁଙ୍ଗୀ ତୀର୍ଥ । ମାଙ୍ଗୀ ଓ ତୁଙ୍ଗୀ ହେଉଛି ଦୁଇଟି ଯମଜ ଗିରି ଶୃଙ୍ଗ । ଦୁଇ ଶୃଙ୍ଗ ଉପରେ ରହିଛି ଗୁଡିଏ ମନ୍ଦିର । ତେଣୁ ଏ ସ୍ଥାନଟିକୁ ମାଙ୍ଗୀ - ତୁଙ୍ଗୀ ତୀର୍ଥ କୁହାଯାଏ । ସେଠାରେ ବହୁ ସାଧୁଙ୍କୁ ନିର୍ବାଣ ପ୍ରାପ୍ତ ହୋଇଥିଲା । ମାଙ୍ଗୀର ଉଚ୍ଚତା ୧୩୨୪ ମିଟର ଏବଂ ତୁଙ୍ଗୀର ୧୩୩୧ମିଟର । ମାଙ୍ଗୀ - ତୁଙ୍ଗୀ ତୀର୍ଥ ଭାରତରେ ଥିବା ପ୍ରସିଦ୍ଧ ଜୈନ ସିଦ୍ଧ କ୍ଷେତ୍ର ମଧ୍ୟରେ ଅନ୍ୟତମ । ଶୃଙ୍ଗ ଉପରକୁ ଉଠିବା ପାଇଁ ୪୫୦୦ଟି ପାହାଚ ରହିଛି । ପଥ ମଧ୍ୟରେ ମଣିଷ ତିଆରି ଗୁହାମାନ ଦେଖିବାକୁ ମିଳେ । ଗୁହା ଗୁଡିକ 'ମହାବୀର,' 'ଆଦିନାଥ,' 'ଶାନ୍ତିନାଥ ଓ ପାର୍ଶ୍ୱନାଥ' ଭାବେ ନାମିତ । ମାଙ୍ଗୀ ଉପରେ ସାତଟି




ମନ୍ଦିର ଓ କୃଷ୍ଣ କୁଣ୍ଡ ନାମକ ପୁଷ୍କରିଣୀ ଅଛି । କୃଷ୍ଣ ଓ ବଳରାମ ସେଠାରେ କିଛି କାଳ ରହିଥିବାର ବିଶ୍ୱାସ କରାଯାଏ । ଗୋଟିଏ ଗୁହାରେ ବଳରାମଙ୍କ ପ୍ରତିମା ପୂଜା ପାଉଛନ୍ତି । ତୁଙ୍ଗୀ ଉପରେ ପାଞ୍ଚଟି ମନ୍ଦିର ରହିଛି । ସେଠାକାର ଗୋଟିଏ ଗୁହା 'ରାମଚନ୍ଦ୍ର' ଭାବେ ନାମିତ । ମାଙ୍ଗୀ - ତୁଙ୍ଗୀ ତୀର୍ଥ ଅନ୍ତର୍ଗତ ମନ୍ଦିର, ପ୍ରତିମା, ଗୁହା ଆଦି ନିର୍ଦ୍ଦିଷ୍ଟ ଭାବେ କେବେ ତିଆରି କରାଯାଇଥିଲା ଜଣା ଯାଏ ନାହିଁ । ଚାରିଶହ ବର୍ଷ ତଳେ ମୂଳହରରେ ରାଜୁତି କରୁଥିବା ରଥୋଡ ରାଜା ବିରାମଦେଓଙ୍କ ନାମ କେତେକ ସ୍ଥାନରେ ଉଲ୍ଲେଖ ଥିବାରୁ, ତାଙ୍କ ସମୟରେ କିଛି ମନ୍ଦିର ତିଆରି କରାଯାଇଥିଲା ବୋଲି ବିଶ୍ୱାସ ରହିଛି । ମାଙ୍ଗୀ - ତୁଙ୍ଗୀ ପାହାଡ ତଳେ ଥିବା ଉପତ୍ୟକାରେ ମଧ୍ୟ ଏକ ବିଶାଳ ମନ୍ଦିର ରହିଛି । ସେଠାରେ ନଅ ଶହ ଯାତ୍ରୀଙ୍କ ରହିବା ପାଇଁ ବ୍ୟବସ୍ଥା ଥିବାର ଜଣାଯାଏ । କାର୍ତ୍ତିକ ମାସରେ ମାଙ୍ଗୀ - ତୁଙ୍ଗୀ ତୀର୍ଥରେ ବିଶାଳ ମହୋତ୍ସବ ପାଳିତ ହୁଏ ।



## ଅଣ୍ଡା କମାଏ ହୃଦରୋଗ !




ଅଣ୍ଡାରେ କୋଲେଷ୍ଟ୍ରଲ୍ ପରିମାଣ ଅଧିକ ଥିଲେ ହେଁ, ତାହା ହୃଦ ରୋଗ ଦୂରକାରୀ । ପ୍ରତି ଦିନ ଗୋଟିଏ ଅଣ୍ଡା ଖାଇବା ଦ୍ୱାରା ହୃତପିଣ୍ଡ ସୁରକ୍ଷିତ ରହୁଥିବା ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି । 'ଜର୍ନଲ ହାର୍ଟ'ରେ ପ୍ରକାଶିତ ରିପୋର୍ଟ ଅନୁସାରେ, ପୁଷ୍ଟିସାର ବ୍ୟତୀତ ଅଣ୍ଡାରେ ଫୋସ୍ଫୋଲିପିଡସ ଓ କାରୋଟେନୋ ଏଡ୍ ଉପାଦାନ ରହିଛି । ଏହା ହୃତପିଣ୍ଡର ସ୍ୱାସ୍ଥ୍ୟ ପାଇଁ ଉପକାରୀ । କର୍କଟ, ହୃଦରୋଗ ଓ ମଧୁମେହ ଆକ୍ରାନ୍ତ ହୋଇ ନ ଥିବା ଚାରି ଲକ୍ଷରୁ ଅଧିକ ବ୍ୟକ୍ତିଙ୍କୁ ଅଧ୍ୟୟନ ପରେ ଏହି ନିଷ୍କର୍ଷ ମିଳିଥିଲା । ପ୍ରତି ଦିନ ଅଣ୍ଡା ଖାଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହୃଦ୍- ଧମନୀ ରୋଗ ଆଶଙ୍କା ଅଠର ପ୍ରତିଶତ କମିଥିଲା ।

## ଧୂମପାନରୁ କ୍ରୋଧ ଜାତ



ଧୂମପାନ କରୁଥିବା ଲୋକମାନେ ଅଧିକ ରାଗିଥାନ୍ତି । ଏଥିଯୋଗୁଁ ଧୀରେ ଧୀରେ ସେମାନଙ୍କର ସ୍ୱଭାବରେ ପରିବର୍ତ୍ତନ ଆସିଥାଏ । ତେବେ ଏ ସମ୍ପର୍କରେ ସେମାନେ ନିଜେ ଜାଣିପାରିନଥାନ୍ତି; କିନ୍ତୁ ସ୍ୱଭାବ ଓ ଚିନ୍ତାଧାରାରେ କ୍ରମାଗତ ପରିବର୍ତ୍ତନ ହୋଇଥାଏ । ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡିଛି । ଏତଦ୍‌ବ୍ୟତୀତ ଧୂମପାନକାରୀ ମାନେ ଜୀବନରେ ଅଧିକ ମଉଜମସ୍ତି କରିଥାନ୍ତି ବୋଲି ଗବେଷକମାନେ କହିଛନ୍ତି । ତେବେ ଏହି କାରଣରୁ ମସ୍ତିଷ୍କ ଉପରେ ବିଶେଷ ପ୍ରଭାବ ପଡିଥାଏ ଯାହା ଦ୍ୱାରା ମଣିଷ ଅଧିକ କ୍ରୋଧୀ ହୋଇଥାଏ ।

## ମହକର ମାହାତ୍ମ୍ୟ



ଅନୁସନ୍ଧାନ କରିବାକୁ ଯାଇ ମରିସ୍ ଦେଖିଲେ ଯେଉଁ ପାତ୍ରରେ ସେ ହାତ ବୁଡ଼େଇଥିଲେ ତାହା ପାଣିପାତ୍ର ନଥିଲା, ତାହା ଥିଲା ଲ୍ୟାଭେଣ୍ଡର ଫୁଲର ନିର୍ଯ୍ୟାସରୁ ବାହାର କରାଯାଇଥିବା ସୁଗନ୍ଧି ତେଲ । ସେଇଦିନଠୁ ଲ୍ୟାଭେଣ୍ଡରର ନାଁ ଯୁକ୍ତ ହେଲା ସୁଗନ୍ଧି ଚିକିତ୍ସା ବା 'ଆରୋମା ଥେରାପି' ସହିତ । ଫ୍ରାନ୍ସରେ ଏ ପଦ୍ଧତି ଖୁବ୍ ଲୋକପ୍ରିୟ ଏବେ । ପ୍ରାୟ ୯୦ ବର୍ଷ ତଳର ଏହି ଚିକିତ୍ସା ପଦ୍ଧତି ଏବେ ଖୁବ୍ ଲୋକପ୍ରିୟ ହେବାରେ ଲାଗିଛି । ସୌନ୍ଦର୍ଯ୍ୟ ଏବଂ ରୂପଚର୍ଯ୍ୟାରେ ଏହା ଅପରିହାର୍ଯ୍ୟ ହୋଇପଡ଼ିଛି । କେତେକ ଗନ୍ଧ ଆମକୁ ଉତ୍ତେଜିତ କରିବା ବେଳେ ଆଉ କେତେକ ଶାନ୍ତ କରି ନିଦ୍ରା ଆଣିଦିଏ । ନିଦ୍ରାହିନତାରେ ଏବେ ଆରୋମାଥେରାପିର ସାହାଯ୍ୟ ନିଆଯାଉଛି । ପ୍ୟାରିସର 'ଆରୋମାଟିକ ରିସର୍ଚ୍ଚ'




ଗବେଷଣାରୁ ଜଣାଯାଇଛି , ବାସ୍ନାର ମଧ୍ୟ ରୋଗ ଉପଶମ କ୍ଷମତା ରହିଛି । ମାନସିକ ବିକାରଗ୍ରସ୍ତ ଏବଂ ସ୍ମୃତିଶକ୍ତି ହରାଇଥିବା ରୋଗୀମାନଙ୍କଠାରେ ବାସ୍ନା ବ୍ୟବହାର କରି ସେମାନଙ୍କ ସ୍ମୃତିଶକ୍ତିକୁ ପୁଣି ଫେରାଇ ଆଣିହେଉଛି । ସ୍ମୃତିଶକ୍ତି ହରେଇଥିବା ମଣିଷଟି ଯେଉଁ ପରିବେଶରେ ରହୁଥିଲା ଏବଂ ସେଠି ଯେଉଁସବୁ ବାସ୍ନାକୁ ସିଏ ଉପଭୋଗ ଆଉ ଅନୁଭବ କରୁଥିଲା ଠିକ୍ ସେଇ ବାସ୍ନା ଯଦି ତା' ନାକରେ ବାଜେ ତେବେ ସେ ତା'ର ସ୍ମୃତିଶକ୍ତି ପୁଣି ଫେରିପାଇଥାଏ । ୧୯୨୦ ମସିହା କଥା । ସବୁଦିନ ଭଳି ସେଦିନ ମଧ୍ୟ ଫରାସୀ ସୁଗନ୍ଧବିତ୍ ରେନ୍ ମରିସ୍ ଗ୍ୟାଟେଫୋୟେ ତାଙ୍କ ଗବେଷଣାରେ ବ୍ୟସ୍ତଥାନ୍ତି । ହଠାତ୍ ନିଆଁ ଲାଗି ତାଙ୍କ ଡାହାଣ ହାତଟି ପୋଡ଼ିଯାଏ । କିଛି ଉପାୟ ନପାଇ ସେ ସଙ୍ଗେ ସଙ୍ଗେ ତାଙ୍କର ସେଇ ହାତଟିକୁ ବୁଡ଼େଇ ଦିଅନ୍ତି ପାଖରେ ଥିବା ପାଣିପାତ୍ର ଭିତରେ । ଆଉ ସେଇ ମୁହୂର୍ତ୍ତରେ ସେ ପା'ନ୍ତି ଏକ ଅସାମାନ୍ୟ ଅନୁଭୂତି । ପୋଡ଼ା ସ୍ଥାନରେ ହେଉଥିବା ଜ୍ୱଳନ ଏବଂ ଯନ୍ତ୍ରଣା ନିମିଷକେ କୁଆଡ଼େ ଉଭେଇ ଯାଏ । ଏହାର କାରଣ



ସଂସ୍ଥା ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି । ସୁଗନ୍ଧଯୁକ୍ତ ଫୁଲଭରା ଉଦ୍ୟାନ ଭିତରେ ରହୁଥିବା ଯୁବତୀମାନଙ୍କ ବୟସ ଶୀଘ୍ର ଛୁଇଁପାରେ ନାହିଁ । ଏହି ଗବେଷଣା ପାଇଁ ସମାନ ବୟସର ସାତଜଣ ଯୁବତୀଙ୍କୁ ଫୁଲଭରା ପାର୍କ ସଂଲଗ୍ନ ଏକ ଘରେ ରଖାଯିବା ବେଳେ, ସେଇ ବୟସର ଆଉ ସାତଜଣଙ୍କୁ ସେଇସବୁ ଫୁଲର ବାସ୍ନାଠାରୁ ଦୂରେଇ ରଖାଯାଇଥିଲା । ଦୁଇବର୍ଷ ପରେ ଉଭୟ ଦଳକୁ ପରୀକ୍ଷା କରି ଦେଖାଯାଇଥିଲା ଯେ, ସୁଗନ୍ଧଯୁକ୍ତ ଫୁଲ ବଗିଚା ପାଖରେ ଥିବା ଯୁବତୀମାନେ ବେଶୀ ସତେଜ ଥିଲେ ଅନ୍ୟ ସାତଜଣଙ୍କ ତୁଳନାରେ । ସେମାନେ ଏ ଦି'ବର୍ଷ ଭିତରେ ଖୁବ୍ କମ୍ ରୋଗରେ ଆକ୍ରାନ୍ତ ହୋଇଥିଲେ । ସେମାନେ ନିଜ ନିଜ ଭିତରେ ଝଗଡ଼ା ମଧ୍ୟ କରି ନଥିଲେ । ଏଇ ଗବେଷଣାରୁ ଜଣାଯାଇଥିଲା - କେବଳ ଶାରୀରିକ ନୁହେଁ ମାନସିକ ସୁସ୍ଥତା ପାଇଁ ମଧ୍ୟ ବାସ୍ନାର ଗୁରୁତ୍ୱ ଖୁବ୍ ବେଶୀ । ଆଜିକାଲି ବିଭିନ୍ନ ସହରରେ ମସାଜ୍ ପାଇଁ ମଧ୍ୟ ସୁଗନ୍ଧଯୁକ୍ତ ତେଲର ବ୍ୟବହାର କରାଯାଉଛି । ପ୍ରସାଧନରେ ମିଶୁଥିବା ସୁଗନ୍ଧଯୁକ୍ତ ତେଲ ମଧ୍ୟ ତ୍ୱଚାକୁ ସୁସ୍ଥ ରଖିବାରେ ସାହାଯ୍ୟ କରୁଛି । ଆପଣ ଦେଖିଥିବେ, ବେଳେ ବେଳେ ଗୋଟେ ଗୋଟେ ଧୂପକାଠି, ସେଣ୍ଟ କିମ୍ବା ବଡ଼ିସ୍ପ୍ରେର ଗନ୍ଧ ଖୁବ୍ ବିରକ୍ତିକର ଲାଗେ । ସେ ବାସ୍ନା ନାକରେ ବାଜିଲେ ଚିଡ଼ଚିଡ଼ ଲାଗେ ଆଉ କିଏ ପୁଣି ମିଜାଜ୍ ଖୁସ୍ କରିଦିଏ । ଏଇଥିରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ, ଗନ୍ଧକର ମଧ୍ୟ ମନ ଏବଂ ମସ୍ତିଷ୍କ ଉପରେ ପ୍ରଭାବ ରହିଛି ।

## ଡାଇନୋସର ଲୁପ୍ତର କାରଣ

୬୫ ନିୟୁତ ବର୍ଷ ପୂର୍ବର ଘଟଣା ସମ୍ପର୍କରେ ଆମେରିକୀୟ ଗବେଷକ ଏକ ତଥ୍ୟ ପ୍ରକାଶ କରିଛନ୍ତି । ଡାଇନୋସରଙ୍କ ମୃତ୍ୟୁର କାରଣ ସମ୍ପର୍କରେ ଏକ ରୋଚକ ତଥ୍ୟ ଜଣାପଡ଼ିଛି । ଏହି ବୃହତକାୟ ଜୀବଟି ଅତ୍ୟଧିକ ଅଣ୍ଡା କାରଣରୁ ଲୋପ ପାଇଛି । ଡାଇନୋସରଙ୍କ ଜୀବାଶ୍ମକୁ ଅନେକ ପରୀକ୍ଷା କରିବା ପରେ ଏହି ତଥ୍ୟ ପଦାକୁ ଆସିଛି । ପ୍ରାୟ ୭ଟି ଡାଇନୋସରଙ୍କ ଜୀବାଶ୍ମର ପରୀକ୍ଷାରୁ ସାମାନ୍ୟ ତଥ୍ୟ ଜଣାପଡ଼ିଲା । ଆମେରୀକୀୟ ଓ୍ୱେବସାଇଟ୍ ଏ ସଂକ୍ରାନ୍ତୀୟ ଅଧିକ ଖବର ଯଥାଶୀଘ୍ର ପ୍ରକାଶ କରିବ ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୨୮ ଅଗଷ୍ଟ ୨୦୨୦, ଶୁକ୍ରବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆହ୍ୱାନ...

ଦେଶର ସବୁଠାରୁ ପୁରୁଣା ରାଜନୈତିକ ଦଳ କୁହାଯାଉଥିବା ଭାରତୀୟ ଜାତୀୟ କଂଗ୍ରେସରେ କିଛିକାଳ ଧରି ବିଚିତ୍ର ସ୍ଥିତି ଲାଗି ରହିଛି । ଗତ ନିର୍ବାଚନରେ ଦଳର ଖରାପ ପ୍ରଦର୍ଶନ ପରେ ସଭାପତି ରାହୁଲ ଗାନ୍ଧି ନିଜ ପଦରୁ ଇସ୍ତଫା ଦେବା ପରେ କାହାକୁ ଅଧ୍ୟକ୍ଷ ପଦ ଦିଆଯିବ, ସେଥିନେଇ ବହୁ ସମୟ ମନ୍ଥନ ଚାଲିବା ପରେ ବି ସେ ସଭାପତି ପଦରେ ରହିବାକୁ କୁଣ୍ଠା ପ୍ରକାଶ କଲେ । ତାହା ଉତ୍ତାରୁ ରାହୁଲଙ୍କ ମାତା ଓ ପୂର୍ବ ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଅନ୍ତଃବର୍ତ୍ତୀ ଅଧ୍ୟକ୍ଷା ରୂପେ ରଖାଗଲା । ଏହା ଯେହେତୁ ସାମୟିକ ଅବସ୍ଥା, ସୋନିଆ ଗାନ୍ଧୀ ଆଉ ବେଶୀକାଳ ଦାୟିତ୍ୱରେ ରହିବା ସକାଶେ ନଚାହିଁବା ସୂଚିତ ହୋଇଛି । କିନ୍ତୁ ଏହା ଭିତରେ ସଂଗଠନର ବିଭିନ୍ନ ଦିଗରରୁ ତାଙ୍କୁ ଏହି ଅନ୍ତଃବର୍ତ୍ତୀ ଅଧ୍ୟକ୍ଷ ଭାବେ ରଖାଯିବାକୁ ଦାବି ଓ ଚାପ ହେବାରେ ଲାଗିଲା । କଂଗ୍ରେସ କାର୍ଯ୍ୟକାରିଣୀରେ ସାତଘଣ୍ଟାବ୍ୟାପୀ ବୈଠକ ଶେଷରେ ଘୋଷଣା ହୋଇଛି କି, ସୋନିଆ ହିଁ ଇଣ୍ଟେରିମ ପ୍ରେସିଡେଣ୍ଟ ରୂପେ ରହିବେ । ଭାରତୀୟ ଜାତୀୟ କଂଗ୍ରେସର ଅଧିବେଶନ ବସିବା ପର୍ଯ୍ୟନ୍ତ ସେ କଂଗ୍ରେସକୁ ନେତୃତ୍ୱ ଦେଇଚାଲିବେ ବୋଲି ସିଡବ୍ଲ୍ୟୁସିର ବରିଷ୍ଠ ସଦସ୍ୟମାନଙ୍କର ମାନସମନ୍ଥନ ପରେ ଘୋଷଣା କରାଯାଇଛି । ଏଭଳି ସିଦ୍ଧାନ୍ତ ଗ୍ରହଣ ପଛର କାହାଣୀ ନେଇ ତଦ୍‌ବିଦ ମହଲରେ ଯାହା ଚର୍ଚ୍ଚା ହେଉଛି, ତାହା କଂଗ୍ରେସ ଭିତରେ ରହିଥିବା ଚିତ୍ର ଓ ଚରିତ୍ର ନେଇ ଊଣା ଅଧିକ ସୂଚନା ଦେଉଛି । ନାଟକୀୟ ଘଟଣାକ୍ରମରେ ସୋନିଆ ଗାନ୍ଧୀ ଏକାଧିକ କାରଣରୁ ଅନ୍ତଃବର୍ତ୍ତୀ ଅଧ୍ୟକ୍ଷ ପଦରୁ ଅବ୍ୟାହିତ ମାଗିଥିବା କଥା ପ୍ରଚାରିତ ହୋଇଗଲା । କଥିତ ପତ୍ର କିଭଳି ପ୍ରଘଟ ହେଲା, ତାହା ଯଦିଓ ଏକ ପ୍ରଶ୍ନ । ଅନ୍ୟ ଦୃଷ୍ଟିରୁ ଦେଖାଗଲେ, ବହୁଦିନ ଧରି ଅସୁସ୍ଥ ରହୁଥିବା ସୋନିଆଙ୍କ ଅନିଚ୍ଛାର ବାସ୍ତବତାକୁ ପ୍ରଚାର ପୁଷ୍ଟ କରୁଛି । ଦଳର ପ୍ରାୟ ଦୁଇ ଡଜନ୍ ନେତା ଅଧିକ ସ୍ୱଚ୍ଛ ଓ ଦୃଢ଼ ନିଷ୍ପତ୍ତି ନେବାଭଳି ନେତୃତ୍ୱ ଚାହିଁଛନ୍ତି । ସେମାନଙ୍କ ପକ୍ଷରୁ ସୃଷ୍ଟି ହେଉଥିବା ଚାପ କାରଣରୁ ହେଉ କି ଅନ୍ୟ କିଛି ପାଇଁ ହେଉ, ସୋନିଆ ଗାନ୍ଧୀ ଦଳୀୟ ନେତୃତ୍ୱ ଚାହିଁ ନଥିବା ସମ୍ଭବପର । ସୋନିଆଙ୍କ ନିଷ୍ପତ୍ତି ଓ ବରିଷ୍ଠ ନେତାମାନଙ୍କର ଦାବି କାକତାଳୀୟ ନ୍ୟାୟ ଭଳି ହୋଇଗଲା । ଗାନ୍ଧୀ ପରିବାର ଦ୍ୱାରା ବହୁକାଳର ଆଧିପତ୍ୟ ଭିତରେ ବର୍ତ୍ତମାନର ସ୍ଥିତିରେ ଦଳକୁ ଅଧିକ ଦୃଢ଼ତାର ସହ ନେତୃତ୍ୱ ଦେବା ଦଳୀୟ ମହଲରେ ମୁଖ୍ୟ ଦାବି ହୋଇଛି । ଏବକାର ସ୍ଥିତିରେ ଦଳୀୟ ନେତୃତ୍ୱରେ ଶିଥିଳତା ସଂକ୍ରମିତ ହୋଇ ରହିଛି । ଏହିଭଳି ଧାରଣା ଉପରୁ ତଳ ପର୍ଯ୍ୟନ୍ତ ଚରିଯାଇଥିବାରୁ କିଭଳି ଅଧିକ ପ୍ରୋଆକ୍ଟିଭ୍ କରିହେବ, ସେହି ଚିନ୍ତା ବହୁ ବରିଷ୍ଠ ଓ ଉଦୀୟମାନ ସଂଗଠକଙ୍କ ପାଇଁ ହୋଇଛି ଚିନ୍ତାର କାରଣ । ନେହରୁ-ଗାନ୍ଧି ପରିବାର ପାଇଁ ଏହା ଯେମିତି ସନ୍ଧିକ୍ଷଣ ଆଣିଦେଲା ଭଳି ହୋଇଛି । ୭୩ବର୍ଷ ଭିତରେର୧୩ ଜଣ ଅଣ-ଗାନ୍ଧୀ ଅଧ୍ୟକ୍ଷ ରହିଥିବାର ନଜିର ରହିଥିବା କୁହାଯାଉଥିଲେ ହେଁ, ଗାନ୍ଧୀ-ନେହରୁ ପରିବାରର ଛାୟାଠାରୁ ସେମାନେ ବସ୍ତୁତଃ ଦୂରେଇ ପାରିନାହାନ୍ତି । ସୋନିଆ ଗାନ୍ଧୀଙ୍କୁ ୭୩ ଚାଲିଛି । ରାହୁଲ ଗାନ୍ଧୀ ବିଗତ ଦିନରେ ସଂଗଠନକୁ ଉପଯୁକ୍ତ ଦିଶାନିର୍ଦ୍ଦେଶ ଦେଇଆସିଥିଲେ ସୁଦ୍ଧା ବେଳେବେଳେ କିଛି ଅପରିପକ୍ୱ ବିଚାର ଓ ସିଦ୍ଧାନ୍ତହୀନତା ପାଇଁ ସଂଗଠନକୁ ଏକପ୍ରକାର ପରିହସିତ ହେବାକୁ ପଡ଼ିଛି ବୋଲି ସମାଲୋଚକମାନେ କୁହନ୍ତି । ଯାହା ବି ହେଉ, ଦେଶର ରାଜନୈତିକ ମାନଚିତ୍ରରେ ଆପଣା ସ୍ଥିତିକୁ ଠିକ୍ ରଖିବାକୁ ହେଲେ ଦଳ ଓ ସଂଗଠନକୁ ଅଧିକ ମଜଭୁତ୍ କରାଯିବା ନେତୃତ୍ୱ ଆଗରେ ପ୍ରମୁଖ ଆହ୍ୱାନ ହୋଇ ଛିଡ଼ା ହୋଇଛି । ପଚାଶ ବର୍ଷୀୟ ନେତା ରାହୁଲ ଗାନ୍ଧୀଙ୍କର ଭୂମିକାକୁ ଏମିତି କେହି ଅସ୍ୱୀକାର କରିପାରୁନାହାଁନ୍ତି । ସୋନିଆ ମଧ୍ୟ ପରିବର୍ତ୍ତିତ ସ୍ଥିତିରେ ସୂଚାଇଛନ୍ତି, ଯେଉଁ ନେତାମାନେ ଦଳକୁ ସକ୍ରିୟ କରାଯିବାର ଆବଶ୍ୟକତା ନେଇ ମତ ଦେଛନ୍ତି, ସେମାନଙ୍କ ପ୍ରତି ତାଙ୍କର କିଛି ଅସୂୟା ନାହିଁ । ଗାନ୍ଧୀ-ନେହରୁ ପରିବାରର ପ୍ରଭାବରୁ ମୁକ୍ତ କରାଯାଇ ପାରିଲେ ଦଳ ଅଧିକ ସକ୍ରିୟ ହୋଇପାରିବ ବୋଲି ଜଣାଉଥିବା ମହଲ ଆଗାମୀ ନିର୍ବାଚନ ଓ ସମ୍ଭାବ୍ୟ ସ୍ଥିତି ନେଇ ବହୁ କଥା ବିଭିନ୍ନ ଦିଗରୁ ବିଚାର କରି କହିଛନ୍ତି । ତେବେ ଆପାତତଃ ସାଧାରଣ ଅଧିବେଶନ ପର୍ଯ୍ୟନ୍ତ ନେତୃତ୍ୱ ସଙ୍କଟକୁ ଟାଳିବା ପାଇଁ ସିଡବ୍ଲ୍ୟୁସିର ନିଷ୍ପତ୍ତି ଏକ ତାଳିପକା ପ୍ରୟାସ ବୋଲି କୁହାଯାଇପାରେ ।




## ଇଚ୍ଛା ସଭିଙ୍କର...

**କୁନା ସେଠୀ**

ସଭିଙ୍କର ଇଚ୍ଛା ଶେଷ ଜୀବନରେ
ଶାନ୍ତିରେ ଟିକିଏ ମରନ୍ତି
ଛଟ ପଟ ହୋଇ ମରିବା ଆଗରୁ
ଶାନ୍ତିରେ ଆଖିକୁ ବୁଜଂତି ।

ବାର୍ଦ୍ଧକ୍ୟ ଯନ୍ତ୍ରଣା ଆସିବା ଆଗରୁ
ଆଖି ବୁଜି ମୁହିଁ ଦିଅନ୍ତି
ଜନମ ମାଟିରେ ଶାନ୍ତିରେ ଶୋଇ
ଜୀବନ ମୋର ଛାଡ଼ନ୍ତି ।

ବୋଝ ହୁଅନ୍ତିନି ପୁଅ ଝିଅ ପାଇଁ
ଦୁଃଖ ଦିଅନ୍ତିନି କାହାକୁ
ସାରିଦିଅନ୍ତିନି ସଂଚିବା ଧନକୁ
ଦେଖାଇ ଦେଖାଇ ଦେହକୁ ।

ମୋ ପାଇଁ କିଏ କଷ୍ଟ ପାଆନ୍ତାନି
ଦୁଃଖରେ ହୋଇ ସେ ଘାରି
ଡାକ୍ତର ପାଖେ ନିଅନ୍ତା ନାହିଁ ମତେ
ବ୍ୟତି ବ୍ୟସ୍ତ ହୋଇ କରି ।

ମୋର ସେବା ପାଇଁ ରହନ୍ତାନି କେହି
ନିଜର କାମକୁ ଛାଡ଼ି
ମତେ ଟେକା ଅଣା କରିବା ପାଇଁ କି
ଆସନ୍ତା ନି ଉଠି ପଡ଼ି ।

ଖାଇବା ମୁଠିଏ ଦେବା ପାଇଁ ମତେ
କିଏ କରନ୍ତାନି ହାଲା
ପୁଅ ବୋହୂ କିଏ ଦେଖା ଶିଖା କରି
କରନ୍ତି ନି ଠିଆ ପାଲା ।

ଔଷଧ ପାଇଁ ଟଙ୍କା ନାହିଁ ବୋଲି ତ
ପାଟି କରନ୍ତାନୀ କିଏ
ଝାଡ଼ା ପରିସ୍ରାକୁ ବାହାର ପାଇଁକି
ନାକ ଟେକନ୍ତା ନି ହାଏ ।

ମୋହରି ପାଇଁ କି ଘର ଦ୍ୱାର ବିକି
ଘର ଛାଡ଼ ନ୍ତାନୀ କିଏ
ମୋହର ସମ୍ପତି ଭାଗବଂଟା କଥା
ଆଖି ନ ଦେଖନ୍ତା ହାଏ ।

ମୋର ଦୁଃଖ ଦେଖି ଲୁହକୁ ଝରାଇ
କାନ୍ଦନ୍ତା ତ ନାହିଁ କିଏ
ମରୁନି ମରୁନି ବୋଲି କରି କିଏ
କହନ୍ତା ନାହିଁ ହାଏ ।

ଜୀବନର ଲକ୍ଷ୍ୟ ଗୋଟିଏ ସଭିଙ୍କ
ଶାନ୍ତିରେ ମରିବେ ବୋଲି
ଜୀବନ ଟା ସାରା ଅଶାନ୍ତ ଅର୍ଦ୍ଧଳି
ଲୁହ ଝରୁ ଥିଲା ଖାଲି ।

+ଭୂତସରସିଙ୍ଗୀ
ଗଞ୍ଜାମ

# ପୋଲାଭରମ ନଦୀ ଯୋଜନା ଓ ଆନ୍ତଃ ନଦୀ ସଂଯୋଗୀ କରଣ

**ଡ଼ାକ୍ତର ସୁରେନ୍ଦ୍ର ନାଥ ଦାଶ**



ଦକ୍ଷିଣ ଭାରତର ଗଙ୍ଗା ଓ ଭାରତର ଚତୁର୍ଥ ବୃହତମ ନଦୀ ରୂପେ ଗୋଦାବରୀ ପରିଚିତ । ମହାରାଷ୍ଟ୍ର ର ନାସିକ ନିକଟବର୍ତ୍ତୀ ବ୍ରହ୍ମଗିରି ପର୍ବତ ଶ୍ରେଣୀ ରୁ ବାହାରି ୧୪୦୦ କିମି ଗତି କରି ମହାରାଷ୍ଟ୍ର, ଆନ୍ଧ୍ର, ତେଲଙ୍ଗାନା, ଛତିଶଗଡ ରାଜ୍ୟରେ ପ୍ରବାହିତ ହୋଇ ରାଜ ମହେନ୍ଦ୍ରୀ ଠାରେ ତ୍ରିକୋଣ ଭୂମି ସୃଷ୍ଟିକରଛି ଓ କାକିନଡା ଠାରେ ବଙ୍ଗୋପ ସାଗର ରେ ପଡିଛି । ରାଜମହେନ୍ଦ୍ରି ଠାରେ ସାର ଆର୍ଥର କଟନ ବ୍ୟାରେଜ, ଯାହାକି ଇଂରେଜ ମାନଙ୍କ ଅମଳରୁ ତିଆରି ହୋଇଛି, ଏକ ବ୍ୟାପକ ଅଂଚଳ ରେ ଜଳସେଚିତ କରି ଗୋଦାବରୀ ତ୍ରିକୋଣ ଭୂମି କୁ ଭାରତର ଏକ ପ୍ରମୁଖ ଖାଦ୍ୟଭଣ୍ଡାରରେ ପରିଣତ କରିଛି ।

୧୯୪୧ ମସିହାରେ ତତକାଳିନ ମାଡ୍ରାସ ପ୍ରେସିଡେନସିର ମୁଖ୍ୟ ଜଳସେଚନ ଇଂଜିନିଅର ଭେଙ୍କଟକିଶନ ଆୟାର ପୋଲାଭରମ ଠାରେ ଏକ ଡ୍ୟାମର ପରିକଳ୍ପନା ୬ କୋଟି ଟଙ୍କାରେ(୨୨୯ କୋଟି ୧୯୪୬ରେ) କରିଥିଲେ । ବହୁଦିନ ପରେ ୧୯୮୦ ମସିହାରେ ଟି ଆଞ୍ଜୟା ମୁଖ୍ୟମନ୍ତ୍ରି ତାହାର ଭିତିପ୍ରସ୍ତର ସ୍ଥାପନା କଲେ । ୨୦୦୪ ମସିହାରେ ମୁଖ୍ୟମନ୍ତ୍ରୀ ୱାଇ ରାଜଶେଖର ରେଡି କାର୍ଯ୍ୟର ଶୁଭାରାମ୍ଭ କରିଥିଲେ । ଆନ୍ଧ୍ର ବିଭାଜନ ପରେ ୨୦୧୪ ମସିହାରେ ନିର୍ବାଚିତ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ବିଭାଜନର କ୍ଷତିକୁ ପୁରଣ ପାଇଁଏହାକୁ କେନ୍ଦ୍ରିୟ ସହାୟତା ଦାବିକଲେ ଓ ଏହା ଏକ ଜାତୀୟ ପରିକଳ୍ପନାର ମାନ୍ୟତା ପାଇଲା । କେନ୍ଦ୍ର ସାହାଯ୍ୟରେ କାମ ଦ୍ରୁତ ଗତିରେ ଚାଲି ୨୦୨୧ସୁଦ୍ଧା ସମାପ୍ତ ହେବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛ । ନିଜେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ହସ୍ତକ୍ଷେପ କରି ଏ ଡ୍ୟାମ ପାଇଁ ସୃଷ୍ଟି ହୋଇଥିବା ସମସ୍ତ ବିବାଦ, ମାମଲାର ପରିସମାପ୍ତି କରି କାମ ତ୍ୱରାନ୍ୱିତ କରିଛନ୍ତି ।ଏହାର ନୂତନ ଅଟକଳ ଖର୍ଚ୍ଚ ପ୍ରାୟ ୪୮ ହଜାର କୋଟିକୁ ବୃଦ୍ଧି ପାଇଛି । ଆନ୍ଧ୍ରର ପଶ୍ଚିମ ଗୋଦାବରି ଜିଲ୍ଲାରେ ପୋଲାଭରମ ଗ୍ରାମ ଠାରେ ଏହି ପ୍ରକଳ୍ପ ନିର୍ମାଣ କାମ ହଉଛି । ପୋଲାଭରମ ଅର୍ଥ ଦାନ ଗ୍ରାମ । ଏହାକୁ ଏଠାର ରଜା ବ୍ରାହ୍ମଣ ମାନଙ୍କୁ ଦାନ ଦେଇଥିଲେ । ବର୍ତମାନ କାମର ୭୦ ସତକଡ଼ା ସମାପ୍ତ ହେଲାଣି ବୋଲି ଦାବିକରା ହେଉଛି ।

ଗୋଦାବରୀ ନଦୀ ପୂର୍ବଘାଟ ପାହାଡ (ପିପାଇ ହିଲସ) ର ଏକ ଅଣଓସାରିଆ ଗହ୍ୱର (୩୦୦ମିଟର ଓସାର ଓ ୫୦କିମି ଲମ୍ୱ) ଦେଇ ଗତିକରି ସମତଳ ଅଂଚଳରେ୧୦ କିମି ପ୍ରବେଶ କଲାପରେ ଡ୍ୟାମ ନିର୍ମିତ ହୋଇଛି । ଏଠାରେ ନଦୀ ୧୫୦୦ ମିଟର ଓସାର । କଟନ ବ୍ୟାରେଜ ଠାରୁ ୪୦ କିମି ଉପରେ ଓ ସାବେରୀ ନଦୀ ଠାରୁ୧୧୫ କିମି ଦୂରରେ ରହିଅଛି । ଏହାର ଉପର ସ୍ତର ଭଦ୍ରାଚଳମର ରାମମନ୍ଦିର କୁ ସ୍ୱର୍ଶ କରିବାରୁ ଏହାକୁ ରାମପଦ ସାଗର ମଧ୍ୟ କୁହାଯାଏ । ବର୍ତମାନ ଏହାର ଜଳ ୧୫୦ କିମି ଦୂରରେ ଡୁମାଗୁଡାମ ସାଗରକୁ ଛୁଉଁଛି । ଓଡିଶାର ସାବେରି ନଦୀରେ ଏହା ୧୧୫ କିମି ପର୍ଯ୍ୟନ୍ତ ବିସ୍ତାରିତ ହେବ । ଏହା ପାପିକୋନ୍‌ଡା ଜାତୀୟ ଉଦ୍ୟାନକୁ ମଧ୍ୟ ସ୍ୱର୍ଶ କରିବ । ଏହାକୁ ଜାତିୟ ଜଳପଥ-୪ ରେ ଅନ୍ତର୍ଗତ କରା ହୋଇଛି । ୭୫୪ ମିଟରର ସ୍ପିଲ ୱେ, ୧୬୦୦ ମିଟରର କଂକ୍ରିଟ ଡ୍ୟାମ ଓ ୨୯୧୪ ମିଟରର ମାଟି ବନ୍ଧ ରେ ଏହା ନିର୍ମିତ ହେବ । ଏହାର ଉଚ୍ଚତା ୧୨୯ ଫୁଟ ହେବ । ଏହାର ପୂର୍ଣ୍ଣ ଜଳ ଧାରଣ କ୍ଷମତା ୧୯୪ ଟିଏମସି କ୍ୱିବିକଫିଟ। ଡେଡ ଷ୍ଟୋରେଜ କ୍ଷମତା ୭୫ ଟିଏମସି ସି ଏଫଟି, କ୍ୟାଚମେଂଟ ଏରିଆ ୩ ଲକ୍ଷ ବର୍ଗକିମି ଅଟେ । ଜଳ ଭଣ୍ଡାର ଆୟତନ ୬୦୦ ବର୍ଗ କିମି, ସର୍ବୋଚ୍ଚ ଗଭିରତା ୩୦ ମିଟର । ୭ .୧ ୨୦୦୯ ରେ୨୪ ଘଂଟାରେ ୨୧୫୮୦ ସିଏମ କଂକ୍ରିଟ ପକାଯାଇ ଏହା ଗିନିସ୍ ବୁକର ରେକର୍ଡ ରେ ସ୍ଥାନ ପାଇଛି । ୨୪.୧୨.୨୦୧୮ ମସିହାରେ ମୁଖ୍ୟମନ୍ତ୍ରୀ ନାଇଡୁ ପ୍ରଥମ କ୍ରେଷ୍ଟ ଗେଟ ଉଦଘାଟନ କଲେ । ଏହି ଯୋଜନାରେ ସମୁଦାୟ ୩୦ଲକ୍ଷ ଏକର ଜମି ଜଳସେଚନ, ଖମାମ, ବିଶାଖାପଟଣା, ବିଜୟ ନଗର, ଶ୍ରୀକାକୁଳମ ଗୁଣ୍ଟୁର ରୟାଲସିମା। ଓ ଗୋଦାବରୀ ଜିଲ୍ଲାରେ କରିବାର ଲକ୍ଷ୍ୟ ରଖା ଯାଇଛି । ଏହାର ଉଦବୃତ ଜଳକୁ ଦକ୍ଷିଣ କେନାଲ ଦ୍ୱାରା କୃଷ୍ଣା ନଦୀର ପ୍ରକାଶମ ଜଳଭଣ୍ଡାର ରେ ପକାଇ ସେଠାରୁ ନାଗାର୍ଜୁନ ସାଗର ପର୍ଯ୍ୟନ୍ତ ନେବାର ବ୍ୟବସ୍ଥା ହୋଇଛି । ତାଛଡ଼ା ଅନେକ ଗୁଡିଏ ଉଠା ଜଳସେଚନ ଦ୍ୱାରା(ପଟାସିମ, ଟେଡିଓଣ୍ଡି, ଚିନ୍ତାଲ ପୁଡି, ଥୋରିଗେଡା, ପୁଷ୍କର) ଏହାର ଜଳ ଅପେକ୍ଷାକୃତ ଉଚ୍ଚ ଅଂଚଲରେ ପ୍ରବାହିତ କରିବାର ବ୍ୟବସ୍ଥା ହୋଇଛି । ଖରାଦିନ ପାଇଁ ଅଧିକା ଜଳକୁ ସଂଚୟ ପାଇଁ ଅନେକ କର୍ତିମ ଜଳଭଣ୍ଡାର (କେ ଏଲ ରାଓ ଜଲଭଣ୍ଡାର, ୟେଲେରୟ, ଭୟାକାଂଚିପୁରମ) କରା ଯାଇଛି । ୟେଲେରୁ ଜଳ ଭଣ୍ଡାରରୁ ବିଶାଖାପାଟଣାକୁ ପାନୀୟ ଜଳ ଯୋଗାଯିବ । ନଷ୍ଟ ହୋଇଥିବା ଜଙ୍ଗଲର ପୁନ୍ନଉଦ୍ଧାର ପାଇଁ ଆନ୍ଧ୍ର ସରକାର ପରିବେଶ ପାଇଁ ୪ହଜାର କୋଟି ଟଙ୍କା ଜମା ଦେଇଛନ୍ତି । ଗୋଦାବରୀ କୁ ପେନାମ ନଦୀ ସହ ମଧ୍ୟ ସଂଯୋଗ କରାଯିବ । ଏହି ଯୋଜନାରେ ୧୨ ଟି ଟରବାନ ଦ୍ୱାରା ସମୁଦାୟ୯୬୦ ମେଗାୱାଟ ବିଦ୍ୟୁତ ଶକ୍ତି ବାହାରିବାର ଲକ୍ଷ୍ୟ ରଖା ଯାଇଛି ।

**ଜାତୀୟ ଜଳ ସଂଯୋଗ ଯୋଜନା:** ଏହା ପୃଥିବୀର ସବୁଠାରୁ ବ୍ୟୟ ବହୁଳ ଯୋଜନା । ଏଥିରେ ପ୍ରାୟ ୧୪୦ ବିଲିଅନ ଡଲାର ଖର୍ଚ୍ଚ ହେବ । ଜଳ ବହୁଳ ହିମାଳୟର ପାଦଦେଶରେ ପ୍ରବାହିତ ଗଙ୍ଗା-ମେଘନାର ଉଦବୃତ ଜଳ କୁ ବିଭିନ୍ନ ବାଟ ଦେଇ ଜଳାଭାବଥିବା ଦକ୍ଷିଣ ଭାରତର ନଦୀ ମାନଙ୍କରେ ପକାଯାଇ ସାରାଦେଶରେ ସମପରିମାଣ ଜଳର ଆବଂଟନ ଏହାର ଲକ୍ଷ୍ୟ । ଏଥିରେ ୩୦ ନଦୀ ସଂଯୋଗିକରଣ ହେବେ । ସମୁଦାୟ ୧୪ ହଜାର କିଲୋମିଟର କେନାଲ ତିଆରି ହେବ । ପୋଲାଭରମ ଜଳଭଣ୍ଡାରର ଅଧିକା ପାଣିକୁ କୃଷ୍ଣାରେ ପକାଇବା କାର୍ଯ୍ୟ ଏହାର ଏକ ଅଂଶ ବିଶେଷ । ଏହି ସଂଯୋଗି କରଣ ପରେ ଜଳପଥରେ ବିନା ପ୍ରଦୁଷଣରେ ଗମନାଗମନ କରିହେବ।

**ପୋଲାଭରମ ଓ ଓଡିଶା:** ପୋଲାଭରମ ଯୋଜନାର ଓଡିଶା, ଛତିଶଗଡ, ମହାରାଷ୍ଟ୍ର ଓ କର୍ଣ୍ଣାଟକ ଅଂଶିଦାର ଅଟନ୍ତି । ଗୋଦବରିର ଉପନଦୀ ଯଥା ସିଲେରୁ, ଇନ୍ଦ୍ରାବତି, ସାବେରି, ପ୍ରଣହିତା ନଦୀର ଉଦବୃତ ଜଳକୁ ବନ୍ଧ ବାନ୍ଧି ବ୍ୟବହାର କରିବା ପାଇଁ ଆନ୍ତଃରାଜ୍ୟ ଜଳ ଟ୍ରିବ୍ୟୁନାଲ, ୧୯୭୫ ମସିହାରେ ଆଦେଶ ଦେଲେ ମଧ୍ୟ ଅନେକ ରାଜ୍ୟ (ଓଡିଶା ଛତିଶଗଡ)ତାହା କଲେ ନାହିଁ । ଲୋଅର ଇନ୍ଦ୍ରାବତୀ ଓ ଲୋଅର ସିଲେରୁ ଯୋଜନା କାଗଜ କଲମରେ ରହିଗଲା । ଆନ୍ଧ୍ର ପ୍ରଦେଶ ନିଜ ଉଦ୍ୟମରେ ଲୋଅର ସିଲେରୁ ଯୋଜନା ପୂର୍ଣ୍ଣ କଲା । ଫଳରେ ଗୋଦାବରୀର ବହୁତ ଜଳ (୬୬୦ ଟିଏମସି)ଅଯଥାରେ ସମୁଦ୍ରକୁ ବହିଗଲା । ସାରା ଦେଶର୨୬ ଶତକଡା ବନ୍ୟା କ୍ଷତି ଗୋଦାବରୀ ତ୍ରିକୋଣଭୂମିରେ ଘଟିଲା । ବିଶେଷତଃ ଓଡିଶା ଏ କ୍ଷେତ୍ରରେ ସଂପର୍ଣ୍ଣ ବିଫଳ ହୋଇଛି । କେବଳ ସିଲେରୁ ନଦୀରେ ମାଛକୁଣ୍ଡ, ବାଲିମେଳା, ଚିତ୍ରକୁଣ୍ଡା, ଲୋଅର ସିଲେରୁ, ଡଙ୍କରାଇ ଭଳି ଅନେକ ଯୋଜନା ଆନ୍ଧ୍ରର ମିଳିତ ଉଦ୍ୟମରେ ହୋଇଛି । ଇନ୍ଦ୍ରାବତୀ ଓ ସାବେରୀ ନଦୀରେ ଗୋଟିଏ ଲେଖାଏ ଡ୍ୟାମ ହୋଇଛି । ବର୍ତମାନ ଓଡିଶା ଏଥିରେ ଆପତି ଉଠାଇ ଅନେକ ଆନ୍ଦୋଳନ କରି ସୁପ୍ରିମ କୋର୍ଟର ଦ୍ୱାରସ୍ଥ ହୋଇଛି । ଜଳଭଣ୍ଡାରର ବନ୍ୟା ଜଳ ମାଲକାନାଗିରିର ଅନେକ ଅଂଚଳ ଜଳମଗ୍ନ କରିବାର ଆଶଙ୍କା ବର୍ତମାନ ସତ୍ୟରେ ପରିଣତ ହୋଇଛି । ଯେପରି ଦକ୍ଷତା ଓ ଦ୍ରୁତ ଗତିରେ ଆନ୍ଧ୍ର ସରକାର ଏହି ଯୋଜନକୁ ପୂର୍ଣ୍ଣ କଲେ ତାହା ଅନ୍ତତଃ ଓଡିଶା ପକ୍ଷେ ଅନୁକରଣୀୟ । ମହାନଦୀରେ ହିରାକୁଦ କଲାପରେ ଟିକରପଡା, ମଣିଭଦ୍ରା ଯୋଜନା ଓ ଅନ୍ୟ ପରିକଳ୍ପନାକୁ ଆମେ ପୁରାକରି ପାରିଲୁ ନାହିଁ । ଅଧା କାମ ପରେ ପୋସ୍କୋ ପାରାଦ୍ୱିପ ଛାଡି ପଳାଇଲା, ଟାଟା ଗୋପାଳପୁର ଛାଡିଦେଲା, ମିତଲ ଓଡିଶା ଛାଡିଲା । ଏଭଳି ବିଫଳତା ଅନ୍ତର୍ଜାତିକ କ୍ଷେତ୍ରରେ ଯେ ଆମ ଭାବମୂର୍ତି ମଳିନ କରିଛି ସେଥିରେ ସନ୍ଦେହ ନାହିଁ ।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ,
ମୋ:୯୪୩୭୨୩୫୩୮୬

# ଆମ ଦେଶରେ ଶୈଶବ

**ଇଂ. ବିଦ୍ୟାଧର ପଣ୍ଡା**



( ପୂର୍ବପ୍ରକାଶିତ ଉତ୍ତାରୁ...) ହାବଭାବରୁ ଜାଣିଲି ଯେ ସେ ଲୋକଟା ଏହି ମହିଳାର ସ୍ୱାମୀ। ଅଳ୍ପ କିଛି କଥା ହେବାପରେ ପଇସାମୁଣିକୁ ଦାଢିଆ ଦରବୁଢାଟି ଧରି ଯିବାବେଳେ ଗୋଟିଏ ଜରିରେ ସଫଳଗୁଟୁକା ପ୍ୟାକେଟ୍ ଗୁଡିଏ ଏବଂ ପଇସାରଖିବାକୁ ଆଉଗୋଟେ ଖାଲିମୁଣି ତା ସ୍ତ୍ରୀକୁ ଧରେଇ ଦେଇ ଗ୍ଚଲିଗଲା।

ଏ ବିଷୟରେ ମୁଁ ଖୋଳତାଡ କରି ଜାଣିବାକୁ ପାଇଲି ଯେ ଏ ସ୍ତ୍ରୀ ଲୋକର ବାପା ଇଆ ସ୍ୱାମୀ ସାଙ୍ଗରେ ବାହାଦେବାକୁ ତାକୁ କଥା ପକ୍କାକରି ସବୁବେଳେ ତାରି ପଇସାରେ ମାଗଣା ମଦପିଏ। ଏମିତି ହିସାବ କରୁକରୁ ତା ବାପା ଉପରେ ଦଶ ବାର ହଜାର ଟଙ୍କା ଉଧାର ହୋଇଗଲା। ଝିଅ ବାହାଘର ଅନ୍ୟ କାହା ସହ କରାଇଲେ ବାହାଘର ଦିନ ଆସି ବେଦିରୁ ଝିଅକୁ ଉଠେଇନେବାକୁ ଧମକ ଦେଲା। ଶେଷରେ ଏଇ ଘୋଡାମଦୁଆ ମଙ୍ଗୁଆ ସାଙ୍ଗରେ ତାର ବାହାଘର କରିଦେଲେ। ସେହିଦିନ ଠାରୁ ସିଏ ଜୀବନକୁ ଜିଇଁ ଜିଇଁ ଗ୍ଚଲିଛି। ବାହାଘର ପରେ ଚଉଠିଦିନ ମଙ୍ଗୁଆ ଟାଙ୍କେ ଦେଶିମଦ ପିଇ ଆଖି ନାଲିନାଲି କରି ରାତି ବାରଟାରେ ତା ପାଖକୁ ଆସିଲା। କବାଟପାଖରୁ ଖଟଯାଏ ଆସିଲା ବେଳେ ପାଦ ଏପଟସେପଟ ହୋଇ ପଡୁଥାଏ। ସିଏ ଡରିଗଲା। ମଙ୍ଗୁଆ ଖଟପାଖକୁ ଆସି ମୁହଁରେ ଲଗେଇଥିବା ଅଧାଟଣା ଜଳନ୍ତା ବିଡିର ନିଆଁମୁଣ୍ଡିକୁ ତା ପାଦଉପରେ ଦାବିଦେଲା। ଚିହିଁକି ଉଠି ମା' ମା' ବୋଲି ସିଏ ଚିତ୍କାରକରିବାରୁ ତା ମୁହଁକୁ ମଙ୍ଗୁଆ ଜାବୁଡି ରଖିଲା। ବିଡିଚେଙ୍କରେ ସେହି ଜାଗାରେ ଫୋଟକା ହେବାରୁ ତାକୁ କଷ୍ଟ ହେଉଥାଏ। ମଙ୍ଗୁଆ କହିଲା ଆଜି ତ ପାଦରେ ଚେଙ୍କିଛି, କାଲି ଗାଲ, ଜଙ୍ଘ ସବୁଠି ଚେଙ୍କିବି। ଏମିତି ବଡପାଟି କଲେ ଚଳିବ! ଝିଅଜନ୍ମ ପରା କଷ୍ଟ ସହିବାକୁ ହୋଇଛି। ତୁ କ'ଣ ଏକଥା ଜାଣିନୁ! ଏଇ ସାମାନ୍ୟ ବିଡିଚେଙ୍କରେ ଏତେ କ'ଣ ଚିଲ୍ଲଉଛୁ? କାଲି ଚିଲମଚେଙ୍କ କେମିତି ସହିବୁ! ଏମିତି ପାଂଚ ଛଅବର୍ଷରେ ତିନିଟା ପିଲା ଲାଗ୍‌ଲାଗ୍ ହୋଇଗଲେ। ଦିନେ ବଡଝିଅଠାରୁ ଶୁଣିଲା ଯେ ତା ସ୍ୱାମୀ କିଛି ଧନୀଲୋକଙ୍କ ଘରେ ତାକୁ ବିକିବାକୁ ଯୋଜନା କରୁଛି। ଝିଅର ବୟସ ସେତେବେଳେ ସାତବର୍ଷ। ତା ତଳେ ପୁଅକୁ ପାଂଚବର୍ଷ। ତା ପରେ ସାନଝିଅକୁ ତିନିବର୍ଷ। ସବାସାନ ପୁଅକୁ ନଅମାସେ ହୋଇଥାଏ। ଟାଙ୍କେ ପିଇକି ଆସି କହିଲା ବଡଝିଅକୁ କିଣିବାପାଇଁ ଗୋଟେ ସେଠ କୋଡିଏ ହଜାର ଦେବ ବୋଲି କହୁଛି। ସିଏ ତାକୁ ଗ୍ଚରି ପାଂଚବର୍ଷ ପାଳି ବଡହେଲେ ସୋନାଗାଛିରେ ପଗ୍ଚଶହଜାର ଟଙ୍କାରେ ବିକିବ। ଆମେ ଏଗୁଡାଙ୍କୁ ପାଳିଲେ ଲାଭ ଅଛି ଯେ ହେଲେ ପାଳି ବଡକରିବାକୁ ଏବେ ପଇସା ଦରକାର। କିନ୍ତୁ ସିଏ ଗ୍ଚହୁଁଛି ବଡଝିଅକୁ ଖସେଇଦେଲେ ଧାରଉଧାର ସବୁସୁଝି ଆଗକୁ କିଛିମାସ ଦେଶିମଦ ଭାଟିର ଗ୍ଚଖଣାଖର୍ଚ୍ଚ ଆଦି ଆରାମରେ ଚଳିଯାନ୍ତା। ଏସବୁ ଶୁଣି ସିଏ ନିଷ୍ପତ୍ତି ନେଲା ଯେ ତା ଛୁଆ ଏଠି ସୁରକ୍ଷିତ ନୁହଁନ୍ତି। ଦିନେ ରାତିରେ ସ୍ୱାମୀ ଶୋଇଲାପରେ ସମସ୍ତଙ୍କୁ ଧରି ଏଇ ଷ୍ଟେସନ୍‌କୁ ଗ୍ଚଲି ଆସିଲା। ଛଅମାସ ତଳେ ଇଏ ଖୋଜିଖୋଜି ଆସି ଏଠି ୟାଙ୍କୁ ପାଇଗଲା। ପ୍ରଥମେ ଭଲରେ ରହିବାକୁ ହଁ ଭରିଲା। ମାସକପରେ ପୁଣି ତାର ସବୁ ପୁରୁଣା ଢଙ୍ଗ ବାହାରକଲା। ଏବେ ସ୍ତ୍ରୀ ଓ ଛୁଆଙ୍କର ଭିକମଗା ପଇସାରେ ଦିନକୁ ଗ୍ଚରିଶହ ଟଙ୍କାର ବିଦେଶି ମଦ ପିଉଛି। ନିଜେ କିଛି କାମଧନ୍ଦା କରୁନି। ତିନିଟାଯାକ ଛୁଆ ରାତି ଗ୍ଚରିଟାରୁ ଉଠି ଜରି, ପ୍ଲାଷ୍ଟିକ୍ ଓ କାଚଶିଶି ଗୋଟେଇବାକୁ ବଣବୁଦା ଭିତରକୁ ଯାଇ କବାଡି ପାଖରେ ବିକି ପଇସାନେଇ ଆସିଲା ବେଳକୁ ଦିନ ଏଗାରଟା । କେତେ ଅସନା ଗୁହମୂତ ଭିତରେ ଅଳିଆଜରି ଗୋଟେଇବା କ'ଣ ସହଜ କଥା! ତାପରେ ଭିକମାଗିବା ପାଇଁ ଷ୍ଟେସନ୍‌ରେ ଏପାଖୁ ସେପାଖ, ସେପାଖୁ ଏପାଖ ବହୁତ ଗ୍ଚଲିବାକୁ ହେଉଛି। ଯେଉଁଦିନ ଭିକ ହେଉନି ମଙ୍ଗୁଆ ଆସି ସମସ୍ତଙ୍କୁ ବିଧାଗୋଇଠା ମାରୁଛି। ତେଣୁ ଯେମିତିହେଲେ ତାକୁ ଗ୍ଚରିଶହଟଙ୍କା ଦେବାକୁ ହେଉଛି। ଦିନେ ରାତିରେ ମଙ୍ଗୁଆ ତା ସ୍ତ୍ରୀକୁ କହୁଥିଲା ଏ ତିନିଟା ଭିତରୁ କାହାକୁ ଗୋଟେ ବାଡେଇ ଛୋଟା କରିଦେଲେ ହୁଅନ୍ତା। ବାଡି କାନ୍ଧରେ ଦେଇ ମାଗିଲେ ବାବୁମାନେ ଭଲ ପଇସା ଦିଅନ୍ତେ। ନହେଲେ କୋଉ ଗୋଟାଏ ଛୁଆର ହାତ ଗୋଡରୁ ଗୋଟାଏ ହାଣିଦେଲେ ବି ରୋଜଗାର ବେଶୀ ହୁଅନ୍ତା।


ଏସବୁ ଶୁଣୁଶୁଣୁ ମୁଁ ଜାଣି ପାରୁଥାଏ ପିଲାମାନଙ୍କ ପ୍ରତି ମା' ଟିର ବାତ୍ସଲ୍ୟ ମମତା ତ ଭରପୁର ଅଛି। ହେଲେ ଚପଲ ଓ ବାଡିରେ ସମସ୍ତଙ୍କୁ ପିଟୁଛି କାହିଁକି? ମୁଁ ସେକଥା ପଗ୍ଚରିବାରୁ ସନ୍ତର୍ପଣର ସହ ସେ ମୋତେ କହିଲା ଆଖିରୁ ଲୁହ ଝରେଇ ଭିକ ମାଗିଲେ ଭଲଭିକ ମିଳୁଛି। ବାବୁମାନେ ଦୟାପାଇ ଛୁଆଙ୍କୁ ବେଶିଭିକ ଦେଉଛନ୍ତି। ସେଥିପାଇଁ ସେମାନେ ମୋ ପାଖକୁ ମାଡ ଖାଇବାକୁ ଆପେଆପେ ଆସି ଛିଡା ହୋଇଯାନ୍ତି। ମୋ ମାଡରେ ଯେତେବେଳେ ତାଙ୍କୁ ବହୁତ କଷ୍ଟହୋଇ ଆଖିରୁ ଲୁହବାହାରେ ସେମାନେ ସେହି ଲୁହ ବୋହୁଥିବା ଅବସ୍ଥାରେ ଦୌଡିଦୌଡି ଯାତ୍ରୀମାନଙ୍କୁ ମାଗିଲେ, ସେତେବେଳେ ସମସ୍ତଙ୍କ ଠାରୁ ଭିକ ଭଲମିଳେ। ସେମାନଙ୍କୁ ମାରିଲା ବେଳେ ତାଙ୍କଠାରୁ ମୋତେ ବେଶି କଷ୍ଟ ହୁଏ , ହେଲେ କ'ଣ କରିବି! ଅନ୍ନକଷ୍ଟିଆ ଛୁଆମାନଙ୍କ ଆଖିରୁ ଲୁହ ବାହାରକରିବା କ'ଣ ସାମାନ୍ୟ କଥା! ଆଜି ଦିନରେ ଏମିତି ଅଗଣିତ ଛୁଆ ପ୍ରତ୍ୟେକ ସହରରେ ପାହାନ୍ତିଆରୁ ଅଳିଆଗଦାରୁ ଶିଶି ଜରି ଗୋଟେଇବାକୁ ବୁଲୁଛନ୍ତି। ନିଜର ଜନ୍ମକଲା ପିତାମାତା ମାନେ ତାଙ୍କୁ ଏପରି କାମରେ ଲଗାଇବା ସହ ନିଶାସେବନ କରିବାକୁ ମଧ ଦେଉଛନ୍ତି। ଲକ୍ଷଲକ୍ଷ ଶିଶୁ ଭୀକ୍ଷାବୃତ୍ତି ଆଦରିବାକୁ ଅଭିଭାବକମାନେ ବାଧ କରୁଛନ୍ତି। ଭାରତର ପ୍ରତ୍ୟେକ ଜିଲ୍ଲାସ୍ତରିୟ ରେଳସ୍ଥାନକରେ ଏପରି ଶିଶୁମାନଙ୍କ ସଂଖ୍ୟା ଦିନୁଦିନ ବଢିବାରେ ଲାଗିଛି। ସମ୍ବିଧାନର ଧାରା ୧୫(୩) ଅନୁସାରେ ଶିଶୁ ଓ ମହିଳାମାନଙ୍କପାଇଁ ଉପଯୁକ୍ତ ଧାନ ଦିଆଯିବା କଥା ଲେଖାଅଛି। ଧାରା ୨୪ରେ ୧୪ବର୍ଷରୁ କମ୍ ଶିଶୁମାନଙ୍କୁ କଳକାରଖାନାରେ କିମ୍ବା କୌଣସି ବିପଦସଂକୁଳ ଜାଗାରେ ନିଯୁକ୍ତିଦେବା ଅନୁଚିତ୍ ବୋଲି ଉଲ୍ଲେଖ ଅଛି। ୩୯(ଙ) ଅନୁଯାଇ ଶିଶୁମାନଙ୍କୁ ଅର୍ଥ ଉପାର୍ଜନ ସଂସ୍ଥାର କର୍ମକ୍ଷେତ୍ରରେ ବାରଣକରିବାକୁ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧାରା ୪୫ ହିସାବରେ ପ୍ରତ୍ୟେକ ଶିଶୁମାନଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ କରାଯିବାର ପ୍ରତିଶ୍ରୁତି ଆଦି ଅନେକ ପ୍ରକାରର ନିୟମ କାନୂନ ଆମଦେଶରେ ରହିଛି। ଏଗୁଡା ସବୁ ପୋଥିବାଇଗଣ, ଦେଖା ସୁନ୍ଦର ବଉଳାଗାଈ। ବାଡି ବଇଗଣ ଗଛସବୁ ବାଂଝ, ଫୁଲ ଧରିବା ନାଁ ନାହିଁ। ଫଳ କଥା କିଏ ପଗ୍ଚରେ! ସମ୍ବିଧାନରେ ଲେଖା ଏସବୁ ନିୟମଗୁଡିକ ଭିତରୁ କୌଣସି ଗୋଟିଏ ଏପର୍ଯ୍ୟନ୍ତ କଡାକଡି ଭାବରେ ଲାଗୁହେବାର ଉଦାହରଣ ଦେଖିବାକୁ ମିଳିନାହିଁ। ଏହାର ଫଳ ସ୍ୱରୁପ ଦେଶର ଶିଶୁମାନଙ୍କ ଭିତରୁ ପ୍ରାୟ ୫% ଶିଶୁ କର୍ମଜୀବୀ ହୋଇ ପ୍ରକୃତ ଶୈଶବ ଓ ଶିକ୍ଷାରୁ ଆଜି ବଂଚିତ। ଭାରତରେ ଏବେ ଏପରି ଶିଶୁମାନଙ୍କ ସଂଖ୍ୟା ପାଂଚରୁ ଛଅକୋଟି ହେବ। ଏଥିପାଇଁ କ'ଣ କେବଳ ସରକାରର ସେ ବୁଢା ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରୀମୁଣ୍ଡରେ ଥୋବୋଳି ଆମେ ସବୁ ଘରେ ବସିଗଲେ ଚଳିବ! ଆମ ସମାଜର କ'ଣ ସାମାଜିକ ଦାୟିତ୍ୱ ବୋଲି କିଛି ନାହିଁ? ଜଣଙ୍କ ଆଖି ଆଗରେ ଛୋଟ ପିଲାଟିଏ ଯେତେବେଳେ ଟେବୁଲ୍‌ପୋଛି ଅଇଁଠାଥାଳି ଉଠାଉଛି, ଗୋଟିଏ ସୁନାଗରିକ ହିସାବରେ ଆମର କ'ଣ ସେଠି କିଛି କର୍ତ୍ତବ୍ୟ ନାହିଁ! ପୁରାବିଶ୍ୱରେ ଆମଦେଶର ଶୈଶବାବସ୍ଥା ଅତି ଦୟନୀୟ ଏବଂ ଏଥିପ୍ରତି ପ୍ରତ୍ୟେକ ନାଗରିକ ଏବଂ ସରକାର ଉଚିତ୍ ଧାନଦେବା ଅନିବାର୍ଯ୍ୟ। (ସମାପ୍ତ)

+ ବି.ଟେକ୍. ସିଭିଲ୍,
ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-
୭୫୧୦୧୯,
ମୋ- ୯୪୩୯୧୨୮୦୫୦ /
bdpanda1@gmail.com

# କ୍ରୋଧ ପ୍ରତି ମସ୍ତିଷ୍କ ଶୀଘ୍ର ପ୍ରତିକ୍ରିୟାଶୀଳ



ସାଧାରଣ ବା ଖୁସିର ସ୍ୱର ଅପେକ୍ଷା ଧମକପୂର୍ଣ୍ଣ ସ୍ୱର ପ୍ରତି ଆମର ଧ୍ୟାନ ଅଧିକ କେନ୍ଦ୍ରିତ ହୋଇଥାଏ । ସୋସିଆଲ, କଗ୍ନିଟିଭ ଆଣ୍ଡ ଆଫେକ୍ଟିଭ ନ୍ୟୁରୋସାଇନ୍ସ ପତ୍ରିକାରେ ଏହି ଅଧ୍ୟୟନ ପ୍ରକାଶ ପାଇଛି । ଆମେ ଯେତେବେଳେ ବିପଦକୁ ବୁଝିଥାଉ, ମସ୍ତିଷ୍କ ତାହା କିପରି ଗ୍ରହଣ କରେ, ସ୍ୱିଜରଲ୍ୟାଣ୍ଡର ଜେନେଭା ୟୁନିଭର୍ସିଟିର ଗବେଷକମାନେ ସେ ସମ୍ପର୍କରେ ଦର୍ଶାଇଛନ୍ତି । ଦର୍ଶନ ଓ ଶ୍ରବଣ ଦୁଇଟି ଇନ୍ଦ୍ରିୟ, ଯାହା ବିପଦପୂର୍ଣ୍ଣ ପରିସ୍ଥିତିକୁ ଚିହ୍ନଟ କରିପାରେ । ଶ୍ରବଣ ଭଳି ଦୃଷ୍ଟି ଶକ୍ତି ମାଧ୍ୟମରେ ଏହି ପରିସ୍ଥିତି ଚିହ୍ନଟ କରିବା ଜଟିଳ ହୋଇଥାଏ କାରଣ ଚତୁଃପାର୍ଶ୍ୱର ପରିସ୍ଥିତିକୁ ଦେଖିବା ସମ୍ଭବ ହୋଇନଥାଏ । ତେଣୁ ଚତୁଃପାର୍ଶ୍ୱରେ ଶୁଣାଯାଉଥିବା ବିଭିନ୍ନ ପ୍ରକାର ସ୍ୱରର ପ୍ରକାର ପ୍ରତି କିପରି ଶୀଘ୍ର ପ୍ରତିକ୍ରିୟାଶୀଳ ହୋଇ ସେହି ସ୍ୱର ପ୍ରତି ଆମେ ଆକର୍ଷିତ ହୋଇଥାଉ ଏବଂ ସେହି ବିପଦପୂର୍ଣ୍ଣ ପରିସ୍ଥିତି ସହ ମସ୍ତିଷ୍କ କିପରି ସଂଶ୍ଲିଷ୍ଟ, ସେ ସମ୍ପର୍କରେ ୟୁନିଭର୍ସିଟିର ଗବେଷକ ନିକୋଲାସ୍ ବୁରା କହିଛନ୍ତି । ଧମକ ବା ବିପଦପୂର୍ଣ୍ଣ ପରିବେଶ ପ୍ରତି ମସ୍ତିଷ୍କର ପ୍ରତିକ୍ରିୟା ପରୀକ୍ଷା କରିବା ପାଇଁ ଗବେଷକମାନେ କ୍ରୋଧ କିମ୍ବା ଖୁସି ବ୍ୟକ୍ତ କରୁଥିବା ୨୨ଟି କମ୍ ଅବଧିର ମଣିଷ ସ୍ୱର ଉପସ୍ଥାପନ କରିଥିଲେ । ୨ଟି ଲାଉଡସ୍ପିକର ମାଧ୍ୟମରେ ଏହି ସ୍ୱର ଅଧ୍ୟୟନରେ ସାମିଲ ୩୫ଜଣ ପ୍ରତିଯୋଗୀଙ୍କ ନିକଟରେ ଉପସ୍ଥାପନ କରାଗଲା । ଇଲେକ୍ଟ୍ରୋଏନସେଫାଲୋଗ୍ରାମ୍ (ଇଇଜି) ଦ୍ୱାରା ସେମାନଙ୍କ ମସ୍ତିଷ୍କର ବୈଦ୍ୟୁତିକ ଗତିବିଧିକୁ ମପାଗଲା । ଗବେଷକମାନେ ଶ୍ରବଣ ମାଧ୍ୟମରେ ଧ୍ୟାନ ପ୍ରକ୍ରିୟା ସମ୍ବନ୍ଧିତ ଦିଗ ଇଲେକ୍ଟ୍ରୋସାଇକୋଲୋଜିକାଲ ଦିଗ ଉପରେ ବିଶେଷ କରି ଫୋକସ୍ କରିଥିଲେ । ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ଏକସଙ୍ଗେ ସାଧାରଣ ଓ କ୍ରୋଧପୂର୍ଣ୍ଣ ସ୍ୱର ଶୁଣିବାକୁ ଦିଆଗଲା । ଭିନ୍ନ ଭିନ୍ନ ଶବ୍ଦ ପ୍ରତି ଧ୍ୟାନ କେନ୍ଦ୍ରିତ କରିବାବେଳେ ମସ୍ତିଷ୍କର ତୀବ୍ରତା ମପାଯାଇଥିଲା । ଏଥିସହ ପୂର୍ବାବସ୍ଥାକୁ ଫେରିବା ପୂର୍ବରୁ ଏହି ପରିସ୍ଥିତିର ଅବଧି ମଧ୍ୟ ରେକର୍ଡ କରାଗଲା । ଇଇଜିର ତଥ୍ୟ ବ୍ୟବହାର କରି ଗବେଷକମାନେ ମସ୍ତିଷ୍କରେ ଚିହ୍ନିତ ଶ୍ରବଣ ସମ୍ବନ୍ଧୀୟ ଧ୍ୟାନ 'ଏନ୨,ସି'ର ଉପସ୍ଥିତିକୁ ପରୀକ୍ଷା କରିଥିଲେ । ସମ୍ବେଦନଶୀଳ ଶବ୍ଦ ଗ୍ରହଣ କରିବା ସମୟରେ 'ଏନ୨ଏସି'ର ଗତିବିଧି ୨୦୦ ମିଲିସେକେଣ୍ଡ ପରେ ତୀବ୍ର ହୋଇଥିଲା । ଅନ୍ୟପକ୍ଷରେ, କ୍ରୋଧର ସ୍ୱର ଗ୍ରହଣ କରିବାମାତ୍ରେ 'ଏନ୨ଏସି' ଗତି ବଢ଼ିଗଲା ଓ ଦୀର୍ଘସମୟ ରହିଥିବା ବୁରା କହିଛନ୍ତି ।



## ପରିଶ୍ରମ ସଫଳତା ଆଣିଥାଏ

ରୁଥ୍ ହାଣ୍ଡଲର ତାଙ୍କ ସ୍ୱାମୀ ଇଲିୟଟ୍ ହାଣ୍ଡଲରଙ୍କ ହାଣ୍ଡଲରଙ୍କ ସହ ମିଶି କାଠର କଣ୍ଢେଇ ଘର ନିର୍ମାଣ କରୁଥିଲେ । ଦିନେ ରୁଥ୍ ତାଙ୍କ ଝିଅ ବାରବରାଙ୍କୁ ସାଙ୍ଗସାଥିରେ ଖେଳୁଥିବା ଦେଖିଲେ । ବାରବରା ଏବଂ ତାଙ୍କ ସାଙ୍ଗମାନେ କାର୍ଡବୋର୍ଡରେ ନିର୍ମିତ ଏକ କେଣ୍ଢେଇ ସହ ଖେଳୁଛନ୍ତି । ସେମାନେ ସେହି କଣ୍ଢେଇର ଏମିତି ଯତ୍ନ ନେଉଛନ୍ତି, ଯେପରି ସେମାନେ ବଡ଼ ହେଲେ ସେହି କେଣ୍ଢେଇ ପରି ଦେଖାଯିବେ । ଏପରିକି ସେମାନେ କଣ୍ଢେଇର ଡ୍ରେସ୍ କରୁଥିଲେ । ରୁଥ୍ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ସେମାନଙ୍କ ପାଖକୁ ଯାଇ କହିଲେ 'ତୁମେମାନେ ଏହି କଣ୍ଢେଇ ସହ ଖେଳିବାକୁ ଭଲ ପାଉଛ !' ଛୋଟ ପିଲାମାନେ ଖୁସିରେ କହିଲେଁ, ଆମେମାନେ ଏହି କଣ୍ଢେଇକୁ ବହୁତ ଭଲପାଉଛୁ । ଯଦି ଏହି କଣ୍ଢେଇ ବାସ୍ତବରେ ମଣିଷ ପରି ଦେଖାଯାଇଥାନ୍ତା, ତେବେ ଆହୁରି ମଜା ହୁଅନ୍ତା ।' ସେଦିନ ବାରବରା ଏବଂ ତାଙ୍କ ସାଙ୍ଗମାନଙ୍କ ଖୁସି ଦେଖି ରୁଥ୍ ଏକ ସତସତିକା କଣ୍ଢେଇ ତିଆରି କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ସେ ସ୍ୱାମୀଙ୍କୁ ମଧ୍ୟ ତାଙ୍କ ନିଷ୍ପତ୍ତି ବିଷୟରେ ଶୁଣାଇଥିଲେ । ରୁଥ୍ ବୁଲି ବୁଲି ସବୁ ସ୍ଥାନର କଣ୍ଢେଇ ଆକାର ଦେଖିଥିଲେ । ସେ ଏବଂ ତାଙ୍କ ସ୍ୱାମୀ ମିଶି ଏକ କେଣ୍ଢେଇ କମ୍ପାନୀ ଖୋଲିବା ପାଇଁ ସ୍ୱପ୍ନ ଦେଖିଲେ । ହାଣ୍ଡଲର ଦମ୍ପତି ଜାଣି ସାରିଥିଲେ ଯେ, କଣ୍ଢେଇ ପ୍ରସ୍ତୁତ କରିବାର କଞ୍ଚାମାଲ କେବଳ ଜାପାନରେ ହିଁ ଭଲ ମିଳିଥାଏ । ତେଣୁ ସେମାନେ ଜାପାନ ଚାଲିଯାଇଥିଲେ ଏବଂ ସେଠାରେ ବିଭିନ୍ନ ପ୍ରକାର କଣ୍ଢେଇର ଅଧ୍ୟୟନ କରିଥିଲେ । ତିନି ଡଲାରରେ ସେମାନେ ଏକ କଣ୍ଢେଇ ନିର୍ମାଣ କରିଥିଲେ । ମାତ୍ର ସେଥିରେ ବାଧା ଉପୁଜିଥିଲା କଣ୍ଢେଇର ଅଧ୍ୟୟନ କରିଥିଲେ । ତିନି ଡଲାରରେ ସେମାନେ ଏକ କଣ୍ଢେଇ ନିର୍ମାଣ କରିଥିଲେ । ମାତ୍ର ସେଥିରେ ବାଧା ଉପୁଜିଥିଲା କଣ୍ଢେଇର ପୋଷାକ କରିବା ପାଇଁ । ରୁଥ୍ ତଥାପି ହାର ମାନିନଥିଲେ, ସେ ଅନବରତ ଚେଷ୍ଟା କରିଚାଲିଥିଲେ । ସେହି ଦମ୍ପତି ଏକ ବୟସ୍କ କଣ୍ଢେଇ ପ୍ରସ୍ତୁତ କରିଥିଲେ, ତେଣୁ ବହୁ ଲୋକ ତାଙ୍କୁ ଏଥିପାଇଁ ମଜା ଉଡ଼ାଇଥିଲେ । ନିଜ ଝିଅ ନାମରେ ସେମାନେ କଣ୍ଢେଇର ନାମ 'ବାର୍ବି' ରଖିଥିଲେ । ବଜାରକୁ ଆସିବା ପରେ ବାର୍ବି ଲୋକପ୍ରିୟ ହୋଇଥିଲା । ଏହାପରେ ସେମାନେ ତାଙ୍କ କମ୍ପାନୀ ଆମେରିକାକୁ ଉଠାଇ ନେଇ ଆସିଥିଲେ । ଆମେରିକାରେ ମଧ୍ୟ ତାଙ୍କ ବାର୍ବିର ଲୋକପ୍ରିୟତା ବଢ଼ିଥିଲା । ତାଙ୍କ କମ୍ପାନୀର ନାମ 'ମାଟେଲ କମ୍ପାନୀ' ରହିଥିଲା ପ୍ରଥମଥର ପାଇଁ କୌଣସି କଣ୍ଢେଇ କମ୍ପାନୀ ୧୦୦ ମିଲିଅନ ଛୁଇଁପାରିଥିଲା । ବାଟରେ ଯେତେ କଷ୍ଟ ବା ବାଧା ଆସିଥିଲା, ରୁଥ୍ ଏବଂ ତାଙ୍କ ସ୍ୱାମୀ ବାଧାର ସାମ୍ନା କରିଥିଲେ ଏବଂ ଶେଷରେ ସଫଳ ହୋଇଥିଲେ ।

## କ୍ରୋଧଶୂନ୍ୟତା

ମହାମାନବ ମହାତ୍ମା ତିରୁବଲ୍ଲୁବର ଲୁଗାବୁଣି ସେ ଲୁଗାକୁ ବିକ୍ରି କରି ଜୀବିକା ନିର୍ବାହ କରୁଥିଲେ । ଜୀବନରେ ବହୁ ଘାତ ପ୍ରତିଘାତ ଦେଇ ଗତି କରୁଥିଲେ ମଧ ସେ କେବେ ହେଲେ କ୍ରୋଧ ପ୍ରକାଶ କରୁନଥିଲେ । ଏହି ସଦ୍ ଗୁଣ ଯୋଗୁ ଚାରିଆଡ଼େ ତାଙ୍କର ସୁଖ୍ୟାତି ବ୍ୟାପି ଯାଇଥିାଏ । ଏହାଦେଖି ଜଣେ ଉଦଣ୍ଡ ଯୁବକ ତାଙ୍କୁ ରଗେଇବାକୁ ପଣ କଲା ।

ତିରୁବଲ୍ଲୁବରଙ୍କୁ ଖୋଜି ଖୋଜି ଯୁବକଟି ହାଟରେ ପହଞ୍ଚିଲା । ହାଟ ମଝିରେ ସେ ଲୁଗା ଖଣ୍ଡେ ଧରି ବିକ୍ରି କରିବାକୁ ଠିଆ ହୋଇଥିଲେ । ଯୁବକଟି ସେ ଲଗାକୁ କିଣିବା ଉଦ୍ଦେଶ୍ୟରେ ତାର ମୂଲ୍ୟ ଦୁଇଟଙ୍କା କହିଲେ । ଏହାପରେ ଯୁବକଜଣଙ୍କ ତାଙ୍କ ହାତରୁ ଲୁଗାଟି ଭିଡ଼ି ଆଣି ଦି ଖଣ୍ଡ କରି ଚିରି ଦେଲା । ଖଣ୍ଡେ ତଳେ ଫିଙ୍ଗିଦେଇ ଆଉ ଖଣ୍ଡେ ହାତରେ ଧରି ପଚାରିଲା, ଏ ଖଣ୍ଡକର ମୂଲ୍ୟ କେତେ ? ତିରୁବଲ୍ଲୁବର କହିଲେ ଏକଟଙ୍କା । ଏପରି ଭାବେ ଯୁବକଟି ବାରମ୍ଭାର ଲୁଗା ଟୁକୁଡ଼ା ଟୁକୁଡ଼ା କରି ମୂଲ୍ୟ ପଚାରିଲା ମହାତ୍ମା ପୂର୍ବଭଳି ଶାନ୍ତ ସ୍ୱରରେ ଉତ୍ତର ଦେଇ ଚାଲିଲେ । ଏତେକଥା ସତ୍ତ୍ୱେ ସାମାନ୍ୟ ବିଚଳିତ ନ ହେବା ଯୋଗୁ ଯୁବକଟି ତିରୁବଲ୍ଲୁବରଙ୍କୁ ଲୁଗାର ମୂଲ୍ୟ ବାବଦରେ ପଚାରିବାରୁ ସେ କହିଲେ, ବାବା ! ତୁମେ ତ ଲୁଗା କିଣି ନାହିଁ, ମୁଁ ତୁମଠୁ ଟଙ୍କା ନେବି କାହିଁକି ? ତାଙ୍କର ଏପରି କୋମଳ କଥା ଯୋଗୁ ଉଦଣ୍ଡ ଯୁବକଟି ଲଜ୍ଜିତ ହୋଇ ତାଙ୍କ ପାଦ ତଳେ ପଡ଼ି କ୍ଷମା ପ୍ରାର୍ଥନା କଲା । ତା ମୁଣ୍ଡରେ ହାତଥୋଇ ତିରୁବଲ୍ଲୁବର ଅନେକ କଲ୍ୟାଣ କରିବା ସହ କ୍ରୋଧହୀନ ସ୍ୱଭାବ ଦୁଷ୍ଟ ଲୋକଙ୍କର ମନକୁ ମଧ୍ୟ ଜୟ କରିପାରେ ବୋଲି କହିଲେ ।

## ହ୍ରଦ ଉପରେ ଭାସମାନ ଗାଁ

ପଶ୍ଚିମ ଆଫ୍ରିକାର ବୋନିନ୍ କ୍ଷେତ୍ରରେ ଏଭଳି ଏକ ଗାଁ ରହିଛି, ଯାହା ସମ୍ପୂର୍ଣ୍ଣ ଭାବେ ହ୍ରଦ ଉପରେ ବସିଛି । ୨୦ ହଜାର ଜନସଂଖ୍ୟା ବିଶିଷ୍ଟ ଏହି ଗାନଭି ନାମକ ଗାଁ ନୌକା ଉପରେ ଭାସମାନ ଅବସ୍ଥାରେ ରହିଛି । ଅଧିକାଂଶ ଲୋକଙ୍କ ଘର ହ୍ରଦର ଠିକ୍ ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ । ହ୍ରଦରେ ଗଢ଼ିଉଠିଥିବା ଗାନଭି ଗାଁକୁ ଆଫ୍ରିକାର ସବୁଠୁ ବଡ଼ ଗାଁ ବୋଲି କୁହାଯାଏ । ପର୍ଯ୍ୟଟକମାନେ ଏହି ଗାଁକୁ ଦେଖିବାକୁ ଦୂର ଦୂରନ୍ତରୁ ଆସିଥାନ୍ତି କିଛି ଲୋକଙ୍କ କହିବା କଥା, ଷୋଡ଼ଶ କିମ୍ବା ସପ୍ତଦଶ ଶତାବ୍ଦୀରେ ତୋଫିନୁ ସମୁଦାୟ ଲୋକମାନେ ନିଜକୁ ସୁରକ୍ଷିତ ରଖିବାକୁ,ଭଳି ଗାଁର ନିର୍ମାଣ କରିଥିଲେ । ଫୋନ୍ ନାମକ ଜନଜାତି ଏମାନଙ୍କୁ ନିଜ ଗୁଲାମ କରିବାକୁ ଏଭଳି ଗାଁର ନିର୍ମାଣ କରିଥିଲେ ।





ଫୋନ୍ ନାମକ ଜନଜାତି ଏମାନଙ୍କୁ ନିଜ ଗୁଲାମ କରିବାକୁ ଆସିଥିଲେ । କିନ୍ତୁ ନିଜ ଧାର୍ମିକ ମାନ୍ୟତା କାରଣରୁ ପାଣିରେ ପ୍ରବେଶ କରି ପାରିଲେ ନାହିଁ । ଏତେ ବର୍ଷ ଧରି ପାଣି ଉପରେ ଘର କରି ରହିଯାଇଥିବାରୁ ତୋଫିନୁ ସମ୍ପ୍ରଦାୟ ଭୂସ୍ଥଳକୁ ଆସିବାକୁ ଇଚ୍ଛାପ୍ରକାଶ କରୁନାହାନ୍ତି । ଏହି ହ୍ରଦ ଭିତରେ ଦୋକାନ, ରେଷ୍ଟୁରାଣ୍ଟ ଆଦିକୁ ଖୁବ୍ ସୁନ୍ଦର ଢ଼ଙ୍ଗରେ ତିଆରି କରିଛନ୍ତି । ପରିବା ବିକ୍ରି ପାଇଁ ପ୍ରତିଦିନ ନୌକାରେ ବ୍ୟବସାୟୀମାନେ ଘର ଘର ବୁଲନ୍ତି । ନଚେତ କେତେବେଳେ ଘର ସବୁ ବୁଲି ବୁଲି ଦେକାନ ପାଖକୁ ଚାଲିଆସିଥାଏ ।

## ଉଦ୍ୟାନ ଫସଲ





ଆମ୍ବ: ବଉଳ ବାହାରିବା ସମୟରେ ଆମ୍ବରେ ଡାଆଣୀ, ଆବ୍ରାକ୍ନୋଜ ଓ ପାଉଁଶିଆ ରୋଗ ଲାଗିବା ଆଶଙ୍କା ରହିଛି । ଦମନ ପାଇଁ ପ୍ରତି ଲିଟର ପାଣିରେ ଦୁଇ ଗ୍ରାମ୍ ସଲଫର ସେଚିତ ଗୁଣ୍ଡ କିମ୍ବା କାରାଥେନ୍ ଏବଂ ଆମ୍ବ ଡାଆଣୀର ଦମନ ପାଇଁ ଦୁଇ ମିଲି ରୋଗର ମିଶାଇ ଛିଅନ୍ତୁ । କୁହୁଡ଼ିଆ ପାଗ ହେଲେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାରେ ଧୂଆଁ ଦିଅନ୍ତୁ ।

ମଲ୍ଲୀ: ବର୍ତ୍ତମାନ ମଲ୍ଲୀ ଗଛକୁ କାଟଛାଣ୍ଟ କରିବାର ପ୍ରକୃଷ୍ଟ ସମୟ । ଗଛର ପ୍ରତ୍ୟେକ ଡାଳ ମାଟି ଉପରୁ ୪୫ରୁ ୫୦ ସେମି ରଖି ଅବଶିଷ୍ଟ କାଟିଦିଅନ୍ତୁ । କଟା ଅଂଶରେ ବୋର୍ଡ ମିକ୍ସଚର କିମ୍ବା ବ୍ଲାଟକଦସ୍ ୫୦ ପ୍ରଲେପ ଦିଅନ୍ତୁ ।

## କ୍ଷତିକାରକ ଗରମ ଚା'



ଚା' ପିଇବା ଶରୀର ପାଇଁ କେତେ ଆବଶ୍ୟକ, ଏ ବାବଦରେ ନିୟମିତ ଭାବରେ ଗଣମାଧ୍ୟମରେ ଖବର ପ୍ରକାଶିତ ହେଉଛି । ତେବେ ନିକଟରେ ଏକ ଆମେରିକୀୟ ପତ୍ରିକାରେ ପ୍ରକାଶିତ ହୋଇଥିବା ତଥ୍ୟ ଅନୁସାରେ ପ୍ରତ୍ୟେକ ବର୍ଗର ଲୋକେ ଗରମ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏହାକୁ ଅଭ୍ୟାସରେ ପରିଣତ କରିଥିବା ଲୋକେ ଯଥାଶୀଘ୍ର ଏହି ଅଭ୍ୟାସକୁ ଦୂରେଇବା ଉଚିତ୍ । ଗବେଷକ ଦଳ ପରୀକ୍ଷା କରିବା ପରେ ପ୍ରକାଶ କରିଛନ୍ତି ଯେ, ଗରମ ଚା' ପିଉଥିବା ଲୋକଙ୍କୁ କର୍କଟ ରୋଗ ହେବାର ସମ୍ଭାବନା ସର୍ବାଧିକ । ଏପରିକି ଗରମ ଚା' ପିଇଲେ ଗଳା କର୍କଟ ହେବାର ସମ୍ଭାବନା ୮ଗୁଣ ଅଧିକ ହୋଇଥାଏ ବୋଲି ଉପଦେଶ ମଧ୍ୟ ଦେଇଛନ୍ତି । ଚା' ପ୍ରସ୍ତୁତ ହେବାର ୨ ମିନିଟ୍ ପରେ ଚା' ପିଉଥିବା ଲୋକେ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ସେଥିପାଇଁ ଚା' ପ୍ରସ୍ତୁତ କରି ୫ ରୁ ୬ ମିନିଟ୍ ପରେ ହିଁ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଅଟେ । ଗବେଷକ ଦଳ ବିଶ୍ୱର ବିଭିନ୍ନ ପ୍ରାନ୍ତର ୫୦ ହଜାର ଲୋକଙ୍କୁ ଏହି ଗବେଷଣାରେ ସାମିଲ କରାଇଥିଲେ । ତାକୁ ଥଣ୍ଡା କରି ପିଇଲେ ମଧ୍ୟ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପଡ଼ିନଥାଏ ।

## ଲୁଣରେ ତିଆରି ହୋଟେଲ



ଦୁନିଆର ଅନେକ ଅଜବ ହୋଟେଲ ବିଷୟରେ ଶୁଣିଥିବେ । ତେବେ ଲୁଣରେ ତିଆରି ହୋଇଥିବା ହୋଟେଲ ବିଷୟରେ ହୁଏତ ଖୁବ୍ କମ୍ ଶୁଣିଥିବେ । ବଲିଭିଆର ସାଲାର ଦେ ୟୁନି ନାମକ ସ୍ଥାନରେ ଅବସ୍ଥିତ ଏହି ହୋଟେଲ । ଏହି ସ୍ଥାନରେ ଜନବସତି ନାହିଁ ଅଛି କେବଳ ଲୁଣରେ ତିଆରି ଏକ ବିଶାଳ ହୋଟେଲ । ଏହାର ନାଁ ଦେ ସାଲ ପ୍ଲାୟା ଯାହାକି ୧୯୯୩ ମସିହାରେ ତିଆରି ହୋଇଥିଲା । ଲୁଣରେ ଛୋଟଛୋଟ କଳାକୃତି ତିଆରି କରୁଥିବା ଜଣେ କଳାକାରଙ୍କ ମନରେ ଏହି ହୋଟେଲ ତିଆରି କରିବାର ଭାବନା ଆସିଥିଲା । ହୋଟେଲର କାନ୍ଥରୁ ନେଇ ଛାତ, ଚଟାଣ ସବୁ କିଛି ଲୁଣରେ ତିଆରି ହୋଇଛି । ବର୍ଷାଦିନେ ଅଧିକରୁ ଅଧିକ ସଲ୍ଟ ବ୍ଲକ(ଲୁଣ ଇଟା) ଖଞ୍ଜା ଯାଇ କାନ୍ଥଗୁଡ଼ିକୁ ମଜଭୁତ କରାଯାଏ । ଏହି ହୋଟେଲ ସମସ୍ତ ଆସବାବପତ୍ର ମଧ ଲୁଣ ଇଟାରେ ତିଆରି ହୋଇଛି । ଏହି ହୋଟେଲରେ ୧୫ଟି ବେଡ୍ ରୁମ୍, ଗୋଟିଏ ଡାଇନିଂ ହଲ୍ ଗୋଟିଏ ଲିଭିଂ ରୁମ ଏବଂ ଗୋଟିଏ ବାର୍ କାଉଣ୍ଟର ଅଛି । ହୋଟେଲକୁ ଅନେକ ସଂଖ୍ୟାରେ ପର୍ଯ୍ୟଟକ ଆସିଛନ୍ତି ।

## ଖୁସି ସମୟରେ ସପିଂ କରନ୍ତୁ



ଖୁସି ଥିବା ସମୟରେ ସପିଙ୍ଗ କରିବା ଭଲ । କାରଣ ଏହି ସମୟରେ ସକାରାତ୍ମକ ଚିନ୍ତାଧାରା ଧାଏ ଏବଂ ଠିକ୍‌ରେ ନିଷ୍ପତ୍ତି ନେଇହୁଏ । ଖୁସି ଥିବା ବେଳେ ଗ୍ରାହକ ଜଣକ ପ୍ରତ୍ୟେକ ଜିନିଷକୁ ଠିକ୍ ଭାବେ ଗ୍ରହଣ କରିଥିବାରୁ ସେ ସହଜରେ ତାଙ୍କ ପସନ୍ଦଯୋଗ୍ୟ ଜିନିଷ କିଣିପାରନ୍ତି । ଯଦି ସେ ମାନସିକ ସ୍ତରରେ ଅଶାନ୍ତି ଥାନ୍ତି ତେବେ ସହଜରେ କୌଣସି ଜିନିଷକୁ ଠିକ୍‌ରେ ଗ୍ରହଣ କରିପାରି ନଥାନ୍ତି ବୋଲି ଏକ ଅଧ୍ୟୟନ ରିପୋର୍ଟରେ କୁହାଯାଇଛି । ପ୍ରତ୍ୟେକ ଲୋକ ନିଜ ନିଷ୍ପତ୍ତି ଗ୍ରହଣ କରିବା ବେଳେ ସେମାନଙ୍କ ମାନସିକ ସ୍ଥିତି, ଆବେଗ ଓ ଭାବନା ସେମାନଙ୍କୁ କେତେ ମାତ୍ରାରେ ପ୍ରଭାବିତ କରିଥାଏ ତା' ଉପରେ ଗବେଷକ ମାନେ ଗବେଷଣା କରିଥିଲେ । ଲୋକଙ୍କ ମାନସିକ ସ୍ଥିତି ଜାଣିବା ପାଇଁ ଗବେଷକମାନେ ଏଥିରେ ଅଂଶ ଗ୍ରହଣ କରିଥିବା ଲୋକମାନଙ୍କୁ କେତେକ ଫଟୋ ଦେଖାଇଥିଲେ । ସେଥିରେ ଖୁସି ଓ ବିରକ୍ତି ମନୋଭାବ ସୃଷ୍ଟି ହେଲା ଭଳି କେତେକ ଫଟୋଥିଲା । ଏପରିକି ଅତୀତରେ ଘଟିଯାଇଥିବା କିଛି ଭଲ ଓ ଖରାପ ଘଟଣାକୁ ମନେ ପକାଇବାକୁ ସେମାନଙ୍କୁ କୁହାଯାଇଥିଲା ।

# କରୋନା ଯୋଦ୍ଧା ରଶ୍ମିତା ମୁଦୁଲିଙ୍କ ପ୍ଲାଜମା ଦାନ

ଭୁବନେଶ୍ୱର,୨୭।୮ (ନି.ପ୍ର): ପ୍ଲାଜମା ଥେରାପି ଦ୍ୱାରା କୋଭିଡ୍-୧୯ ସଂକ୍ରମିତ ଗୁରୁତର ରୋଗୀମାନେ ସୁସ୍ଥ ହେଉଥିବା ପରିପ୍ରେକ୍ଷୀରେ ଅଧିକ ସଂଖ୍ୟାରେ ପ୍ଲାଜମା ଦାନ କରିବା ପାଇଁ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଏବଂ ଉତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଆହ୍ୱାନ କ୍ରମେ ଆଜି ଖୋର୍ଦ୍ଧା ଜିଲ୍ଲାର ପ୍ରଥମ ମହିଳା ଭାବେ ସମ୍ ହସ୍ପିଟାଲରେ କାର୍ଯ୍ୟରତ ଷ୍ଟାଫ୍ ନର୍ସ ତଥା କରୋନା ଯୋଦ୍ଧା କୁମାରୀ ରଶ୍ମିତା ମୁଦୁଲି ପ୍ଲାଜମା ଦାନ କରିଛନ୍ତି । ଏଥି ସହିତ କୁମାରୀ ମୁଦୁଲି କୋଭିଡ୍-୧୯ ସଂକ୍ରମିତ ରୋଗୀମାନଙ୍କର ଜୀବନ ରକ୍ଷା କରିବାକୁ ପ୍ଲାଜମା ଦାନ କରିବା ପାଇଁ ସମସ୍ତଙ୍କୁ ଅଭିଲ୍ କରିଛନ୍ତି । ଏହି ଅବସରରେ କୁମାରୀ ମୁଦୁଲିଙ୍କୁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଏବଂ ବିଧାୟକ ସୁଶାନ୍ତ କୁମାର ରାଉତ ଶୁଭେଚ୍ଛା ଜଣାଇବା ସହିତ କୁମାରୀ ମୁଦୁଲିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ୟମାନେ ପ୍ଲାଜମା ଦାନ କରବାକୁ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଛନ୍ତି ।

# ଆରୁହା ଓ ବାଜବାଟୀ ପାହାଡ ନିଲାମ ନେଇ ଜନଶୁଣାଣି

ଧର୍ମଶାଳା,୨୭।୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧିନସ୍ଥ ଆରୁହା ଓ ବାଜବାଟୀ ପାହାଡର କଳାପଥର ଖାଦାନ ନିଲାମ ନେଇ ଆଜି ଧର୍ମଶାଳା ଭବନରେ ଏହା ଉପରେ ଜନ ଶୁଣାଣି କରାଯାଇଛି । ଆଜିର ଏହି ଜନଶୁଣାଣି ଶିବିରରେ ଯାଜପୁର ଏଡିଏମ ମିହିର ପ୍ରସାଦ ମହାନ୍ତି, ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଆଂଚଳିକ ପ୍ରଦୂ୍ୟଷଣ ବୋର୍ଡର ଅଧିକାରୀ ପ୍ରମୋଦ ବେହେରା, ପରିବେଶ ମଞ୍ଜୁରୀ ବୋର୍ଡ କଲ୍ୟାଣୀ ଲାବ୍ରୋଟାରିର ଦେବାଶିଷ ବିଶ୍ୱାଳ ଉପସ୍ଥିତିରେ ରହିଥିଲେ । ଆଜି ଆରୁହା ପାହାଡର ୫ଟି ଓ ବାଜବାଟୀର ୬ଟି ଖାଦାନକୁ ନେଇ ଜନଶୁଣାଣି ହୋଇଥିଲା । ସେହିପରି ଗତକାଲି ମହିସରାଠାରେ ଡଙ୍କାରୀ ଓ ରାହାଡପୁର କଳାପଥର ଖାଦାନ ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ସୂଚନା ଯୋଗ୍ୟ ଯେ, ବିଭିନ୍ନ ପାହାଡରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିବା ବେଳେ ପଥର ଉତୋଳନ ଉପରେ ରୋକ ଲଗାଯାଇଛି । ଏହି ଅଂଚଳର କଳାପଥର ଖାଦାନ ବନ୍ଦ ରହିବା ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ସ୍ଥାନୀୟ ଅଂଚଳର ଲୋକମାନେ ରୋଜଗାର ହରାଇ ବସିଛନ୍ତି । ଏବେ କୋଭିଡ ପାଇଁ ଲୋକମାନଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଥିବା ବେଳେ ବିଭିନ୍ନ ରାସ୍ତା ଘାଟର ନିର୍ମାଣ ପାଇଁ ଆବଶ୍ୟକ କଳାପଥର ଯୋଗଇ ଦେବା ନିମନ୍ତେ ଏହି ଖାଦାନ ଗୁଡିକୁ ଚଳାଇବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି । ଖାଦାନ ଗୁଡିକ ଚାଲିବା ଫଳରେ ଲୋକେ ରୋଜଗାର ପାଇବା ସହିତ କୋଟି କୋଟି ଟଙ୍କାର ରାଜସ୍ୱ ସରକାରୀ ତହବିଲକୁ ଯାଇପାରିବ । ସ୍ଥାନୀୟ ଅଂଚଳର ଲୋକମାନଙ୍କୁ ନେଇ ଏହି ଜନଶୁଣାଣି କରାଯାଉଥିବା ବେଳେ ଏହା ସକାରତ୍ମକ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି । ଆସନ୍ତାକାଲି ପୁରୁଣାବଡଳମାଳ ପଂଚାୟତ କାର୍ଯ୍ୟାଳୟରେ ଲୁଣିବର ଓ ସାହାଣିଡିହ ମୌଜାରେ ଥିବା ୧୦ଟି ଖାଦାନ ପାଇଁ ଜନଶୁଣାଣି କରାଯିବ ବୋଲି ତହସିଲଦାର ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି ।

# ରାୟଗଡ଼ା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ମୁନିଗୁଡ଼ା ବ୍ଲକ ପରିଦର୍ଶନ ଓ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଗୁଣପୁର,୨୭।୮ (ନି.ପ୍ର): ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀଯୁକ୍ତ ଅଶୋକ କୁମାର ଶତପଥୀ ଆଜି ଦିନିକିଆ ଗୁରପୁର ଉପଖଣ୍ଡ ମୁନିଗୁଡ଼ା ବ୍ଲକ ଗସ୍ତରେ ଆସି ବିଭିନ୍ନ ଆଶ୍ରମ, ସେବାଶ୍ରମ, ଉଚ୍ଚ ବାଳିକା ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟମାନ ପରିଦର୍ଶନ କରିଥିଲେ । ତାଙ୍କ ସହିତ ବ୍ଲକ୍ କଲ୍ୟାଣ ବିଭାଗ ଅଧିକାରୀ ଶ୍ରୀଯୁକ୍ତ ଭାଗିରଥି ସାହୁ ପରିଦର୍ଶନରେ ସହାୟତା କରିଥିଲେ । ପ୍ରକାଶ ଥାଉକି ମୁନିଗୁଡ଼ା ବ୍ଲକ୍‌ର ୪ଟି ବିଦ୍ୟାଳୟ ମୁନିଗୁଡ଼ା ଉଚ୍ଚ ବାଳିକା ବିଦ୍ୟାଳୟ, ଆମ୍ବାଦଳା ଉଚ୍ଚ ବିଦ୍ୟାଳୟ, ବାଲିଜୋଡୀ ସେବାଶ୍ରମ ଓ ଆଗୁଳ ଆଶ୍ରମ ବିଦ୍ୟାଳୟକୁ ସରକାର ଉନ୍ନତ ମାନର ବିଦ୍ୟାଳୟରେ ରୂପାନ୍ତରିତ କରିବା ପାଇଁ ଏକ ବହୁମୁଖୀ ଯୋଜନା କରିଛଁି । ଏଣୁ ବିଭାଗୀୟ ଅଧିକାରୀ ଶ୍ରୀଯୁକ୍ତ ଶତପଥୀ ଓ ଶ୍ରୀଯୁକ୍ତ ସାହୁ ପ୍ରଥମେ ବାଲିଜୋଡୀ ସେବାଶ୍ରମ ଯାଇ ଏହାର ଭିତ୍ତିଭୂମି, ଆବଶ୍ୟକତା ଓ ପରିବେଶକୁ ପରଖିଥିଲେ । ପ୍ରଧାନ ସେବୀକା ସ୍ନେହାପ୍ରଭା ବାରିକ, ସହକାରୀ ବିଜୟ ସାହୁ ଓ ମାଳବିକା ମୁଖାର୍ଜୀ ପ୍ରମୁଖ ଅଧିକାରୀଙ୍କୁ ବିଦ୍ୟାଳୟର ଅସୁବିଧା ଜଣାଇବା ସହ ବାଳିକା, ବାଳିକ ହଷ୍ଟେଲ, ରୋଷେଇ ଘର, ଶୌଚାଳୟ ଦେଖାଇଥିଲେ । କଲ୍ୟାଣ ଅଧିକାରୀ ବିଦ୍ୟାଳୟ ମୁଖ୍ୟ ଶ୍ରୀମତୀ ବାରିକଙ୍କୁ ଆବଶ୍ୟକ ପରାମର୍ଶ ଦେଇ ଅମ୍ବାଦଳାର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଏହି ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଯାଏ ପଢ଼ିବାର ବ୍ୟବସ୍ଥା ଅଛି । ପ୍ରଧାନ ଶିକ୍ଷା ଶ୍ରୀ ପ୍ରଫୁଲ୍ଲ କୁମାର ସାହୁଙ୍କ ସହ ଆଲୋଚନା କରି ଶେଷରେ ମୁନିଗୁଡ଼ାର ଉଚ୍ଚ ବାଳିକା ବିଦ୍ୟାଳୟରେ ପହଞ୍ଚିଥିଲେ । ଚଳିତ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଯଶସ୍ୱୀ ଛାତ୍ରୀ ଶୁଶ୍ରୀ ଫାଲ୍‌ଗୁନି ବାଗଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସତ୍ୟନାରାୟଣ ପାତ୍ର ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମେଧାବୀ ଫାଲ୍‌ଗୁନି ସହ ତାଙ୍କ ବାପାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଜିଲ୍ଲା କଲ୍ୟାଣ ଅଧିକାରୀ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ସମସ୍ତ ଗୁରୁ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଧନ୍ୟବାଦ ଜଣାଇଥିଲେ । ସୁନାମ ଅର୍ଜନ କରିଥିବା ବାଳିକାଙ୍କୁ ଆଗାମୀ ଦିନରେ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିକ୍ରିୟାରେ ଅଧିକାରୀ କହିଥିଲେ । ଶେଷରେ ବିଦ୍ୟାଳୟର ଭିତ୍ତିଭୂମିକୁ ନେଇ ଆଲୋଚନା ହୋଇଥିଲଶ । ଆନ୍ତର୍ଜାତିକ ସ୍ତରୀୟ ବିଦ୍ୟାଳୟ କରିବାକୁ ହେଲେ ଏହାର ଭିତ୍ତିଭୂମିର ବିକାଶ ସହିତ ଉନ୍ନତମାନର ଶିକ୍ଷାଦନ, ଉତ୍ତମ ପରିବୋ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଶ୍ରୀ ଶତପଥୀ ସଭିଙ୍କ ସହଯୋଗ କାମନା କରିଥିଷଲ ।

# ଲଗାଣ ବର୍ଷାରେ ଆଖଣ୍ଡଳମଣିଙ୍କ ଗର୍ଭଗୃହରେ ଆଣ୍ଠୁଏ ଉଚ୍ଚରୁ ପାଣି : ବୁଡିଲା ମଣିବାବାଙ୍କ ବିଗ୍ରହ, ସକାଳ ନୀତିକାନ୍ତିରେ ବିଳମ୍ବ

ଭଦ୍ରକ, ୨୭/୮ (ହି.ସ.) - ଗତ ୩ଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଗତକାଲି ରାତିରେ ପଶ୍ଚିମଦ୍ୱାରା ଓ ପାଦୁକ କୁଣ୍ଡ ଦେଇ ଆଖଣ୍ଡଳମଣିଙ୍କ ଗର୍ଭଗୃହରେ ଆଣ୍ଠୁଏ ଉଚ୍ଚରୁ ପାଣି ପସିଯିବା ଫଳରେ ମଣିବାବାଙ୍କ ବିଗ୍ରହ ଅଧିକାଂଶ ଭାଗ ବୁଡିଯାଇଥିଲା । ଫଳରେ ବୁଧବାର ଭୋର ମଙ୍ଗଳ ଆଳତୀ ସମେତ ସକାଳ ନୀତିକାନ୍ତିରେ ସାମନ୍ୟ ବିଳମ୍ବ ଦେଖା ଦେଇଥିଲା । ପରେ ମନ୍ଦିର ପ୍ରଶାସନ ପକ୍ଷରୁ ମଟର ଚାଳିତ ପମ୍ପ ଲଗାଯିବା ପରେ ପାଣି ଶୁଖା ଯାଇ ଅନ୍ୟାନ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା । ଉପରମୁଣ୍ଡରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ସମଗ୍ର ପୀଠ ଚତୁଃପାର୍ଶ୍ୱରେ ବନ୍ୟାପାଣି ଜମି ରହିବା ଓ ଶିବଗଙ୍ଗା ପୁଷ୍କରିଣୀ ପୂର୍ଣ୍ଣ ଥିବାରୁ ଏପରି ସମସ୍ୟା ଉପୁଜିଥିବା କେତେକ ସେବାୟତ ମତ ଦେଇଥିବା ବେଳେ ମଣିବାବାଙ୍କ ଗର୍ଭଗୃହ ପୀଠ ଚତୁଃପାର୍ଶ୍ୱ ଠାରୁ ୨୦ଫୁଟ ତଳେ ରହିଥିବାରୁ ବର୍ଷାଋତୁରେ ପାଣିଝର ପଡିବା ଦ୍ୱାରା ଏପରି ସମସ୍ୟା ଦେଖା ଦେଉଥିବା କିଛି ସେବାୟତ ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ ଦୀର୍ଘ ୩ବର୍ଷ ତଳେ ରାଜ୍ୟ ପ୍ରତ୍ନତତ୍ୱ ବିଭାଗ ପକ୍ଷରୁ ମନ୍ଦିର ଗର୍ଭଗହର ମରାମତି କରାଯାଇଥିଲେ ମଧ ଏବେ ପୁର୍ନବାର ପୂର୍ବ ପରି ସମସ୍ୟା ଦେଖାଦେଇଥିବା ବରିଷ୍ଠ ସେବାୟତମାନେ ପ୍ରକାଶ କରିଛନ୍ତି । ଏପରି ସମସ୍ୟା ବାବାଦରେ ମନ୍ଦିର ପରିଚାଳକଙ୍କୁ ପଚାରିବାରୁ ବର୍ଷାଋତୁରେ ଏପରି ମଣିବାବାଙ୍କ ଗର୍ଭଗୃହରେ ପାଣି ଜମେ ମଟର ଦ୍ୱାରା ନିଷ୍କାସନ କରାଯାଇ ସମସ୍ତ ନୀତିକାନ୍ତି କରାଯାଏ ।

# ସଂକ୍ରମଣ ପରୀକ୍ଷା ଉପରେ ପ୍ରଶାସନର ଗୁରୁତ୍ୱ

## ଜିଲ୍ଲାରେ ଦୈନିକ ୮ ହଜାର ଟେଷ୍ଟିଂ

କେନ୍ଦ୍ରାପଡା,୨୭।୮ (ନି.ପ୍ର): କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନମୁନା ପରୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି । ଜିଲ୍ଲାର ୯ଟି ବ୍ଲକରେ ଓ ୨ଟି ପୌରାଂଚଳରେ ୩୦ ଟି ଟିମ୍ ଗଠନ କରାଯାଇ ଦୈନିକ ପ୍ରାୟ ୮ ହଜାର ବ୍ୟକ୍ତିଙ୍କ ଠାରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଥିବା ଜଣାପଡିଛି । ଅଧିକ ସଂଖ୍ୟକ ପରୀକ୍ଷା କରାଇ ସଂକ୍ରମିତଙ୍କୁ ଠାବ କରାଯିବା ପରେ କୋଭିଡ ହସପିଟାଲକୁ ପଠାଇବା ଓ ଆବଶ୍ୟକ ସ୍ଥଳେ ଗୃହ ସଂଗରୋଧରେ ରଖିବାକୁ ପ୍ରଶାସନ ଉଦ୍ୟମ ଚଳାଇଛି । ଏହାସହ ଜିଲ୍ଲାରେ କରୋନାର ସ୍ଥିତି ଅନ୍ୟ ଜିଲ୍ଲା ତୁଳନାରେ ସର୍ବନିମ୍ନ ଥିବା ବେଳେ ପରୀକ୍ଷା କରାଇ ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ ଓ ଅଧିକ ବ୍ୟାପକ ନହେବା ପାଇଁ ପ୍ରଶାସନ ପକ୍ଷରୁ କରୋନା ଟେଷ୍ଟିଂକୁ ଜୋରଦାର କରାଯାଇଛି ବୋଲି ଜିଲ୍ଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି ।

# ବାରିପଦା ପୌରପରିଷଦରେ କୋଭିଡ ଆଣ୍ଟିଜେନ ଟେଷ୍ଟ

ବାରିପଦା,୨୭।୮ (ନି.ପ୍ର): ରାଜ୍ୟରେ ଦିନକୁ ଦିନ କୋରୋନାର ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ କିଛି ଦିନ ହେବ ମୟୁରଭ ଜିଲ୍ଲାରୁ ଅଧିକାଂଶ ସ୍ଥାନୀୟ ସଂକ୍ରମଣ ଚିନ୍‌ହଟ ହେଉଛଁି । ଫଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ କରୋନା ମୁକାବିଲା ପାଇଁ ପରୀକ୍ଷଣକୁ ବ୍ୟାପକ କରାଯାଇଛି ।ସ୍ଥାନୀୟ ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ କୋଭିଡ ଆଣ୍ଟିଜେନ ଟେଷ୍ଟ ଆରମ୍ଭ ହୋଇଯାଇଛି । ଏନେଇ ମଙ୍ଗଳବାର ଠାରୁ ବାରିପଦା ପୋ ?ରପରିଷଦ କାର୍ଯ୍ୟଳୟ ପରିସରରେ ଏହି କୋଭିଡ ଆଣ୍ଟିଜେନ ଟେଷ୍ଟ କରାଯାଉଛି । ପୂର୍ବରୁ ସହରର ବିଭିନ୍ନ ୱାର୍ଡ ମାନଙ୍କରେ ଏହି ପରୀକ୍ଷଣ କାର୍ଯ୍ୟ ଜାରି ରହିଥିଲା । ମେଡ଼ିକାଲର ଲେବ ଟେକ୍ନିସିଆନଙ୍କ ଦ୍ୱାରା ଏହି ଆଣ୍ଟିଜେନ ଟେଷ୍ଟ ହେଉଛି । ପ୍ରଥମ ଦିନରେ ବହୁ ଲୋକ ସ୍ୱେଚ୍ଛାକୃତ ଭାବେ ଆଣ୍ଟିଜେନ ଟେଷ୍ଟ କରାଇଥିବା ବେଳେ ପ୍ରତିଦିନ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜଣାପଡିଛି । ସେପଟେ ପ୍ରତ୍ୟେକ ବ୍ୟକ୍ତି ନିଜର କୋରୋନା ଆଣ୍ଟିଜେନ ଟେଷ୍ଟ କରାଇ ପାରିବେ ବୋଲି ମଧ ସୂଚନା ଦିଆଯାଇଛି । ତେବେ ଆଗାମୀ ଦିନରେ କରୋନା ମହାମାରୀର ଗୋଷ୍ଠୀ ସଂକ୍ରମଣ ଆଶଙ୍କା ରୋକିବା ପାଇଁ ଏହାକୁ ଆହୁରି ବ୍ୟାପକ କରାଯିବ । ଯାହା ଦ୍ୱାରା ସଂକ୍ରମଣର ପ୍ରକୃତ ସ୍ଥିତି ପ୍ରଶାସନ ଆକଳନ କରିପାରିବ ।

# ମାଲ୍‌କାନଗିରି‌ରେ ବିପୁଳ ମାତ୍ରାରେ ଗଂଜେଇ ଜବତ

ମାଲକାନଗିରି ,୨୭।୮ (ନି.ପ୍ର): ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ପୋଲିସ ଦୁଇ ସ୍ଥାନେ ଯାନବାହନ ଯାଂଚ ବେଳେ ଗଞ୍ଜେଇ ଚୋରାଚାଲାଣ ପାଇଁ ଯାଉଥିବା ଦୁଇ ଗାଡ଼ିରୁ ୪୯୫କେଜି ଗଞ୍ଜେଇ ଜବତ କରିବାସହ ଏଥିରେ ସମ୍ପୃକ୍ତ ୬ ଜଣ ଯୁବକ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ପ୍ରାପ୍ତ ସୂଚନା ଅନୁସାରେ ଓର୍କେଲ ଥାନା ଏସ ଆଇ କୃଷ୍ଣା କୁମାରୀ ପ୍ରଧାନଙ୍କ ନେତୃତ୍ୱରେ ଟିମ ସଦାଶିବପୁର ଛକ ରେ ଯାନବାହାନ ଯାଂଚ କରୁଥିବାବେଳେ ଗୋଟିଏ ମଟର ସାଇକେଲ୍ରେ ଦୁଇ ଜଣ ଯୁବକ ଗାଡି ମଝିରେ ବସ୍ତାରେ କିଛି ଧରି ଆସୁଥିବା ଦେଖି ସନ୍ଦେହ ହେବାରୁ ମଟର ସାଇକେଲକୁ ଅଟକାଇ ବସ୍ତା ଫିଟାଇ ଯାଂଚ କରିଥିଲେ । ବସ୍ତା ଭିତରେ ଦୁଇଟି ପଲିଥିନ ବ୍ୟାଗରେ ୪୫କେଜି ଥିବାର ଦେଖିବାକୁ ପାଇଥିଲେ । ଗାଡି ଓ ଗଂଜେଇ ଜବତ କରିବା ସହ ୨ ଜଣ ଯୁବକଙ୍କୁ ଗିରଫକରି ଥାନାକୁ ଆଣିଥିଲେ !ଗିରଫ ଯୁବକ ମାନେ ହେଲେ ଓର୍କେଓ ଥାନା ସହଦେ୍ୱଗୁଡା ଗ୍ରାମର ରାମଚନ୍ଦ୍ର ଖିଲ (୩ ୦)ଓ ସୋନା ଖିଲ (୪୦) ସେହିପରି ଅନ୍ୟ ଏକ କେସରେ ଏସ ଆଇ ମିଲନ ମଜୁମଦାର ଙ୍କ ନେତୃତ୍ୱରେ ପୋଲିସ ସଦଳବଳ ହାତୀଆମ୍ବ ଛକରେ ଗାଡି ଯାଂଚ କରୁଥିବାବେଳେ ସି ଜି ୦୭ସିଏ୯୦୪୯ ଟ୍ରକ ରୁ ୧ ୫ ଟି ପଲିଥିନ ବ୍ୟାଗରେ ଚୋରାଚାଲାଣ ପାଇଁ ଯାଉଥିବା ୪୫୦କେଜି ଗଞ୍ଜାଇ ଜବତ କରିବାସହ ଏଥିରେ ସମ୍ପୃକ୍ତ ଚାରି ଜଣକୁ ଗିରଫ କରିଛନ୍ତି । ଗିରଫ ଯୁବକ ମାନେ ହେଲେ ମାଲକାନଗିରି ଥାନା ଅନ୍ତର୍ଗତ ପାଣ୍ଡ୍ରିପାଣି ପଂଚାୟତ ଭାଲୁଗୁଡା ଗ୍ରାମର ସୁରେନ୍ଦ୍ର ଗାଦବା (୨ ୫), ପଦ୍ମଗିରି ପଂଚାୟତ ଏମଭି ୮ ୩ ଗ୍ରାମର ନୀଳକମଲ ବିଶ୍ୱାସ (୩ ୦),ପଞ୍ଜାବ ରାଜ୍ୟ ହୋଶିୟାରପୁର ଜିଲ୍ଲା ତଣ୍ଡା ଥାନା ଅଂଚଳର ଗୁରପ୍ରିତ ସିଂ (୩୪)ଓ ଛତିଶଗଡ଼ ରାଜ୍ୟ ଦୁର୍ଗର କମଲଜିତ ସିଂ (୩ ୫) । ଏମାନଙ୍କ ଠାରୁ ୫ ଟି ମୋବାଇଲ ଫୋନ ମଧ ଜବତ ହୋଇଛି । ଜବତ ହୋଇଥିବା ଗଞ୍ଜେଇର ମୂଲ୍ୟ ପ୍ରାୟ ୧ ୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ଗିରଫ ଯୁବକ ମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ! ଗତ ୮ ମାସ ମଧରେ ଜିଲ୍ଲାର ବିଭିନ୍ନ ଥାନା ଅଂଚଳରୁ ୫ ୯ ଟି ଗଞ୍ଜେଇ ଜବତ ମାମଲା ହୋଇଛି । ଏଥିରେ ୧ ୨ ୨ ଜଣ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ୫ ୬ ଟି ଗାଡି ଜବତ ହୋଇଛି ।

# ବଡ଼ବର୍ଚ୍ଚକୟାଁ ପଂଚାୟତରେ ଫେଲ ମାରିଛି ଆମ ଗାଁ ଆମ ବିକାଶ ଯୋଜନା

ଭଦ୍ରକ, ୨୭/୮ (ହି.ସ.) - ସରକାର ରାଜ୍ୟର ପ୍ରତ୍ୟେକ ଗାଁର ବିକାଶକୁ ଆଖି ଆଗରେ ୨୦୧୮ ମସିହା ମାର୍ଚ୍ଚ ମାସ ୫ତାରିଖ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ତଥା ପଂଚାୟତରାଜ ଦିବସ ଅବସରରେ "ଆମ ଗାଁ ଆମ ବିକାଶ" ଯୋଜନାର ଶୁଭାରମ୍ଭ କରିଥିଲେ । ଏହି ପରିପ୍ରେକ୍ଷୀରେ ୨୦୧୮ ମସିହା ଅଗଷ୍ଟ ମାସ ୧ ତାରିଖରେ ଭଦ୍ରକ ଜିଲା ବନ୍ତ ବ୍ଲକ ଅର୍ନ୍ତଗତ ବନ୍ତ ଆଂଚଳିକ ମହାବିଦ୍ୟାଳୟ ପଡ଼ିଆରେ "ଆମ ଗାଁ ଆମ ବିକାଶ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀ ଭିଡ଼ିଓ କନଫରେନ୍ସିଂ ମାଧମରେ ବନ୍ତ ବ୍ଲକ ଅର୍ନ୍ତଗତ ୨୫ଟି ପଂଚାୟତରେ ଭିନ୍ନଭିନ୍ନ ୧୭୮ ଟି ପ୍ରକଳ୍ପ ପାଇଁ ୬ କୋଟି ୧୫ ଲକ୍ଷ ଟଙ୍କା ମଂଜୁର କରିଥିଲେ । ଉକ୍ତ ଘୋଷଣା ପରେ ବନ୍ତ ବ୍ଲକ ବଡ଼ବର୍ଚ୍ଚକୟାଁ ପଂଚାୟତରେ "ଆମ ଗାଁ ଆମ ବିକାଶ" ଯୋଜନାରେ ବିଭିନ୍ନ ପ୍ରକଳ୍ପ ଯଥା: ଗୋଷ୍ଠୀ କେନ୍ଦ୍ର ନିର୍ମାଣ,ମିଶନ ଶକ୍ତି ଗୃହ ନିର୍ମାଣ ଏବଂ ପୋଖରୀ ପୁନଃରୁଦ୍ଧାର ଓ ପାର୍ଶ୍ୱ କାନ୍ଥ ନିର୍ମାଣ କାର୍ଯ୍ୟମାନ ଆରମ୍ଭ ହୋଇଥିଲା । କିନ୍ତୁ ଉକ୍ତ ଯୋଜନାର ରୂପରେଖକୁ ଦେଖିଲେ ଏଠାରେ ଏହି ଯୋଜନା ସଂପୂର୍ଣ୍ଣ ଫେଲ ମାରିଥିବା ଜଣା ପଡ଼ିଛି । ସୂଚନା ଅନୁଯାୟୀ: ଉକ୍ତ ପଂଚାୟତ ୪ନଂ ୱାର୍ଡ଼ ଅର୍ନ୍ତଗତ ବିଶଲକଣା ଗ୍ରାମ ଠାରେ 'ଆମ ଗାଁ ଆଗ ବିକାଶ' ଯୋଜନାରେ ୧୩.୮.୨୦୧୮ରେ ଏକ ଗୋଷ୍ଠୀ କେନ୍ଦ୍ରର କାର୍ଯ୍ୟାରମ୍ଭ କରାଯାଇଥିଲା । କିନ୍ତୁ ଆଜି ସୁଦ୍ଧା ଏହା ଅଧାପନ୍ତରିଆ ଅବସ୍ଥାରେ । ସେହିପରି ଆପ୍ତିରା ଗ୍ରାମରେ ନିର୍ମିତ ଏକ ଗୋଷ୍ଠୀ କେନ୍ଦ୍ର ମଧ୍ୟ ଅଧାପନ୍ତରିଆ ଅବସ୍ଥାରେ ଦଣ୍ଡାୟମାନ । ମହିଳାମାନଙ୍କ ଉଦ୍ଦେଶ୍ୟରେ ବଡ଼ବର୍ଚ୍ଚକୟାଁ ଗ୍ରାମର ପେଡ଼ି ସାହି ଠାରେ ନିର୍ମିତ ମିଶନ ଶକ୍ତି ଗୃହ ଆଜି ସୁଦ୍ଧା ବ୍ୟବହାର ଯୋଗ୍ୟ ହୋଇପାରିନାହିଁ । ଏହି ଗୃହକୁ ଦେଖିଲେ ଏହା ସରକାରଙ୍କ ନିର୍ଦ୍ଦେଶକୁ ଖୋଲା ଉଲଘଂନ କରିଥିବା ଜଣାପଡ଼େ । ସରକାରଙ୍କ ଦ୍ୱାରା ପ୍ରଦତ ଗୃହର ରଙ୍ଗରେ ତାଳମେଳ ନଥିବା ବେଳେ କାନ୍ଥରେ 'ଆମ ଗାଁ ଆଗ ବିକାଶ'ଲୋଗୋ ନାହିଁ କି ଲେଖା ମଧ୍ୟ ସ୍ଥାନ ପାଇ ନାହିଁ । 'ମିଶନ ଶକ୍ତି ଗୃହ' ଲେଖା ହେବା ସ୍ଥାନରେ 'ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କେନ୍ଦ୍ର' ଲେଖା ଯାଇଛି । ଏହି ପରି ନାନାଦି ବ୍ୟତିକ୍ରମ ଉକ୍ତ ଗୃହ ଠାରେ ଦେଖିବାକୁ ମିଳିଛି । ଉକ୍ତ ପେଡ଼ି ସାହିରେ ପୋଖରୀ ପୁନଃରୁଦ୍ଧାର ଓ ପାର୍ଶ୍ୱ କାନ୍ଥ ନିର୍ମାଣରେ ମଧ୍ୟ ବ୍ୟତିକ୍ରମ ଦେଖିବାକୁ ମିଳିଛି । ପାର୍ଶ୍ୱ କାନ୍ଥ ଏପରି ନିର୍ମିତ ହୋଇଛି ଯେ ପୋଖରି ଜଳ ଏହି କାନ୍ଥ ପାରିହୋଇ ସାହୀ ରାସ୍ତାକୁ ଛୁଉଁଛି । ବଡ଼ବର୍ଚ୍ଚକୟାଁ ପଂଚାୟତରେ "ଆମ ଗାଁ ଆମ ବିକାଶ"ଯୋଜନାରେ ନିର୍ମିତ ବିଭିନ୍ନ ପ୍ରକଳ୍ପରେ ଏହିପରି ବ୍ୟତିକ୍ରମ ମାନ ଦେଖିବାକୁ ମିଳିଛି । ତେଣୁ ଏହି ସବୁ ଦୃଷ୍ଟିରୁ ଉକ୍ତ ପଂଚାୟତରେ ଫେଲ ମାରିଛି ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନା । ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତି ଓ ତଦାରଖରେ ଏହି ସବୁ କାର୍ଯ୍ୟ ସଂପାଦନ ହେଉଥିବା ବେଳେ ବିଭିନ୍ନ ପ୍ରକଳ୍ପରେ ବ୍ୟତିକ୍ରମ ସେମାନଙ୍କ କାର୍ଯ୍ୟପନ୍ଥାକୁ ଅଙ୍ଗୁଳ ନିର୍ଦ୍ଦେଶ କରୁଛି । ତେଣୁ ସରକାରଙ୍କ ପ୍ରଦତ ନିୟମକୁ ମାନି ଯଥାଶିଘ୍ର ଅସଂପୂର୍ଣ୍ଣ କାର୍ଯ୍ୟକୁ ସଂପୂର୍ଣ୍ଣ କରିବାକୁ ଗ୍ରାମବାସୀଙ୍କ ସମେତ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ ହେବ ବିଭିନ୍ନ ଶିଳ୍ପ ପାର୍କ ନିର୍ମାଣ କାର୍ଯ୍ୟ : ଶିଳ୍ପ ମନ୍ତ୍ରୀ

ଭୁବନେଶ୍ୱର,୨୭।୮ (ନି.ପ୍ର): ରାଜ୍ୟର ନିର୍ମାଣଧିନ ଶିଳ୍ପ ପାର୍କ ଗୁଡ଼ିକ ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଶିଳ୍ପ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି । ଆଜି ଶିଳ୍ପ ବିଭାଗରେ ୫-ଟି ଓ ମୋ ସରକାରର କାର୍ଯ୍ୟକାରିତା ସମୀକ୍ଷା ବେଳେ ସେ ଏହା ପ୍ରକାଶ କରିଛନ୍ତି । ଏହି ବିଶ୍ୱସ୍ତରୀୟ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକ ମଧରେ ପ୍ଲାଷ୍ଟିକ ପାର୍କ, ପାରାଦ୍ୱୀପ, ଆଲୁମିନିୟମ ପାର୍କ, ଅନୁଗୋଳ, ସାମୁଦ୍ରିକ ଖାଦ୍ୟ ପାର୍କ, ଡେରାସ୍ ଏବଂ ଇଲେକ୍‌ଟ୍ରୋନିକ୍ସ ପାର୍କ, ଭୁବନେଶ୍ୱର ଅନ୍ତର୍ଭୁକ୍ତ । ଏହି ଅତ୍ୟାଧୁନକ ପ୍ରକଳ୍ପଗୁଡ଼ିକର ଆକର୍ଷଣୀୟ ଅବସ୍ଥିତି ଓ ସୁଲଭ ଜମି ମୂଲ୍ୟ ଯୋଗୁଁ ବହୁ ନିବେଶକାରୀଙ୍କୁ ଆକୃଷ୍ଟ କରିପାରିଛି ବୋଲି ଏହି ସମୀକ୍ଷାବେଳେ ଜଣାପଡ଼ିଛି । ଏଥି ସହିତ ଶିଳ୍ପ ମନ୍ତ୍ରୀ କଳିଙ୍ଗନଗରଠାରେ ଇସ୍ପାତ୍ କ୍ଲଷ୍ଟର ଓ ଜାତୀୟ ନିବେଶ ଏବଂ ପ୍ରସ୍ତୁତକାରୀ ଜୋନ୍ ଓ ପାରଦ୍ୱୀପଠାରେ ପେଟ୍ରୋଲିୟମ କେମିକାଲ୍ ଏବଂପେଟ୍ରୋକେମିକାଲ୍ସ ପୁଞ୍ଜିନିବେଶ ଅଂଚଳ ସମ୍ପର୍କରେ ମଧ ସମୀକ୍ଷା କରିଥିଲେ । କୋଭିଡ୍ ମହାମାରୀ ସମୟରେ ଇଡ଼୍‌କୋ ଏହି ସବୁ ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ଅବଧି ମଧରେ ଶେଷ କରିପାରିଥିବାରୁ ମନ୍ତ୍ରୀ ପ୍ରଶଂସା କରିଛନ୍ତି । ସେ ଅନ୍ୟାନ୍ୟ ନିର୍ମାଣଧିନ କାର୍ଯ୍ୟକୁ ତୁରନ୍ତ ସାରିବାକୁ ସରକାରୀ ସହଯୋଗରେ କୌଣସି ଅସୁବିଧା ରହିବ ନାହିଁ ବୋଲି କହିଥିଲେ । ତା ଛଡ଼ା କେସିଙ୍ଗାଠାରେ ଏମଏସଏମଇ ପାର୍କ ଯଥାଶୀଘ୍ର ସାରିବା ଏବଂ ଭବାନୀପାଟଣାଠାରେ ଏକ ଇଡ଼୍‌କୋ ଟାୱାର ପ୍ରତିଷ୍ଠା ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଉପରେ ଜୋର ଦେଇଥିଲେ । ଓଡ଼ିଶା ଏବେ ବିଶ୍ୱସ୍ତରୀୟ ଆଇଟି ଓ ଇଲେକ୍‌ଟ୍ରୋନିକ୍ସ ଶିଳ୍ପର ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ହେବାକୁ ଯାଉଥିବାରୁ ସମସ୍ତେ ଏଥି ପାଇଁ ମହତ୍ୱପୂର୍ଣ୍ଣ ଯୋଗଦାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଇଡ଼କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଂଜୟ କୁମାର ସିଂ, ଇପିକଲର ପରିଚାଳନା ନିର୍ଦ୍ଦେଶକ ନିତିନ୍ ଭାନୁସାଦ ଜାୱଲେ ଏବଂ ବରିଷ୍ଠ ଅଧିକାରୀଗଣ ଅଂଶଗ୍ରହଣ କରିଥିଲେ ।

# କରଜଙ୍ଗା ଗ୍ରାମରୁ ଏକ ବିରଳ ପ୍ରଜାତିର କୀଟ ଉଦ୍ଧାର

ଧର୍ମଶାଳା,୨୭।୮ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ କରଜଙ୍ଗା ଗ୍ରାମର କଳ୍ପତରୁ ସାହୁଙ୍କ ଘରୁ ଏକ ବିରଳ ପ୍ରଜାତିର କୀଟ ଦେଖିବାକୁ ମିଳିଛି । ଶରୀରଟି ସୂତା ପରି ଧଳା ପତଳା ଏବଂ ବହୁ ଲମ୍ବା । ଶରୀରର ଆକୃତି ଏଭଳି ହୋଇଛି ଯାହାକୁ ଦେଖିଲେ ସାଧାରଣ ଜିଆ କିମ୍ବା ସେହି ପ୍ରଜାତିର ଜୀବ ଭଳି ଲାଗିବ । କିନ୍ତୁ ଏହା ଏକ ଜୀବ ବୋଲି ଜଣାପଡିଛି । ଏହାକୁ ଦେଖିବା ପରେ ଅନେକ ଲୋକ ଭିନ୍ନ ଭିନ୍ନ କଥା କହୁଥିବା ଶୁଣିବାକୁ ମିଳିଛି । ବାସ୍ତବରେ ଏହା କେଉଁ ଜୀବ ତାହା ଏବେ ସନ୍ଦେହ କରାଯାଉଛି ।

# କରୋନା ଓ ବର୍ଷାକୁ ଡରି ଲୋକେ ରହିଛନ୍ତି ଘରେ

## ବିପଦକୁ ଖାତିର ନକରି ଲୋକଙ୍କ ସେବାରେ କନ୍ଧମାଳ ଟିମ୍ ହ୍ୟୁମାନିଟି

କନ୍ଧମାଳ,୨୭।୮ (ନି.ପ୍ର): ଆଜି କନ୍ଧମାଳ ଜିଲ୍ଲାରେ ଲଘୁଚାପ ଜନିତ ବର୍ଷାରେ ସମଗ୍ର ଜିଲ୍ଲାବାସୀ ହଇରାଣ ହରକତ ହୋଇଛନ୍ତି । ଗୋଟିଏ ପଟରେ ପ୍ରବଳ ବର୍ଷା ସାଙ୍ଗକୁ ଅନ୍ୟ ପଟରେ କରୋନାର ବିପଦ । ସେଥିପାଇଁ ଜିଲ୍ଲା ପ୍ରଶାସନ ତରଫରୁ କଟକଣା ରହିଥିଲେ ମଧ୍ୟ ବର୍ଷା ଯୋଗୁଁ ଲୋକେ ସକାଳୁ ସେମାନଙ୍କର ଜରୁରୀ କାର୍ଯ୍ୟରେ ମଧ୍ୟ ଘରୁ ବାହାରିବାକୁ ଭୟଭୀତ ହୋଇଛନ୍ତି । ଏଣେ ଜିଲ୍ଲାର ବିଭିନ୍ନ ବ୍ଲକରେ ମାତ୍ରାଧିକ ବର୍ଷା ଯୋଗୁଁ ଜିଲ୍ଲରେ ବିଭିନ୍ନ ନଦୀର ଜଳସ୍ତର ଉପରକୁ ଉଠିବାସହିତ ଫୁଲବାଣୀରେ ଥିବା ସାଲୁଙ୍କୀ ନଦୀର ପାଣିରେ ପ୍ରବଳ ପାଣି ଯୋଗୁଁ ନଦୀର ଉଭୟ କୁଳରେ ଥିବା ଜନବସତିରେ ପାଣି ପଶିବାର ଭୟ ଥିଲା । ଅନ୍ୟ ପକ୍ଷରେ ବର୍ଷା ପାଣି ଫୁଲବାଣୀର ନଦୀ ଖଣ୍ଡି ସାହିରେ ଥିବା କିଛି ସରକାରୀ କ୍ୱାଟରରେ ପାଣି ପଶିବାରୁ ଲୋକଙ୍କର ଲୋକେ ଅଗ୍ନିଶମ ବିଭାଗର ସହାୟତା ମଧ୍ୟ ନେଇ ଥିଲେ । ଜିଲ୍ଲାରେ କାର୍ଯ୍ୟ କରୁଥିବା ଟିମ ହ୍ୟୁମାନିଟିର ସଦସ୍ୟ ମାନେ ମଧ୍ୟ ଲୋକଙ୍କର ସହାୟତା ପାଇଁ କରୋନା ସଂକ୍ରମଣର ବିପଦକୁ ଖାତିର ନକରି ବାହାରିଥିଲେ ଲୋକଙ୍କର ସହାୟତା ପାଇଁ ଟିମର ଆବାହକ ଭି ଲୋକନାଥ ରାଜୁଙ୍କ ନେତୃତ୍ୱରେ ସ୍ଥନୀୟ ନଦିଖଣ୍ଡି ସାହି ଏବଂ ଅରବିନ୍ଦ ନଗରରେ ଅଗ୍ନିଶମ ବିବାଗର କର୍ମଚାରୀ ମାନଙ୍କର ସହିତ କାନ୍ଧରେ କାନ୍ଧ ମିଳାଇ ସେମାନଙ୍କ ସହାୟତା କରିଛନ୍ତି । ଲୋକଙ୍କ ଘରେ ପଶିଥିବା ବର୍ଷା ପାଣିକୁ ପମ୍ପ ଯୋଗେ ବାହାର କରିଥିଲେ । ସେଥିପାଇଁ ଟିମର ସଦସ୍ୟ ମାନଙ୍କୁ ଲୋକେ ସାଧୁବାଦ ପ୍ରଦାନ କରିଛନ୍ତି । ସୁଚନା ଯୋଗ୍ୟ ଟିମ ହ୍ୟୁମାନିଟି ଫୁଲବାଣୀ ସମେତ ଜିଲ୍ଲର ଟିକାବାଲି,ଫିରିଙ୍ଗିଆ ଏବଂ ଜିଲ୍ଲର ଅନ୍ୟାନ୍ୟ ଅଂଚଳରେ ସଂଗଠିତ ହୋଇ ବିଭିନ୍ନ ସଡକ ଦୁର୍ଘଟଣାବେଳେ ଲୋକଙ୍କୁ ଉଦ୍ଧାର କରିବା ସହିତ ରକ୍ତଦାନ କ୍ଷେତ୍ରରେ ଏବଂ ସ୍ନେକ ହେଲ୍ପଲାଇନର ସଦସ୍ୟ ମାନେ ମଧ୍ୟ ଲୋକଙ୍କ ଘରେ ପଶିଥିବା ସାପ ଗୁଡିକୁ ଧରି ଜଙ୍ଗଲରେ ଛାଡିଚାସହିତ ଲୋକଙ୍କୁ ବିଷଧର ସାପ ଭୟରୁ ମୁକ୍ତ କରିବା ସହ ସାପମାନଙ୍କୁ ଜଙ୍ଗଲରେ ଛାଡି ପରିବେଶର ମଧ୍ୟ ସୁରକ୍ଷା କରୁଛନ୍ତି ।

# ବେକରେ ଫାଶି ଲଗାଇ ଯୁବକର ଆତ୍ମହତ୍ୟା, ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ଧର୍ମଶାଳା,୨୭।୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ରାଉତରାପୁର ପଂଚାୟତ ଜଳେଶ୍ୱରପୁର ଗ୍ରାମର ମଲିକ ସାହିରେ ଅଘଟଣ । କାଜୁ ବଗିଚାରୁ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକର ମୃତ ଦେହ ଉଦ୍ଧାର କରାଯାଇଛି । ମୃତ ଯୁବକ ଜଣକ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ପାଟପୁର ପଂଚାୟତର ବଡବାରିସାହି (ହଳଦିଆପଦା) ଗ୍ରାମର ଭରତ ମଲିକଙ୍କ ପୁଅ ଜଗନ(୧୮) ବୋଲି ଜଣାପଡିଛି । ଏହା ଏକ ସପରିକଳ୍ପିତ ହତ୍ୟା କାଣ୍ଡ ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଏହା ଏକ ପ୍ରେମ ବ୍ୟାପରକୁ ନେଇ ଏଭଳି ଘଟଣା ଘଠିଥିବା କୁହାଯାଉଥିବା ବେଳେ ଏହି ଘଟଣାରେ ସନ୍ଦେହରେ ପୁଲିସ ୨ ଜଣକୁ ଅଟକ ରଖି ପଚରାଉଚୁରା କରୁଛି । ଅନ୍ୟ ପକ୍ଷେ ହତ୍ୟା କରାଯାଇଥିବା ସନ୍ଦେହ କରି ପୋଲିସ ସାଇଁଟିଫିକଟିମର ସହାୟତା ନେଇଥିବା ଜଣାପଡିଛି । ୩୩୦/୨୦ରେ ଏକ ମାମଲା ରୁଜୁ କରି ଅପରାହ୍ନରେ ପୋଲିସ ମୃତ ଦେହକୁ ଜବତ କରି ଶବ ବ୍ୟବଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିସ୍ତାଳୟକୁ ପଠାଇ ଦେଇଥିବା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି । ସୂଚନା ମୁତାବକ ବଡବାରିସାହି ଗ୍ରାମର ଭରତ ମଲିକଙ୍କ ପରିବାର ଅତି ଗରୀବ ଶ୍ରେଣୀର । ଏହି ଲକ ଡାଉନ ସମୟରେ ଘର ଚଳାଚଳ କରିବାରେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ । ପୁଅ ଜଗନ ଯୁକ୍ତ ଦୁଇର ଛାତ୍ର ଥିବା ବେଳେ ଘରର ସମସ୍ୟାକୁ ଦୃଷ୍ଟିରେ ରଖି ଟିୟୁସନ କରିବା ପାଇଁ ନିଷ୍ପତି ନେଇ ସେ ଅତି ନିବିଡ ସମ୍ପର୍କୀୟ ବଡବାପା ବାବନ ମଲିକ ଘର ଜଳେଶ୍ୱରପୁର ଗ୍ରାମ ମଲିକ ସାହିକୁ ୩ ମାସ ତଳେ ଚାଲିଆସିଥିଲା । ତେବେ ଜଗନ ବଡବାପା ଘରେ ରହି ସ୍ଥାନୀୟ ଅଂଚଳର କିଛି ପିଲାମାନଙ୍କୁ ପାଠ ପଢାଇବା ଆରମ୍ଭ କରିଥିଲା । ବାବନଙ୍କ ଘର ନିକଟରେ ସାହି ପଡିଶାର ଝିଅ ସହିତ ଜଗନର ପ୍ରେମ ସମ୍ପର୍କ ହୋଇଥିଲା । ଫଳରେ ଏହାକୁ ନେଇ ଗତ କାଲି ପଡିଶା ଘର ଲୋକେ ବାବନଙ୍କ ପରିବାର ଲୋକଙ୍‌କୁ ଅବଗତ କରାଇଥିଲେ । ଫଳରେ ଘର ଲୋକେ ଜଗନକୁ ତାଗିଦ କରିଥିଲେ । ଫଳରେ ଜଗନ କେଉଁ ଆଡେ ଚାଲି ଯାଇଥିଲେ । ବାବନଙ୍କ ପରିବା ଓ ଜଗନଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାର କୌଣସି ସନ୍ଧାନ ପାଇ ନ ଥିଲେ । ଫଳରେ ଆଜି ସକାଳେ ଭୋରୁ ବାବନଙ୍କ ପୁଅ ଘର ନିକଟରେ ଥିବା ଏକ କାଜୁ ବଗିଚାକୁ ଖୋଜିବାକୁ ଯାଇଥିଲେ । ଏକ କାଜୁ ଗଛରେ ବେକରେ ଏକ ମସାରୀ ଓ ନିଜ ଓର୍ଟରେ ଫାଶି ଲଗାଇ ଜଗନ ଝୁଲୁଥିବା ଦେଖି ଘର ଲୋକଙ୍କୁ ଖବର ଦେଇଥିଲେ । ଘର ଲୋକେ ଓ ଗାଁ ଲୋକେ ଘଟଣାସ୍ଥଳରେ ପଂହଚି ଜଗନର ଗୋଡରେ କ୍ଷତ ଚିହ୍ନଥିବା ବେଳ ମାଟିରେ ତାହାର ଗୋଡ ଲାଗିଥିବା ଦେଖି ସନ୍ଦେହ କରିଥିଲେ । ବାବନ ଏହି ଘଟଣାକୁ ସନ୍ଧେହ କରି ତାକୁ କେହି ମାରି ଗଛରେ ଟାଙ୍ଗି ଦେଇ ହତ୍ୟା କରିଥିବା ଧର୍ମଶାଳା ଥାନାରେ ଏ ନେଇ ଅଭିଯୋଗ କରିଥିଲେ । ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ସଦଳ ବଳେ ଘଟଣାସ୍ଥଳରେ ପଂହଚି ତଦନ୍ତ କରିଥିଲେ । ପରେ ଯାଜପୁର ରୋଡ ଏସଡିପିଓ ଚିନ୍ମୟ କୁମାର ନାୟକ ଘଟଣାସ୍ଥଳରେ ପଂହଚି ତଦନ୍ତ କରିଥିଲେ । ତେବେ ଏହି ଘଟଣା ନେଇ ସନ୍ଧେହ ହେବାରୁ ପୋଲିସ ସାଇଁଟିଫିକଟିମର ସହାୟତା ନେଇଥିଲା । କେନ୍ଦ୍ରାପଡାର ଏକ ସାଇଁଟିଫିକ ଦଳ ଘଟଣାସ୍ଥଳରେ ପଂହଚି ପାରିପାଶ୍ୱିକ ଘଟଣା ଓ ମୃତ ଦେହକୁ ତଦନ୍ତ କରିଥିଲେ । ଜଗନର ପ୍ୟାଂଟ ପକେଟରୁ ମୋବାଇଲ ଓ ମନିପର୍ସକୁ ଜବତ କରିଥିଲେ । ଧର୍ମଶାଳା ଥାନାରେ ୩୩୦/୨୦ରେ ଏକ ମାମଲା ରୁଜୁ କରାଯାଇ ଶବବ୍ୟବଛେଦ ନିମନ୍ତେ ଜିଲା ମୁକ୍ୟ ଚିକିସ୍ତାଳୟକୁ ପଠାଇ ଦେଇଥିବା ବେଳେ ଏହି ଘଟଣାରେ ପୋଲିସ ଜଳେଶ୍ୱରପୁର ଗ୍ରାମର ମଲିକ ସାହିର ବାଇନ ମଲିକ ଓ ପୁଅ ପବି ମଳିକକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି ।

# ବାଲେଶ୍ୱର ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ବିକ୍ଷୋଭ

## କୋଭିଡ୍ ପରିଚାଳନାରେ ସଚିବସ୍ତରୀୟ ପଦାଧିକାରୀ ନିଯୁକ୍ତି ଦାବି

ବାଲେଶ୍ୱର,୨୭।୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। କମିଟି ସଭାପତି ଅନନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଅନ୍ତର୍ଯ୍ୟାମୀ ପ୍ରଧାନ, ନିରଂଜନ ପରିଡ଼ା, ସୀତାରାମ ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ, ବେଣୁଧର ବାରିକ, ଶରତ ଚନ୍ଦ୍ର ଦଳେଇ, ଅର୍ଚ୍ଚନା ନନ୍ଦୀ, ସଂଧ୍ୟାଦାସ ମଜୁମଦାର, ପ୍ରଭାକର ସାହୁ, ଶ୍ୟାମସୁନ୍ଦର ଜେନା, ରବିନାରାୟଣ ଭୋଳ, ଯଶୋଦା ନନ୍ଦନ ଆଶ, ନିକୁଞ୍ଜ ବସନ୍ତ ରାୟ, ବିକାଶ କୁମାର ଦାସ, ଜୀବନ କିଶୋର ବାରିକ, ଶେଖ୍ ଆଲ୍ଲାଉଦ୍ଦିନ୍, ଜୟନ୍ତ ଦାସ, ମନୋଜ ନାୟକ ପ୍ରମୁଖ ଯୋଗଦେଇ କରୋନା ଭଳି ସ୍ଥିତିରେ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗ ସମେତ ଜିଲ୍ଲା ପ୍ରଶାସନର ଉଦାସୀନତାକୁ ତୀବ୍ର ସମାଲୋଚନା କରିଥିଲେ। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟବିଭାଗ ଅଧିକାରୀଙ୍କ ଅବହେଳାରୁ ଉଚିତ ଚିକିତ୍ସା ନ ପାଇ ବାଲେଶ୍ୱରର ବହୁ ଅମୂଲ୍ୟ ଜୀବନ ଚାଲିଯାଇଥିବା ବକ୍ତାମାନେ କହିଥିଲେ। ପ୍ଲାଜ୍ମା ଥେରାପିରେ ଗୁରୁତର ରୋଗୀମାନେ ସୁସ୍ଥ ହେଉଥିବା ସମ୍ବାଦ ସରକାରୀ ଭାବେ ଦର୍ଶାଯାଉଥିବା ବେଳେ ବାଲେଶ୍ୱରରେ ତାହା ସଫଳ ହେଉନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ସମସ୍ତ କଟକଣାକୁ ବାଲେଶ୍ୱର ଜିଲ୍ଲାପାଳ ଜିଲ୍ଲାବାସୀଙ୍କ ପାଇଁ କଡ଼ାକଡ଼ି ଲାଗୁ କରିଥିଲେ ମଧ୍ୟ ସ୍ୱାସ୍ଥ୍ୟବିଭାଗ ତଥା ଜିଲ୍ଲା ପ୍ରଶାସନର ବହୁ ସରକାରୀ ଅଧିକାରୀ ଓ କର୍ମଚାରୀ କରୋନା ଭୂତାଣୁ ସଂକ୍ରମଣରେ ସଂକ୍ରମିତ ହୋଇଥିବା ଘଟଣା ଜିଲ୍ଲାବାସୀଙ୍କୁ ବିସ୍ମିତ କରିଛି ବୋଲି ସେମାନେ କହିଥିଲେ। କରୋନା ସହ ସମ୍ମୁଖ ଯୁଦ୍ଧରେ ଛାମୁଆ ବାହିନୀ କୁହାଯାଉଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଜଣେ ସାଧାରଣ ରୋଗୀ କରୋନା ସଂକ୍ରମିତ ଜାଣିବା ପରେ ସେମାନେ ସଂପୃକ୍ତ ରୋଗୀଙ୍କୁ ଆବଶ୍ୟକୀୟ ଚିକିତ୍ସା ପ୍ରଦାନ କରୁନଥିବା ଅମାନବୀୟ କାର୍ଯ୍ୟ ଜିଲ୍ଲାବାସୀଙ୍କୁ ବ୍ୟଥିତ କରିଛି। ସେହିପରି ବାଲେଶ୍ୱରରେ ପ୍ଲାଜ୍ମା ବ୍ୟାଙ୍କ୍ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ରକ୍ତ ପୃଥକୀକରଣ କେନ୍ଦ୍ର ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରିନାହିଁ। ଆବଶ୍ୟକୀୟ ଯନ୍ତ୍ରାଂଶ ଦୀର୍ଘଦିନ ଧରି ବାଲେଶ୍ୱରରେ ପହଞ୍ଚିଥିଲେ ମଧ୍ୟ ବିଶେଷଜ୍ଞ ଡାକ୍ତର ଓ ଟେକ୍ନିସିଆନ୍ ନିଯୁକ୍ତି କରାଯାଉନଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ବାଲେଶ୍ୱର ହସ୍ପିଟାଲ୍ ପରିସରରେ ଥିବା ଜନୌଷଧି କେନ୍ଦ୍ରକୁ ଇଚ୍ଛାକୃତ ଭାବେ ବନ୍ଦ କରିଦେବା ଦ୍ୱାରା ରୋଗୀମାନେ ଅଧିକ ଦାମ୍‌ରେ ବିଭିନ୍ନ କମ୍ପାନୀର ଔଷଧ କିଣିବାକୁ ବାଧ୍ୟ ହେଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ବି ଜିଲ୍ଲା ପ୍ରଶାସନର ଅପାରଗତା ପାଇଁ ଜିଲ୍ଲାବାସୀ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇଚାଲିଛନ୍ତି। ସବୁଠାରୁ ବଡ଼କଥା ହେଲା ବର୍ତ୍ତମାନର ଅଣଓଡ଼ିଆ ଜିଲ୍ଲାପାଳଙ୍କ ଯୋଗୁଁ ଜିଲ୍ଲାର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନଥିବା ବକ୍ତାମାନେ କହିଥିଲେ। କରୋନା ପରିଚାଳନା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାକୁ ପର୍ଯ୍ୟାପ୍ତ ଅର୍ଥ ଆସୁଥିଲେ ବି ଦିନକୁ ଦିନ ରୋଗୀ ମୃତ୍ୟୁ ବୃଦ୍ଧି ପାଇ ଚାଲିଛି। ଏଭଳି ସ୍ଥିତିରେ ବାଲେଶ୍ୱରବାସୀଙ୍କୁ ମହାମାରୀ କରୋନାରୁ ବଞ୍ଚାଇବା ପାଇଁ ଜିଲ୍ଲାପାଳଙ୍କୁ କୋଭିଡ୍ ପରିଚାଳନାରୁ ପ୍ରତ୍ୟାହାର କରି ଜଣେ ସଚିବ ସ୍ତରୀୟ ପଦାଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ ପାଇଁ ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷର ଦାବି ହୋଇଛି। ଏଥି ସହିତ କରୋନା ମୁକାବିଲା ଓ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ହେଲ୍ପ ଡେକ୍ସ କାର୍ଯ୍ୟକାରୀ କରିବା, ସମଗ୍ର ଜିଲ୍ଲାରେ କୋଭିଡ୍ ପରୀକ୍ଷାକୁ ତ୍ୱରାନ୍ୱିତ କରିବା, ସାଧାରଣ ରୋଗୀଙ୍କୁ ଅବହେଳା ନକରି ସେମାନଙ୍କ ଚିକିତ୍ସା ପାଇଁ ଉଚିତ ବ୍ୟବସ୍ଥା ଆଦି କରିବା ପାଇଁ ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ହୋଇଥିଲା। ଏହି ଅବସରରେ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଆଜିର ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ମେଡିକାଲ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିବା ଲକ୍ଷ୍ୟ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୮ ଜିଲ୍ଲାକୁ...

ଆଦି ୮ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଦୃଷ୍ଟିରୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କାରାଯାଇଛି। ଗତ ୨୪ଘଂଟାରେ ସମଗ୍ର ଓଡ଼ିଶାରେ ୫୭.୯ ମିମି ବର୍ଷା ରେକର୍ଡ କରାଯାଇଛି । ସ୍ୱାଭାବିକ ବର୍ଷା ୧୨.୧ ମିମି ଠାରୁ ୩୭୮ପ୍ରତିଶତ ଅଧିକ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

### ଭାରତର ମହାକାଶ...

'ନ୍ୟୁ ସ୍ପେସ ଇଣ୍ଡିଆ ଲିମିଟେଡ୍ (ଏନଏସଆଇଏଲ) ମହାକାଶ ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ନୂଆ ଦିଗଦର୍ଶନ ଦେବ ଏବଂ ଆମ ମହାକାଶ ଆସେଟର ସର୍ବୋତମ ବ୍ୟବହାରକୁ ସ୍ଥାୟୀ କରିପାରିବ । ଷ୍ଟାର୍ଟଅପକୁ ସହଯୋଗ କରାଯିବା ବେସରକାରୀ ଉଦ୍ୟୋଗୀଙ୍କ ପାଇଁ ନୂଆ ସ୍ତର ତିଆରି କରିବ ଏବଂ ଏହା ମହାକାଶ ଆସେଟରେ ସାମାଜିକ-ଅର୍ଥନୈତିକର ବ୍ୟବହାରକୁ ପ୍ରୋତ୍ସାହନ ଦେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘକାଳୀନ ଦୂରଦୃଷ୍ଟି ଭାରତକୁ ମହାକାଶ କାର୍ଯ୍ୟକ୍ରମରେ ନୂଆ ପର୍ଯ୍ୟାୟରେ ପହଂଚାଇବ ଓ ଏହି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଭାରତୀୟ କମ୍ପାନୀ ଗୁଡ଼ିକୁ ବିଶ୍ୱ ମହାକାଶ ଅର୍ଥନୀତିରେ ପ୍ରମୁଖ ଭୂମିକାରେ ଛିଡା କରାଇବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ।

### ରିଆ ଚକ୍ରବର୍ତୀଙ୍କ...

ଏହି ହ୍ୱାଟ୍‌ସଆପ୍ କଥାବାର୍ତା ଏବେ ସାମ୍ନାକୁ ଆସିଥିବାବେଳେ ଏହି ଘଟଣାର ତଦନ୍ତର ଦାୟିତ୍ୱ ଏବେ ଏନ୍‌ସିବି ନେଇଛନ୍ତି ଏବଂ ଭୁବନେଶ୍ୱର ଡ୍ରଗ୍‌ସ ଲିଙ୍କ ଥିବା ଘଟଣା ସାମ୍ନାକୁ ଆସିଥିବାବେଳେ ଉକ୍ତ ଘଟଣାରେ ଓଡ଼ିଶା ପୁଲିସ ସମସ୍ତ ସାହାଯ୍ୟ କରିବ।

### ରାଜ୍ୟରେ ସୁସ୍ଥ...

ସୁବର୍ଣ୍ଣପୁର ଜିଲ୍ଲାରୁ ୩୮ ଜଣ, ବରଗଡ଼ ଜିଲ୍ଲାରୁ ୩୬ ଜଣ, ନୟାଗଡ଼ ଜିଲ୍ଲାରୁ ୩୩ ଜଣ, ବୌଦ୍ଧ ଜିଲ୍ଲାରୁ ୩୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୩୦ ଜଣ, କେନ୍ଦୁଝର ଜିଲ୍ଲାରୁ ୩୦ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୨୫ ଜଣ, ରାୟଗଡ଼ା ଜିଲ୍ଲାରୁ ୨୫ ଜଣ, ଜଗତସିଂହପୁର ଜିଲ୍ଲାରୁ ୧୭ ଜଣ, ନବରଂଗପୁର ଜିଲ୍ଲାରୁ ୧୧ ଜଣ, ଅନୁଗୁଳ ଓ ଦେବଗଡ଼ ଜିଲ୍ଲାରୁ ୫-୫ ଜଣ, ଦେବଗଡ଼ ଓ ନୂଆପଡ଼ା ଜିଲ୍ଲାରୁ ୩-୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

### ଜେଇଇ ଓ ନିଟ୍ ...

ଏବେ ପରିବହନ ସେବା ସଂପୂର୍ଣ୍ଣ ଠପ୍ ଥିବାବେଳେ ବିଭିନ୍ନ ସହରରେ ରହିବା ପାଇଁ ସୁବିଧା ନଥିବା ପରିସ୍ଥିତିରେ କିଭଳି ଛାତ୍ରଛାତ୍ରୀମାନେ ପରୀକ୍ଷା ହଲକୁ ଆସିବେ କିଭଳି। ସରକାର କରୋନାର ଭୟାବହତାକୁ ଉପଲବ୍ଧି କରି ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରିଥିବା ବେଳେ କିଭଳି ଏପରି ସାଙ୍ଘାତିକ ନିଷ୍ପତିନେବା ସରକାରଙ୍କ ପାଇଁ ବୁମେରାଂ ହେବବୋଲି ଯୁବ କଂଗ୍ରେସ କହିଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଖୋର୍ଦ୍ଧା ଜିଲ୍ଲା ଯୁବ କଂଗ୍ରେସ ସଭାପତି ସ୍ୱାଗତ କର, ବିଧାୟକ ପ୍ରାର୍ଥୀ ରାଜୀବ ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଅଜୟ କୁମାର ସାହୁ, ନଳିନୀକାନ୍ତ ନାୟକ, ସଂକୁନା କହଁର, ହରେକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ବଳ ନଦୀ ବନ୍ଧରେ ବାଲି ବସ୍ତା ପଡିଲା

ଧର୍ମଶାଳା,୨୭।୮ (ନି.ପ୍ର): ଲଗାଣ ବର୍ଷା ପରେ ଏବେ ବ୍ରାହ୍ମଣୀ ନଦୀରେ ବନ୍ୟା ଜଳ ପ୍ରବେଶ କରିଛି। ସତର୍କ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି । ଜେନାପୁରଠାରେ ବନ୍ୟା ଜଳ ବିପଦ ସଂକେତ ଉପରେ ଚାଲୁଥିବା ବେଳେ ତଳିଆ ଅଂଚଳରେ ଜଳସ୍ତର ବଢ଼ିଛି । ଫଳରେ ନଦୀ କୂଳିଆ ଲୋକେ ଆତଙ୍କିତ ହୋଇପଡିଛନ୍ତି । ଜଳ ସ୍ତର ବୃଦ୍ଧି ପାଇବା ପରେ ଅନେକ ଦୃବଳ ନଦୀ ବନ୍ଧ ଭାଙ୍ଗିବାର ଆଶଙ୍କା ରହିଛି । ବ୍ରାହ୍ମଣୀ ଶାଖା ନଦୀ କେଲୁଅ ନଦୀରେ ବନ୍ୟା ଜଳ ପ୍ରଭାବିତ ହୋଇଛି । ଲଗାଣ ବର୍ଷାରେ ବନ୍ଧରେ ଖାଲଖମା ଜାଗାମାନଙ୍କରେ ବାଲି ବସ୍ତା ଓ ବାଲି ପକାଯାଉଥିବା ଦେଖିବାକୁ ମିଳିଛି । ଧର୍ମଶାଳା ବ୍ଲକ ଉତରପ୍ରତାପ ଓ ମଙ୍ଗଳପୁର ପଂଚାୟତସ୍ଥ କେଲୁଅ ନଦୀ ବନ୍ଧରେ ବାଲିବସ୍ତା ପକାଯାଇଥିବା ବେଳେ ରସୁଲପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଂଚାୟତରେ ଦୃବଳ ସ୍ଥାନମାନଙ୍କରେ ବାଲି ପକାଯାଉଥିବା ଦେଖିବାକୁ ମିଳିଛି । ଏବେ ନଦୀ କୂଳିଆ ଲୋକେ ଆତଙ୍କିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି ।

## ପୂର୍ବୋତ୍ତରରେ ୮ଟି ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧,୨୩,୭୩୨

### ଗତ ୨୪ ଘଂଟାରେ ୨୮୭୫ ନୂଆ କରୋନା ରୋଗୀ ଚିହ୍ନଟ

ଗୌହାଟୀ, ୨୭ ଅଗଷ୍ଟ (ହି.ସ.) – ପୂର୍ବୋତରରେ ସିକିମ ସହିତ ଆଠଟି ରାଜ୍ୟରେ କରୋନା ସଂକ୍ରମତଙ୍କ ସଂଖ୍ୟା ଲଗାତାର ବୃଦ୍ଧି ପାଇବାରେ ଲାଗିଛି । ସୁସ୍ଥ ହେଉଥିବା ରୋଗୀଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି । ଦ୍ରୁତ ଗତିରେ ନୂଆ କରୋନା ରୋଗୀ ମିଳୁଥିବା ଚିନ୍ତାର କାରଣ ହୋଇଛି । ପୂର୍ବୋତରରେ ସବୁଠାରୁ ଅଧିକ ମାମଲା ଆସାମରୁ ଆସିଅଛି, ତ୍ରିପୁରା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମଣିପୁର ତୃତୀୟ ସ୍ଥାନରେ ରହିଛି । ପୂର୍ବୋତରରେ ଗତ ୨୪ ଘଂଟା ମଧ୍ୟରେ ୨୮୭୫ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ସେହିପରି ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୨୩,୭୩୨ ରେ ପହଂଚିଛି। ଏଥିମଧ୍ୟରୁ ୯୪,୯୬୩ ରୋଗୀ ସୁସ୍ଥ ହୋଇଛନ୍ତି। ଗତ ୨୪ ଘଂଟାରେ ମୋଟ ୨୪୫୩ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ଏବଂ ୨୮,୩୩୧ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି। ୪୦୬ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୫ ଜଣ ରୋଗୀ ପୂର୍ବୋତର ବାହାରକୁ ଚାଲିଯାଇଛନ୍ତି । ଆସାମରେ ୨୧୬୯ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ମୋଟ ରୋଗୀଙ୍କ ସଂଖ୍ୟା ୯୬୭୭୨ ହୋଇଛି । ୭୬୯୬୩ ଜଣ ରୋଗୀ ସୁସ୍ଥ ହୋଇଛନ୍ତି। ଗତ ୨୪ ଘଂଟାରେ ୨୧୪୮ ରୋଗୀ ସୁସ୍ଥ ହୋଇଛନ୍ତି । ୧୯,୫୩୨ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ୨୭୪ ଜଣଙ୍କ ମୃତ୍ୟୁ ହୋଇଛି । ୩ ଜଣ ରୋଗୀ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି। ତ୍ରିପୁରାରେ ୩୨୯ ଜଣ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ମୋଟ ରୋଗୀଙ୍କ ସଂଖ୍ୟା ୯୫୩୯ ରେ ପହଂଚିଛି। ସମୁଦାୟ ୬୫୭୪ ଜଣ ରୋଗୀ ସୁସ୍ଥ ହୋଇଛନ୍ତି। ଗତ ୨୪ ଘଂଟାରେ ୧୬୦ ଜଣ ରୋଗୀ ସୁସ୍ଥ ହୋଇଛନ୍ତି। ୨୮୬୩ ରୋଗୀଙ୍କ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୮୩ ଜଣଙ୍କର ମୃତ୍ୟୁ ଘଟିଛି । ମଣିପୁରରେ ୧୪୧ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଏଥି ସହିତ ରାଜ୍ୟର ମୋଟ ରୋଗୀଙ୍କ ସଂଖ୍ୟା ୫୫୮୫ ରେ ପହଂଚିଛି । ୩୮୨୯ ରୋଗୀ ସୁସ୍ଥ ହୋଇଛନ୍ତି। ଗତ ୨୪ ଘଂଟାରେ ୧୭ ଜଣ କରୋନା ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୧୭୩୧ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି। ଏବେ ସୁଦ୍ଧା୨୫ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି। ନାଗାଲାଣ୍ଡରେ ୨୬ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୩୭୭୮ ହୋଇଛି। ରାଜ୍ୟରେ ୨୬୧୧ ଜଣ ସୁସ୍ଥ ହୋଇଛନ୍ତି । ୧୧୪୯ ଜଣ ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି । ୮ ଜଣ ରୋଗୀଙ୍କର ମୃତ୍ୟୁ ହୋଇଛି । ଅରୁଣାଚଳ ପ୍ରଦେଶରେ ୧୪୩ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୩୫୫୫ ହୋଇଛି । ୨୫୬୩ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୫୫ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୯୮୭ ଜଣ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି। ଏବେ ସୁଦ୍ଧା ୫ ଜଣଙ୍କର ମୃତ୍ୟୁ ହୋଇଛି । ମେଘାଳୟରେ ୩୨ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟର ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୦୫୦ ରେ ପହଂଚିଛି । ୮୭୪ ଜଣ ରୋଗୀ ସୁସ୍ଥ ହୋଇଛନ୍ତି। ଗତ ୨୪ ଘଂଟାରେ ୪୨ ଜଣ ରୋଗୀ ସୁସ୍ଥ ହୋଇଛନ୍ତି। ୧୧୬୮ ଜଣଙ୍କର ଏବେ ସୁଦ୍ଧା ଚିକିତ୍ସା ଚାଲିଛି ଏବଂ ୮ ଜଣଙ୍କର ମୃତ୍ୟୁ ଘଟିଛି । ମିଜୋରମରେ ୧୪ ନୂଆ ମାମଲା ସାମନାକୁ ଆସିଛି । ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୯୬୭ ରେ ପହଂଚିଛି। ୪୭୩ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୯ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୪୯୪ ଜଣ ରୋଗୀଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ୨ ଜଣ ରୋଗୀ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି। ସିକ୍କିମରେ ୧୧ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୪୮୬ ରେ ପହଂଚିଛି । ୧୦୭୬ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୨୨ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ୪୦୭ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି। ୩ ଜଣକର ମୃତ୍ୟୁ ହୋଇଛି ।

## ଆଜି ଆଉ ୮୨ ଆକ୍ରାନ୍ତ ଭଦ୍ରକ ଜିଲ୍ଲାରୁ ଚିହ୍ନଟ: ସୁସ୍ଥ ହେଲେ ୨୪୩, ଜଣଙ୍କର ମୃତ୍ୟୁ

ଭଦ୍ରକ,୨୭।୮ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଜି ୮୨ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨୪୩ଜଣ ଆକ୍ରନ୍ତ ସୁସ୍ଥ ହୋଇଛନ୍ତି। ଆଜି ପର୍ଯ୍ୟନ୍ତ ୪୪ ହଜାର ୯ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଞ୍ଚିଛି ୨୪୧୯ରେ। ସୁସ୍ଥଙ୍କ ସଂଖ୍ୟ ପହଞ୍ଚିଛି ୧୬୬୨ରେ। ଏବେ ଆକ୍ଟିଭ ଅଛନ୍ତି ୭୫୦ଜଣ। ତେବେ ମୃତ୍ୟୁ ସଂଖ୍ୟାରେ ଆଉ ୧ ବୃଦ୍ଧି ହୋଇ ଏବେ ସଂଖ୍ୟା ପହଞ୍ଚିଲା ୭ରେ। ଚିହ୍ନଟ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକରୁ ୪, ବାସୁଦେବପୁର ପୌରପାଳିକାରୁ ୩, ଭଦ୍ରକରୁ ୯, ଭଦ୍ରକ ପୌରପାଳିକାରୁ ୪, ବନ୍ତରୁ ୯, ଭଣ୍ଡାରିପୋଖରୀରୁ ୨୯, ଚାନ୍ଦବାଲିରୁ ୫, ଚାନ୍ଦବାଲି ଏନ୍‌ଏସିରୁ ୩, ଧାମନଗର ବ୍ଲକରୁ ୬, ଧାମନଗର ଏନ୍‌ଏସିରୁ ୪, ତିହିଡିରୁ ୫ ଓ ଅନ୍ୟ ଜିଲ୍ଲାରୁ ୧। ଏମାନଙ୍କ ମଧ୍ୟରେ ଭଦ୍ରକ ବ୍ଲକ ଅର୍ଦ୍ଧପାଳ ପଞ୍ଚାୟତର ଜଣେ ଆକ୍ରାନ୍ତ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରୁ ଚିହ୍ନଟ ହୋଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବ୍ଲକର କୋରକୋରା ପଞ୍ଚାୟତରୁ ୩, ଅଣ୍ଡେଇପଲ୍ଲୀରୁ ୩, ଆହାରପଦାରୁ ଜଣେ, ଗୋପାଳବିନ୍ଧାରୁ ଜଣେ, ଚରମ୍ପା ପଞ୍ଚାୟତରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକର ଜଳମଣ୍ଡୁଆ ପଞ୍ଚାୟତରୁ ୨୧ଜଣ, ସାନଶାସନ ପଞ୍ଚୟତରୁ ୭, ରହଣିଆରୁ ଜଣେ, ବନ୍ତ ବ୍ଲକ ବଡମହିଷିଗୋଠ ପଞ୍ଚାୟତରୁ ଜଣେ, ପୁରୁଷଣ୍ଡରୁ ୩, ଷେଣ୍ଡତୀରାରୁ ୩ଜଣ, ଗଣିଜାଙ୍ଗରୁ ଜଣେ, ଚାନ୍ଦବାଲି ବ୍ଲକ ଭୁଇଁବୃତ୍ତି ପଞ୍ଚାୟତରୁ ଜଣେ, ମତୋ ପଞ୍ଚାୟତରୁ ୨ଜଣ, ଧାମରା ପଞ୍ଚାୟତରୁ ଜଣେ, କଇଥଖୋଲାରୁ ଜଣେ, ଓଳଗରୁ ଜଣେ, ଚାନ୍ଦବାଲି ଏନ୍‌ଏସିର ହାଟପଟିରୁ ୩, ଧାମନଗର ବ୍ଲକର ଦକ୍ଷିଣବାଡ ପଞ୍ଚୟତରୁ ୩ଜଣ, ବୟାଙ୍ଗଡିହିରୁ ଜଣେ, ଚୁଡାକୁଟିରୁ ଜଣେ, ବନ୍ଧଟିଆରୁ ଜଣେ, ଧାମନଗର ଏନ୍‌ଏସିର ମୁନସିପାଟଣାରୁ ଜଣେ, ଶ୍ୟାମପୁରରୁ ଜଣେ, ୯ ନଂ ୱାର୍ଡରୁ ଜଣେ, ତାଳପଦାରୁ ଜଣେ, ବାସୁଦେବପୁର ବ୍ଲକର ନରସିଂହପୁର ପଞ୍ଚାୟତରୁ ଜଣେ, ଜଗନ୍ନାଥପୁର ପଞ୍ଚାୟତରୁ ଜଣେ, ସାନକୃଷ୍ଣପୁରରୁ ଜଣେ, ବରଣ୍ଡୁଆରୁ ଜଣେ, ବାସୁଦେବପୁର ପୌରପାଳିକାର ସାବରପୁରରୁ ଜଣେ, ମନ୍ଦାରୀରୁ ୨ଜଣ, ଭଦ୍ରକ ପୌରପାଳିକାର ୧୨ ନଂ ୱାର୍ଡରୁ ଜଣେ, ୪ ନଂ ୱାର୍ଡରୁ ୨, ୧୧ ନଂ ୱାର୍ଡରୁ ଜଣେ, ତିହିଡି ବ୍ଲକର ଭାଟପଡା ପଞ୍ଚାୟତରୁ ୨ଜଣ, ତଳଗୋପବିନ୍ଧା ପଞ୍ଚାୟତରୁ ଜଣେ, ସାହାପୁରରୁ ଜଣେ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ବାଲେଶ୍ୱର ଜିଲ୍ଲା ରତିଶା ଅଞ୍ଚଳରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଜାମ୍ମୁ କାଶ୍ମୀରରେ ଗତ ୨୪ ଘଂଟାରେ ୬୫୫ କରୋନାର ନୂଆ ମାମଲା

ଶ୍ରୀନଗର,୨୭।୮ (ନି.ପ୍ର): ଜାମ୍ମୁ କାଶ୍ମୀରରେ ଗତ ୨୪ ଘଂଟାରେ ୬୫୫ ନୂଆ କରୋନା ସଂକ୍ରମଣର ମାମଲା ସାମନାକୁ ଆସିଛି। ଏମାନଙ୍କ ମଧ୍ୟରୁ ଜାମ୍ମୁ ଅଂଚଳରୁ ୧୫୮ ଜଣ ହୋଇଥିବା ବେଳେ କାଶ୍ମୀର ଅଂଚଳରୁ ୪୯୭ ଜଣ ଅଛନ୍ତି। ଏହି ସମୟ ମଧ୍ୟରେ ୧୪ ଜଣଙ୍କର ମୃତ୍ୟୁ ଘଟିଛି। ଜାମ୍ମୁ କାଶ୍ମୀର ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୩୫୧୩୫ ହୋଇ ଯାଇଛି। ବର୍ତ୍ତମାନ ସୁଦ୍ଧା ୬୭୧ ଜଣଙ୍କର ମୃତ୍ୟୁ ଘଟିଛି।

## ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣା: ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତରିତ

ଧର୍ମଶାଳା,୨୭।୮ (ନି.ପ୍ର): ଗତ କାଲି ଧର୍ମଶାଳା ଥାନା ଅନ୍ତର୍ଗତ ରାଉତରାପୁର ପଂଚାୟତ ଜଳେଶ୍ୱରପୁର ମଲିକ ସାହିରେ ଜଣେ ଯୁବକ କାକୁ ଗଛରେ ବେକରେ ଫାଶି ଲାଗାଇ ଆତ୍ମହତ୍ୟା କରିଥିବା ବେଳେ ପରିବାର ଲୋକେ ଏହାକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ । ଫଳରେ ଏହି ଘଟଣାକୁ ପୋଲିସ ଗୁରୁତର ସହ ନେଇ ସାଇଂଟିଫିକ ଦଳର ସହାୟତା ନେଇଥିଲେ। ଏବଂ ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲା ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ଆଜି ଶବ ବ୍ୟବଚ୍ଛେଦ ହେବା ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତରିତ କରାଯାଇଛି । ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ସେମାନଙ୍କୁ ପଚରାଉଚୁରା କରିଛି । ଅନ୍ୟ ପକ୍ଷେ ଘଟଣାର ତଦନ୍ତ ଚାଲିଛି,ସାଇଂଟିଫିକ ଓ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

## ରାଜଧାନୀରୁ ପୁଣି ୩୮୬ ପଜିଟିଭ୍

ଭୁବନେଶ୍ୱର ,୨୭।୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ଅଂଚଳରୁ ଗୁରୁବାର ଦିନ ରେକର୍ଡ ସଂଖ୍ୟକ ୩୮୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିରୁ ୧୮୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୨୦୩ ଜଣ ହେଉଛନ୍ତି ସ୍ଥାନୀୟ ସଂକ୍ରମିତ। ସଂଗରୋଧରୁ ଚିହ୍ନଟ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେବଳ ୩ ଜଣଙ୍କର ଯାତ୍ରା ବିବରଣୀ ଥିବା ବେଳେ ଅନ୍ୟମାନେ ପୂର୍ବରୁ ଚିହ୍ନଟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି କରୋନା ସଂକ୍ରମଣ ହୋଇଛନ୍ତି। ଅନ୍ୟପକ୍ଷରେ ଆଜି ଗୋଟିଏ ଦିନରେ ଆଉ ୨୧୩ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ଭୁବନେଶ୍ୱରରୁ ଏପର୍ଯ୍ୟନ୍ତ ୮୬୪୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୫୧୨୪ ଜଣ ସୁସ୍ଥ ହୋଇଥିବା ବେଳେ ୩୪୭୮ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ୩୬ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଗୁରୁବାର ଚିହ୍ନଟ ୧୮୩ କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ଗଂଗନଗରସ୍ଥିତ ଏକ ଆଶ୍ରୟସ୍ଥଳୀରୁ ୩୮ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ନୟାପଲ୍ଲୀର ଇନ୍ଦ୍ରଧନୁ ମାର୍କେଟସ୍ଥିତ ଏକ ସରକାରୀ କାର୍ଯ୍ୟାଳୟରୁ ୧୫ ଜଣ, ଏକ ଘରୋଇ ହସ୍ପିଟାଲରୁ ୧୨ ଜଣ, ୭ମ ବାଟାଲିଅନ୍ ରୁ ୧୧ ଜଣ, ନୟାପଲ୍ଲୀରୁ ୬ଜଣ, ସିଆରପିଏଫ ଓ ବଡଗଡ କେନାଲ ରୋଡ ରୁ ୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସ୍ଥାନୀୟ ଅଂଚଳରୁ ଚିହ୍ନଟ କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଚନ୍ଦ୍ରଶେଖରପୁରସ୍ଥିତ ୭ମ ବାଟାଲିଅନ୍ ରୁ ୧୦ ଜଣ, ଆଇଆରସି ଭିଲେଜରୁ ୮ ଜଣ, ସହୀଦ ନଗର ଓ ବିସେଶ୍ୱର ବସ୍ତିରୁ ୫ ଜଣ, ୟୁନିଟ-୩, ଭିଏସ୍‌ଏସ୍ ନଗର, ଜାଗମରା, ୟୁନିଟ-୩ ,ୟୁନିଟ୍ ୯ ରୁ ୪ ଜଣ ଲେଖାଏଁ ଅଛନ୍ତି। କେନ୍ଦ୍ର ସରକାରଙ୍କ ଏକ ହସ୍ପିଟାଲ , ବଡଗଡ ବ୍ରିଟ୍ କଲୋନୀ , ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ପାଇକ ନଗର, ଶାନ୍ତି ବିହାର, ଚନ୍ଦ୍ରଶେଖରପୁର ଓମଫେଡ୍ ଫ୍ୟାକ୍ଟ୍ରି ନିକଟ, ଖାରବେଳ ନଗର , ନିଳାଦ୍ରୀବିହାରରୁ ୩ ଜଣଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଭୁବନେଶ୍ୱରରୁ ଆଜି ମୋଟ ୨୧୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିରେ ଲକ୍ଷ୍ମୀସାଗରରୁ ୮ ଜଣ, ବରମୁଣ୍ଡା ଏଚ୍‌ବି କଲୋନି, ପଟିଆ ବିଗ୍ ବଜାର ଅଂଚଳ, ବଡ଼ଗଡ଼ ବ୍ରିଟ କଲୋନି, ଜୟଦେବ ବିହାରରୁ ୭ ଜଣ ଲେଖାଏଁ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୬୮୦୯୦ କରୋନା ପରୀକ୍ଷଣ

ଭୁବନେଶ୍ୱର,୨୭।୮ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୬୮୦୯୦ କରୋନା ପରୀକ୍ଷଣ ହୋଇଛି । ଏଥି ମଧ୍ୟରୁ ଆରଟି-ପିସିଆର ୭୨୮୮, ଆଂଟିଜେନ ୬୦୮୮୬ ତଥା ଟ୍ରୁନାଟ ୧୧୬ ସାମିଲ ରହିଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୧୫୩୨୫୭ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ରାୟଗଡ଼ା ଜିଲ୍ଲାରେ ସରକାରଙ୍କ ଆବାସ ଓ ପେନସନ ଯୋଜନା ଫେଲ୍ ମାରିଛି

### ୭୦ ବର୍ଷ ବୟସରେ ବୃଦ୍ଧଦମ୍ପତ୍ତି ଆଶା ରଖିଛନ୍ତି ସରକାର ତାଙ୍କୁ ଘର ଖଣ୍ଡେ ଦେବେ



ଗୁଣପୁର ,୨୭।୮ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣପୁର ଉପଖଣ୍ଡ ମୁନିଗୁଡ଼ା ବ୍ଲକର ସୀମାନ୍ତ ଭାଗରେ ପାହାଡ଼ ଓ ସବୁଜିମା ଭରା ଗାଁ ଅଶୁରପଡ଼ା । ଅନେକ ଐତିହ୍ୟ ଓ କମ୍ବଦନ୍ତୀ ଭରା ଏହି ପାହାଡ଼ି ଗାଁଟି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍‌ର କଂସାରି ଗାଁ ନିକଟରେ ଅବସ୍ଥିତ । ଏଠାରୁ ପାଞ୍ଚ କିଲୋମିଟର ଦୂରରେ ଅବସ୍ଥିତ ଜିଲ୍ଲାର ଏକ ବଡ଼ ଶିଳ୍ପ ବେଦାନ୍ତ ଆଲୁମିନା ପ୍ଲାଣ୍ଟ । ଏକବିଂଶ ଶତାବ୍ଦୀରେ ଆସି ଆମେ ପହଞ୍ଚିଲୁଣି, ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଗରିବ ଲୋକଙ୍କ ପାଇଁ ତଥା କେବିକେ ଜିଲ୍ଲା ପାଇଁ ବିଭିନ୍ନ ଆବାସ ଯୋଜନା ହୋଇଛି କିନ୍ତୁ ଏବେ ମଧ୍ୟ ଆମ ରାୟଗଡ଼ା ଜିଲ୍ଲା ଦୀପ ତଳେ ଅନ୍ଧାର ଭଳି ମନେ ହୁଏ । ଆଜି ବି ରାୟଗଡ଼ା ଜିଲ୍ଲାର ବିକାଶ ଦିଗଟିକୁ ଦେଖିଲେ ମନେ ହୁଏ ଏହା ବହୁ ପଛରେ, ଏଠାକାର ଲୋକ ବହୁତ ସରଳ ଏବଂ ସ୍ୱାବଲମ୍ବୀ, ବୋଧେ ସରକାର ଏହାର ଫାଇଦା ନେଇ ଆଜି ଜିଲ୍ଲାର ଅଗ୍ରଗତିକୁ ପଛରେ ପକେଇଛନ୍ତି । ସବୁ ଅର୍ଥନୈତିକ କରିଡୋର ମଧ୍ୟରେ ଥାଇ ମଧ୍ୟ ଗାଁର ଅର୍ଥନୈତିକ ଭୂଗୋଳ ଓ ମଣିଷମାନଙ୍କ ବଞ୍ଚିବାର ମାନଦଣ୍ଡରେ ବିକାଶର ସ୍ୱର୍ଶ ବାଜିନାହିଁ । ଏହି ଗାଁରେ ଅନେକଙ୍କ ଆପତ୍ତିଥିଲା ସେମାନଙ୍କୁ ସରକାରୀ ଘର ଖଣ୍ଡେ ମିଳୁନାହିଁ । ସେମାନଙ୍କ ମଧ୍ୟରୁ ଜଣେ ଥିଲେ ୭୦ବର୍ଷ ଅତିକ୍ରାନ୍ତ କରିଥିବା ବୃଦ୍ଧ ଦମ୍ପତ୍ତି ରାମ ଯାକେସିକା ଆଉ କମ୍ବାଲି ଯାକେସିକା । ବୁଢ଼ା ଆଖିକୁ ଭଲରେ ଦିଶୁନି । ପର ବିଲବାଡ଼ିରେ କୁଲିବୁତି କରି ବୁଢ଼ୀ ଦୁଇ ପେଟ ଭରୁଛି । ବୁଢ଼ୀକୁ ବାର୍ଦ୍ଧକ୍ୟ ଭତ୍ତା ୫୦୦ ଟଙ୍କା ମିଳୁଛି । ସେହି ୫୦୦ ଟଙ୍କାରେ ଦୁହିଁଙ୍କ ଔଷଧପତ୍ର, ତେଲଲୁଣ, ଲୁଗାପଟା ଖର୍ଚ୍ଚ କିପରି ସମ୍ଭବ ତାହା ବେଶ୍ ଜଣାପଡୁଛି । ଆଜିକୁ ୧୦ ବର୍ଷ ହେବ ସରକାରୀ ଘର ଖଣ୍ଡେ ପାଇଁ ପଞ୍ଚାୟତରୁ ବ୍ଲକ୍ ଦୌଡ଼ି ଦୌଡ଼ି ବୁଢ଼ା ବୁଢ଼ୀଙ୍କ ବଳ ଓ ବୟସ ଚାଲିଗଲା ସିନା ଘରଖଣ୍ଡେ ମିଳିଲା ନାହିଁ । ସମସ୍ତ ଅଫିସର କହୁଛନ୍ତି ହୋଇଯିବ ବୋଲି । କିନ୍ତୁ ଆଜି ଯାଏ ହୋଇ ଯିବାର ଭରଷା ଦେଉଛନ୍ତି କିନ୍ତୁ ଆଜି ଯାଏ ହୋଇପାରିଲା ନାହିଁ । ଏଠି ଗରିବଙ୍କୁ କିଏ ପଚାରିବାକୁ ନାହିଁ । ବୁଢ଼ାଙ୍କ ମନରେ ଅନେକ କ୍ଷୋଭ, ଦୁଃଖ ଓ ଯନ୍ତ୍ରଣା ଭରି ରହିଥିବା ଦେଖିବାକୁ ମିଳିଛି କାରଣ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସମସ୍ତ ଭତ୍ତା, ସୁବିଧା ଓ ସୁଯୋଗରୁ ସେ ଆଜି ବଞ୍ଚିତ । ଘର, ଭତ୍ତା ପେସନ ମିଳିଯିବ ବୋଲି ତାଙ୍କୁ ମୁନିଗୁଡ଼ା ବିଡ଼ିଓ ଆଶ୍ୱାସନା ଦେଇଥିବା ସେ ପ୍ରକାଶ କରିଥିଲେ । ରାମ ଯାକେସିକା ଜଣେ ନିଶହାୟ ଗରିବ ବୃଦ୍ଧ ମଣିଷ । ସତୁରି ବର୍ଷ ବୟସ ପରେ ମଧ୍ୟ ସେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ଦଶ ବର୍ଷ ହେବ ଦମ୍ପତ୍ତି ଆଶା ବାନ୍ଧି ବସିଛନ୍ତି ପକ୍କା ଘର ଖଣ୍ଡିକ ମିଳିଲେ ଟିକେ ଶାନ୍ତିରେ ଶୋଇ ପାରିବେ । ମାଟି କାନ୍ଥ ଆଉ ଝୁପୁଡ଼ି ଘରେ ବର୍ଷା ଦିନେ ଜୀବନ ମରଣ ମଧ୍ୟରେ ସମୟ ଗଡୁଛି ବୁଢ଼ାବୁଢ଼ୀଙ୍କ ଜୀବନ । କେତେବେଳେ ଘରେ ସାପ, ବେଙ୍ଗ, ମୂଷା ପସିଯାଉଛନ୍ତି ତ କେତେବେଳେ କାନ୍ଥ ପଡ଼ିଯିବାର ଭୟ ଘାରୁଛି । ବୁଢ଼ା ଏବେ ବେଶୀ ବାଟ ଜା'ଆସ କରି ପାରୁନାହିଁ, ତଥାପି ବୁଢ଼ୀ ଶିବପଦର ପଞ୍ଚାୟତରୁ ମୁନିଗୁଡ଼ା ବ୍ଲକ ଯାଏ ବୁଢ଼ାର ଭତ୍ତା ଆଉ ସେମାନଙ୍କ ଘର ଖଣ୍ଡେ ପାଇଁ ଦୌଡୁଛି । ଆଶା ରଖିଛନ୍ତି ସରକାର ତାଙ୍କ ଦୁଃଖ ନିଶ୍ଚୟ ଶୁଣିବେ । ସରକାରଙ୍କର ନ୍ୟାୟ ବ୍ୟବସ୍ଥା ଉପରେ ଦଶବର୍ଷ ବିତିଗଲାଣି ହେଲେ ବି ବୁଢ଼ୀ ବିଶ୍ୱାସ ରଖିଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆବାଶ ଯୋଜନା ଓ ପେନସନ ଯୋଜନାରେ ଏ ପର୍ଯ୍ୟନ୍ତ ଏହି ଦମ୍ପତ୍ତିଙ୍କୁ ଭତ୍ତା ଓ ଘର ନମିଳିବା ବଡ଼ ଦୁଃଖର କଥା । ଏମାନଙ୍କର ଏହି ଶେଷ ସମୟରେ ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ସହାୟତାର ହାତ ବଢ଼ାଇବା ନିହାତି ଆବଶ୍ୟକ ବୋଲି ଗ୍ରାମବାସୀ ଦାବୀ କରିଛନ୍ତି । ତେଣୁ ଯଥାଶୀଘ୍ର ଜିଲ୍ଲା ପ୍ରଶାସନ ତରଫରୁ ଏହି ଦମ୍ପତ୍ତି ଙ୍କ ରିହବା ପାଇଁ ଘର ଖଣ୍ଡିଏ ଓ ବଞ୍ଚିବା ପାଇଁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ପାଇଁ ସାଧାରଣରେ ଦାବୀ ହେଉଛି । ଆଗାମୀ ଦିନରେ ପ୍ରଶାସନ ତରଫରୁ କି ପ୍ରକାର ପଦକ୍ଷେପ ନିଆଯାଉଛି ତାହା ବର୍ତ୍ତମାନ ଦେଖିବାକୁ ବାକି ରହିଲା ।

ଧ୍ୱନି ପ୍ରତିଧ୍ୱନି



# ବ୍ରାହ୍ମଣ ସମିତି ପ୍ରତିଷ୍ଠାତା ସଭାପତିଙ୍କ ବିୟୋଗ

ବାଲେଶ୍ୱର, ୨୭।୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମିତିର ପ୍ରାକ୍ତନ ସଭାପତି ପ୍ରତିଷ୍ଠାତା ସଭ୍ୟ, ବରିଷ୍ଠ ଉପଦେଷ୍ଟା ତଥା ବାଣୀରତ୍ନ ଉପାଧି ପ୍ରାପ୍ତ ବିଶିଷ୍ଟ କର୍ମକାଣ୍ଡବିତ୍ ପଣ୍ଡିତ ରଘୁନାଥ ଷଡ଼ଙ୍ଗୀଙ୍କର ଗତକାଲି ବୁଧବାର ସକାଳେ ଦେହାନ୍ତ ଖବର ପାଇ ସମିତିର ସଂପାଦକ ଶ୍ରୀ ଗୌରଚନ୍ଦ୍ର ଦାଶ ବାଲେଶ୍ୱର ବୈରାମ ନଗରସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଶେଷଦର୍ଶନ କରିବା ସହିତ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଖବର ପ୍ରଚାରିତ ହେବା ପରେ ଜିଲ୍ଲା ବ୍ରାହ୍ମଣ ସମିତି ପରିଚାଳନା କମିଟିର କର୍ମକର୍ତ୍ତା, ଉପଦେଷ୍ଟା ମଣ୍ଡଳୀ, ବିଭିନ୍ନ ବ୍ଲକ୍ ସ୍ତରୀୟ ଆଞ୍ଚଳିକ ବ୍ରାହ୍ମଣ ସମିତିର କର୍ମକର୍ତ୍ତାମାନେ ଏବଂ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ରାଜ୍ୟ ବ୍ରାହ୍ମଣ ମହାସଭାର ସଭାପତି ଓ କର୍ମକର୍ତ୍ତା ତାଙ୍କ ବିୟୋଗରେ ଶୋକବାର୍ତ୍ତା ପଠାଇଥିବା ସଂପର୍କରେ ସଂପାଦକ ଶ୍ରୀଦାସ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଡାଃ ଶ୍ରୀଶ କୁମାର ଦାଶ, ସଭାପତି, ପ୍ରଫେସର ଶରତ ଚନ୍ଦ୍ର ମହାପାତ୍ର, ରାଜ୍ୟ ମହାସଭାର ସଭାପତି, ଡଃ କ୍ଷିତିଶ୍ୱର ଦାଶ, କୃଷ୍ଣଚନ୍ଦ୍ର ପତ୍ରୀ, ଶକ୍ତିପଦ ପଣ୍ଡା, ହରେକୃଷ୍ଣ ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, ଶୁଭଙ୍କର ମହାପାତ୍ର, ଅକ୍ଷୟ କୁମାର ତ୍ରିପାଠୀ, ବୁଦ୍ଧିରାମ ପାଣିଗ୍ରାହୀ, ସର୍ବେଶ୍ୱର ପତି, ଲକ୍ଷ୍ମୀଧର ମହାପାତ୍ର, ଭୃଗୁରାମ କର, ସରୋଜ ନାରାୟଣ ଷଡ଼ଙ୍ଗୀ, ସତୀଶ କର, ସତୀଶ ଚନ୍ଦ୍ର ମିଶ୍ର, କ୍ଷିତିଶ ଚନ୍ଦ୍ର ପଣ୍ଡା, ଡ. ଯଦୁନାଥ ମିଶ୍ର, ନିରଞ୍ଜନ ଦାଶ, ପ୍ରଭାକର ମିଶ୍ର, କୁନା କର, ପୂଣ୍ୟଶ୍ଳୋକ ନନ୍ଦ, ବୈଦ୍ୟନାଥ ଆଚାର୍ଯ୍ୟ, ରାଧାକୃଷ୍ଣ ଆଚାର୍ଯ୍ୟ, ନିରାକାର ଦାଶ, ଲକ୍ଷ୍ମୀକାନ୍ତ ନନ୍ଦ, କମଳାକାନ୍ତ ଦାଶ, ପ୍ରଦୀପ ଚକ୍ରବର୍ତ୍ତୀ, ପ୍ରଶାନ୍ତ ଶତପଥୀ, ଚିନ୍ମୟ ପାଣିଗ୍ରାହୀ, ଇଂ. ଡମ୍ବରୁଧର ବିଶୋଇ, ଇଂ. ଅଶ୍ୱିନୀ କୁମାର ଦଣ୍ଡପାଟ, ଅଶୋକ କୁମାର ପୁରୀ, କମଳାକାନ୍ତ ତ୍ରିପାଠୀ, ଗିରିଶ ଚନ୍ଦ୍ର ଦାଶ, ଭଗବାନ ଆଚାର୍ଯ୍ୟ, ଦେବାଶିଷ ହୋତା, ଉମାକାନ୍ତ ଉପାଧ୍ୟାୟ, ହରିଶ୍ଚନ୍ଦ୍ର ପଣ୍ଡା, ପ୍ରଦୀପ କୁ. ମିଶ୍ର, ପ୍ରଫେସର କମଳାକାନ୍ତ ଆଚାର୍ଯ୍ୟ ଓ ଅନ୍ୟମାନେ। ସେହି ମହାନ୍ ଆତ୍ମାର ଅଦ୍‌ଗତି କାମନା ସହିତ ତାଙ୍କ ପରିବାରବର୍ଗଙ୍କୁ ଏ ବିପଦରେ ଧୈର୍ଯ୍ୟ ପ୍ରଦାନ କରିବାକୁ ଜିଲ୍ଲା ବ୍ରାହ୍ମଣ ସମିତି ତରଫରୁ ପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରାଯାଇଛି।

# ବିପଦ ସଙ୍କେତ ଉପରେ ଜିଲ୍ଲାର ୩ ପ୍ରମୁଖ ନଦୀ

## ବନ୍ୟାସ୍ଥିତି ଅନୁଧ୍ୟାନ ପାଇଁ ପହଞ୍ଚିଲେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ





ବାଲେଶ୍ୱର, ୨୭।୮ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଓ ଉପରମୁଣ୍ଡରୁ ଆସୁଥିବା ଜଳରେ ବାଲେଶ୍ୱର ଜିଲ୍ଲାର ପ୍ରମୁଖ ନଦୀମାନଙ୍କରେ ଏବେ ବନ୍ୟାସ୍ଥିତି ଉପୁଜିଥିବା ଲକ୍ଷ୍ୟ କରାଯାଇଛି। ଗତ କାଲି ରାତି ୧୦ଟାରୁ ଯଦିଓ ବର୍ଷା ବନ୍ଦ ହୋଇଛି ତେବେ ଜିଲ୍ଲାରେ ଗୋଟିଏ ଦିନରେ ମୋଟ ୬୭୫ ମିଲି ମିଟର ବର୍ଷା ହୋଇଥିବା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି। ତେବେ ୩ଦିନର ଲଗାଣ ବର୍ଷା ଓ ଉପରମୁଣ୍ଡା ଜଳ ଯୋଗୁଁ ଏବେ ନଦୀମାନଙ୍କରେ ବଢୁଥିବା ଜଳପତ୍ତନ ଯୋଗୁଁ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ସୁବର୍ଣ୍ଣରେଖା ନଦୀର ରାଜଘାଟସ୍ଥିତ ୱାଟର ଲେଭଲ ରିଡିଂ ପଏଣ୍ଟରେ ସତର୍କ ସୂଚନାଙ୍କ ବିପଦ ସୂଚାନଙ୍କ ୧୦.୩୬ ମିଟର ଥିବା ବେଳେ ଆଜି ସଂଧ୍ୟା ୭ଟା ସୁଦ୍ଧା ୯.୬୮ ମିଟରରେ ଜଳ ପ୍ରବାହିତ ହେଉଛି। ଛତିଶଗଡ଼ର ଚନ୍ଦିନି ଡ୍ୟାମ ଓ ଗୁଲାଡି ବ୍ୟାରେଜ୍‌ରୁ ଖୋଲା ଯାଇଥିବା ଗେଟ୍ ଯୋଗୁଁ ଆସନ୍ତାକାଲି ସକାଳ ସୁଦ୍ଧା ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇ ବିପଦ ସଙ୍କେତ ଟପିବ ବୋଲି ପ୍ରଶାସନ ପକ୍ଷରୁ ଅନୁମାନ କରାଯାଇଛି। ସେହିଭଳି ବୁଢ଼ାବଳଙ୍ଗ ନଦୀର ଏନଏଚ-୫ ଗୋବିନ୍ଦପୁରସ୍ଥିତ ରିଡିଂ ପଏଣ୍ଟର ବିପଦ ସଙ୍କେତ ୮.୧୩ ମିଟର ଉପରେ ଅର୍ଥାତ ୮.୪୦ ମିଟରରେ ଜଳ ପ୍ରବାହ ସ୍ଥିର ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ଜଳକା ନଦୀର ଜଳସ୍ତର ଏବେ କ୍ରମଶଃ ହ୍ରାସ ପାଉଥିବା ଜଣାପଡ଼ିଛି। ଜଳକା ନଦୀର ମଥାନି ରିଡିଂ ପଏଣ୍ଟରେ ବିପଦ ସୂଚନାଙ୍କ ୫.୫୦ ମିଟର ଥିବା ବେଳେ ଅଜି ସକାଳ ସୁଦ୍ଧା ଜଳପତ୍ତନ ୭.୦ ମିଟରରେ ପ୍ରବାହତ ହେଉଥିଲା। ତେବେ ସଂଧ୍ୟା ୭ଟା ସୁଦ୍ଧା ଏହା ହ୍ରାସ ପାଇ ୬.୮୮ରେ ପହଞ୍ଚିଛି। ତେବେ ବିପଦ ସଙ୍କେତ ଉପରେ ଥିବା ଜଳକା ଓ ବୁଢ଼ାବଳଙ୍ଗ ଏବଂ ବିପଦ ସଙ୍କେତ ନିକଟତର ହେଉଥିବା ସୁବର୍ଣ୍ଣରେଖା ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏବେ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଛି। ୩ ନଦୀ ପ୍ରବାହିତ ସଦର, ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ପ୍ରଭୃତି ବ୍ଲକର ଲକ୍ଷାଧିକ ଏକର ଚାଷଜମି ଏବେ ପାଣିରେ ବୁଡ଼ି ରହିଥିବା ବେଳେ ବହୁ ତଳିଆ ଅଞ୍ଚଳର ଲୋକେ ଏବେ ଜଳବନ୍ଦୀ ଭାବେ ରହିଛନ୍ତି। ଏନେଇ ଅଗ୍ନିଶମ ବିଭାଗର ଓଡ୍ରାଫ ଓ ଏନଡିଆରଏଫ ଟିମ୍ କେତେକ ସ୍ଥାନରେ ଉଦ୍ଧାର କାର୍ଯ୍ୟ ଜାରି ରଖଛନ୍ତି। ଜିଲ୍ଲାର ବନ୍ୟା ପରିସ୍ଥିତି ପଚାଳାନାକୁ ଦୃଷ୍ଟିରେ ରଖି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନୀଲ କୁମାର ସାମଲ ଆଜି ବାଲେଶ୍ୱରରେ ପହଞ୍ଚି ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଉଦ୍ଧାର କାର୍ଯ୍ୟ ପରିଚାଳନା ଓ ରିଲିଫ୍ ପ୍ରଦାନ ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି।

# ଗୋଟିଏ ଦିନରେ ୩୩୮୪ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୯୦୯୮୬ କୁ ବୃଦ୍ଧି

ଭୁବନେଶ୍ୱର, ୨୭।୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୩୮୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୦୯୮୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୬୨୮୧୩ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୭୬୭୨ ରହିଛି। ଆଜି ଚିହ୍ନଟ ହୋଇଥିବା ୩୩୮୪ ଜଣଙ୍କ ମଧ୍ୟରୁ ୨୧୨୮ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୨୫୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୫୮୭ ନୂଆ ମାମଲା ସାମନାକୁ ଆସିଛି। ସେହିପରି ଗଂଜାମ ଜିଲ୍ଲାରେ ୧୭୭ ଟି ମାମଲା ସାମନାକୁ ଆସିଛି। ଅନୁଗୁଳ ଜିଲ୍ଲାରେ ୧୩, ବାଲେଶ୍ୱର ଜିଲ୍ଲାରେ ୧୧୯ ଜଣ, ବରଗଡ ଜିଲ୍ଲାରେ ୧୫୭, ଭଦ୍ରକ ଜିଲ୍ଲାରେ ୮୨, ବଲାଙ୍ଗିର ଜିଲ୍ଲାରେ ୯୯ .ବୌଦ୍ଧ ଜିଲ୍ଲାରେ ୫, କଟକ ଜିଲ୍ଲାରେ ୪୯୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଦେବଗଡ ଜିଲ୍ଲାରେ ୧୬, ଢେଙ୍କାନାଳ ଜିଲ୍ଲାରେ ୬୦, ଗଜପତି ଜିଲ୍ଲାରେ ୯, ଜଗତସିଂହପୁର ଜିଲ୍ଲାରେ ୪୩, ଯାଜପୁର ଜିଲ୍ଲାରେ ୧୭୬. ଝାରସୁଗୁଡା ଜିଲ୍ଲାରେ ୯୪, କଳାହାଣ୍ଡି ଜିଲ୍ଲାରେ ୨୭. କନ୍ଧମାଳ ଜିଲ୍ଲାରେ ୫୮, କେନ୍ଦ୍ରାପଡା ଜିଲ୍ଲାରେ ୭୬ ,କେନ୍ଦୁଝର ଜିଲ୍ଲାରେ ୬୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାରେ ୮୯ ଜଣ, ମାଲକାନଗିରି ଜିଲ୍ଲାରେ ୪୪ , ମୟୁରଭଂଜ ଜିଲ୍ଲାରେ ୧୭୭, ନବରଙ୍ଗପୁରରେ ୩୧, ନୟାଗଡ ଜିଲ୍ଲାରେ ୭୬, ନୂଆପଡା ଜିଲ୍ଲାରେ ୧୯, ପୁରୀ ଜିଲ୍ଲାରେ ୧୨୧, ରାୟଗଡା ଜିଲ୍ଲାରେ ୧୫୪, ସମ୍ବଲପୁର ଜିଲ୍ଲାରେ ୧୮୨ ,ସୋନପୁର ଜିଲ୍ଲାରେ ୩୭ ତଥା ସୁନ୍ଦରଗଡ ଜିଲ୍ଲାରେ ୧୦୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର, ୨୭ ଅଗଷ୍ଟ - ଆଜି ଗଂଜାମ ଜିଲ୍ଲାରେ ୧୭୭ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୭୧୧୩ ରେ ପହଂଚିଛି। ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୭୪୫, ବାଲେଶ୍ୱର ଜିଲ୍ଲାରେ ୩୨୯୪, ବରଗଡ ଜିଲ୍ଲାରେ ୧୬୪୫, ଭଦ୍ରକ ଜିଲ୍ଲାରେ ୨୧୪୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୧୬୧୯ . ବୌଦ୍ଧ ଜିଲ୍ଲାରେ ୫୪୮, କଟକ ଜିଲ୍ଲାରେ ୭୦୧୭, ଦେବଗଡ ଜିଲ୍ଲାରେ ୧୮୩, ଢେଙ୍କାନାଳ ଜିଲ୍ଲାରେ ୧୩୫୬. ଗଜପତି ଜିଲ୍ଲାରେ ୨୭୬୪, ଜଗତସିଂହପୁର ଜିଲ୍ଲାରେ ୧୬୨୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୩୪୮୧, ଝାରସୁଗୁଡା ଜିଲ୍ଲାରେ ୧୦୩୩, କଳାହାଣ୍ଡି ଜିଲ୍ଲାରେ ୧୧୮୭, କନ୍ଧମାଳ ୨୦୬୪, କେନ୍ଦ୍ରାପଡା ଜିଲ୍ଲାରେ ୧୪୬୧, କେନ୍ଦୁଝର ଜିଲ୍ଲାରେ ୧୬୫୬, ଖୋର୍ଦ୍ଧା ଜିଲ୍ଲାରେ ୧୩୯୨୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୩୦୭୪ , ମାଲକାନଗିରି ଜିଲ୍ଲାରେ ୨୧୩୭, ମୟୁରଭଂଜ ଜିଲ୍ଲାରେ ୨୬୮୩. ନବରଙ୍ଗପୁର ଜିଲ୍ଲାରେ ୯୫୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୨୬୩୭, ନୂଆପଡା ଜିଲ୍ଲାରେ ୩୫୯ , ପୁରୀ ଜିଲ୍ଲାରେ ୩୦୮୬, ରାୟଗଡା ଜିଲ୍ଲାରେ ୩୭୨୦. ସମ୍ବଲପୁର ଜିଲ୍ଲାରେ ୨୪୫୨. ସୁବର୍ଣ୍ଣପୁର ଜିଲ୍ଲାରେ ୫୬୮ ଓ ସୁନ୍ଦରଗଡ ଜିଲ୍ଲାରେ ୪୧୮୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଦିନକରେ ୧୧୯ ଚିହ୍ନଟ କରୋନା ପଜିଟିଭ୍: ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା ୩୨୯୪କୁ ବୃଦ୍ଧି

ବାଲେଶ୍ୱର, ୨୭।୮ (ନି.ପ୍ର): ଦିନକୁ ଦିନ ଦେଶରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ସବୁ ବର୍ଗର ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଅଦ୍ୟାବଧି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୩ ଲକ୍ଷ ଅତିକ୍ରମ କରିଥିବା ବେଳେ ଅନୁରୂପ ଭାବେ ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୩୩୮୪ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ସହ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୯୦,୯୮୬ରେ ପହଞ୍ଚିଛି। ଅନ୍ୟପକ୍ଷରେ ଆଜି ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ଏବେ ୪୪୮ଛୁଇଁଛି। ସେହିଭଳି ବାଲେଶ୍ୱରରେ ଗତ ୨୪ ଘଣ୍ଟା ମଧ୍ୟରେ ୧୧୯ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୯୪ରେ ପହଞ୍ଚିଛି। ଅଦ୍ୟାବଧି ୨୨୮୧ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୯୯୯ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ଜିଲ୍ଲାର କରୋନା ରୋଗୀଙ୍କର ମୃତ୍ୟୁ ସଂଖ୍ୟା ଏବେ ୯ରେ ସ୍ଥିର ରହିଛି। ତେବେ ସଦର ବ୍ଲକର ଦୁବୁଲାଗଡ଼ିର ୧୩ ଜଣ, ବାହାନଗା ବ୍ଲକର ଖରାସାହାପୁରର ୩ ଜଣ, ଖଇରାର ଜୟପୁରର ତିନି ଜଣ, ବାଲେଶ୍ୱର ପୌରାଞ୍ଚଳର ସହଦେବଖୁଣ୍ଟାର ୫ ଜଣ, ଅଙ୍ଗାରଗଡ଼ିଆର ୩ ଜଣ ଓ ମୋତିଗଞ୍ଜର ୩ ଜଣ ଏକକାଳୀନ ସଂକ୍ରମିତ ହେବା ସ୍ଥାନୀୟ ସଂକ୍ରମଣକୁ ଅଧିକ ସଙ୍ଗୀନ କରୁଛି ବୋଲି କୁହାଯଉଛି। ନୂଆଭାବେ ଚିହ୍ନଟ ହୋଇଥିବା ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁଁ କରୋନା ପିଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଭଳିସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

# ଜୟବିଜୟ ଦ୍ୱାର ଓ କଳାହାଟ ଦ୍ୱାରରେ ରୂପା ଛାଉଣୀ ହେବ

ପୁରୀ, ୨୭।୮ (ନି.ପ୍ର): ଶ୍ରୀମନ୍ଦିର ସିଂହଦ୍ୱାର, ଜୟବିଜୟ ଦ୍ୱାର, କଳାହାଟ ଦ୍ୱାର, ଭିତର ଆଉ ବାହାର ରନ୍ ଭଣ୍ଡାର ଦ୍ୱାର , ଉତର ଦ୍ୱାର, ଦକ୍ଷିଣ ଦ୍ୱାର, ପଶ୍ଚିମ ଦ୍ୱାର ନୂତନ କରି ନିର୍ମାଣ ହେବ। ଏହି ସବୁ ଦ୍ୱାର ଗୁଡିକ ବର୍ମାଟିକ କାଠ ରେ ନିର୍ମାଣ ହେବ। ଏହା ଦୀର୍ଘସ୍ଥାୟୀ ହେବ ବୋଲି ଜଣାଯାଇଛି। ସମସ୍ତ ଦ୍ୱାର ରେ ରୂପା ଚାଦର ଲଗାଯିବ। ଏହି ଚାଦର ର ମୋଟେଇ ୧୪ ରୁ ୧୮ ଗର୍ଜ ରହିବ। ଏହାକୁ ଦୃଷ୍ଟି ରେ ରଖି ବିଚାର କୁ ନିଆଗଲେ ପ୍ରତ୍ୟେକ ଦ୍ୱାର ରେ ପାଖାପାଖି ୧ କ୍ୱିଂଟାଲ ରୂପା ଲାଗିବ। ଏଥିରେ ବ୍ୟବହୃତ ହେବାକୁ ଥିବା ରୂପା କୁ ଜଣେ ଦାତା ଦେବା ପାଇଁ ସହମତି ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର ରୂପା ତଥା ଅର୍ଥ ଏହି ସବୁ ଦ୍ୱାର ନିର୍ମାଣ ରେ ଲାଗିବ ନାହିଁ ବୋଲି ଜଣାଯାଇଛି। ରାଜସ୍ଥାନ ର ଜୟପୁର କାରିଗର ମାନେ ଏହି ସବୁ ଦ୍ୱାର ର ଡିଜାଇନ କରିବେ। ଉକ୍ତ ଡିଜାଇନ ଉପରେ ପ୍ରାରମ୍ଭିକ ପ୍ରଶାସନିକ ବିଚାର ବିମର୍ଶ ଚାଲିଛି। ଦ୍ୱାର ନିର୍ମାଣ ର ରୂପରେଖ ଚୂଡାନ୍ତ ହେବା ପାଇଁ ୭ , ୮ ଦିନ ଲାଗିଯାଇପାରେ ବୋଲି ଶ୍ରୀମନ୍ଦିର ପ୍ରଶାସନ ସୂତ୍ର ରୁ ଜଣାଯାଇଛି। ଜିଲାପାଳ ତଥା ଶ୍ରୀମନ୍ଦିର ପରିଚାଳନା କମିଟିର ଉପମୁଖ୍ୟ ପ୍ରଶାସକ ବଲବନ୍ତ ସିଂ ଦ୍ୱାର ଗୁଡିକ ନୂତନ ନିର୍ମାଣ ର ମୁଖ୍ୟ ତତ୍ତ୍ୱାବଧାରକ ରହିଛନ୍ତି। ପ୍ରଥମେ ଗର୍ଭଗୃହ ସଲଗ୍ନ କଳାହାଟ ଦ୍ୱାର , ଜଗମୋହନ ସଲଗ୍ନ ଜୟବିଜୟ ଦ୍ୱାର ଓ ମୁକ୍ତିମଣ୍ଡପ ସାମ୍ନା ବେହରଣ ଦ୍ୱାର ନୂତନ କରି ନିର୍ମାଣ କରାଯିବା ସହ ରୂପା ଚାଦର ପଡିବ। ଏହାପରେ ଅନ୍ୟଦ୍ୱାର ଗୁଡିକ ର ପୁନର୍ନିର୍ମାଣ ଓ ରୂପାଚାଦର ଲଗାଯିବା ପାଇଁ ହାତକୁ ନିଆଯିବ। ଗୋଟିଏ ଗୋଟିଏ କବାଟ ର ଉଚ୍ଚତା ୧୪ ଫୁଟ ହୋଇଥିବା ବେଳେ ଦୁଇ ଫାଳର ଚଉଡା ୯ ଫୁଟ। ଏଠାରେ ସୁଚନାଯୋଗ୍ୟ ଯେ, ମହାପ୍ରଭୁଙ୍କର ନବକଳେବର ପୂର୍ବରୁ ସିଂହଦ୍ୱାର , କଳାହାଟ ଦ୍ୱାର ଶାଳ କାଠ ରେ ନିର୍ମାଣ କରାଯାଇ ପିତଳ ଚାଦର ଲଗାଯାଇଥିଲା। ଏହି ଦୁଇ ଦ୍ୱାର ପିତଳ ଚାଦର ବଦଳରେ ରୂପା ଚାଦର ଲାଗିବ।

# ଜଳେଶ୍ୱରରେ ଧଳା ଜହରର କାରବାର ପଡୁ ପୂର୍ଣ୍ଣଚ୍ଛେଦ : ବିଜେଡିର ସାମ୍ବାଦିକ ସମ୍ମିଳନୀ



ଜଳେଶ୍ୱର, ୨୭।୮ (ନି.ପ୍ର): ଜଳେଶ୍ୱର ଥାନା ଅଂଚଳରେ ବ୍ୟାପକ ଧଳା ଜହର କାରବାର ଦୀର୍ଘବର୍ଷରୁ ଚଳିଆସୁଥିବା ବେଳେ ନିକଟରେ କାର୍ଯ୍ୟରତ ଆଇଆଇସି ଧନେଶ୍ୱର ସାହୁଙ୍କର ଜଣେ ଧଳଜହର କାରବାରର ବ୍ୟବସାୟୀ ସହିତ ହୋଇଥିବା ଲିଙ୍କ ଜଣାଯିବାପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ନିଲମ୍ବନ କରିବା ଓ ଏପରି ଏକ ସମ୍ବେଦନଶୀଳ ମାମଲାକୁ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରିଥିବାରୁ ଜଳେଶ୍ୱରବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକ ଅଶ୍ୱିନୀ କୁମାର ପାତ୍ର କୃତଜ୍ଞତା ଜଣାଇଛନ୍ତି। ଏହା ବ୍ୟତିତ ବାଲେଶ୍ୱର ଜିଲାର ଏସ୍‌ପି ଓ ଆଇଜିଙ୍କୁ ଶ୍ରୀ ପାତ୍ର ସାକ୍ଷାତ କରି ଜଳେଶ୍ୱରକୁ ଜଣେ ଦକ୍ଷ ଓ ନିରପେକ୍ଷ ପୁଲିସ୍ ଅଧିକାରୀ ନିଯୁକ୍ତି ପାଇଁ ଦାବି ଜଣାଇଥିବା ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଆବଶ୍ୟକ ହେଲେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ଅନ୍ୟସ୍ଥାନଭଳି ଜଳେଶ୍ୱରର ନିଲମ୍ବିତ ଆଇଆଇସିଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରି ସଂପୃକ୍ତ ଅଭିଯୁକ୍ତମାନଙ୍କୁ ପ୍ରତି ଦଣ୍ଡବିଧାନ କରାଯିବାକୁ ଶ୍ରୀ ପାତ୍ରଙ୍କ ଦାବି ସଂପର୍କରେ ବିଜେଡି ଦଳର ଟାଉନ୍ ସଭାପତି ସୁରଜିତ ଘୋଷ, ବ୍ଲକ ସଭାପତି ଭୁପତି ମିର୍ଦ୍ଧ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀର ବିଜେଡିର ରାଜ୍ୟ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ପ୍ରତୀପ କୁମାର ପ୍ରଧାନ, ବିଜୟ କାମିଲା, ସଂଜିବ ପାଳ, ସେକ୍ ଅବଦୁଲ ରହିମ୍, ମଧୁସୂଦନ ସେନାପତି, ବିଜୟ ରଣା, ରତ୍ୟବତୀ ଗିରି, ବିଶ୍ୱଭୂଷଣ ଦାସ, ସତ୍ୟରଂଜନ ଦାସ ମହାପାତ୍ର, ସଂଜିବ ପାଳ, ଆନନ୍ଦ କର, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ପୁରୀ ଜିଲାରେ ୩୦୮୬ କରୋନା ପଜେଟିଭ ଚିହ୍ନଟ

ପୁରୀ, ୨୭।୮ (ନି.ପ୍ର): ପୁରୀ ଜିଲାରେ ଆଜି ମୋଟ ୩୦୮୬ ଜଣ କରୋନା ପଜେଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପିପିଲି ୧୨୬, ଡେଲାଙ୍ଗ ୧୦୫, କଣାସ ୨୧୭, ସତ୍ୟବାଦୀ ୧୭୨, ବ୍ରହ୍ମଗିରି ୨୭୮, ପୁରୀ ସଦର ୨୮୨, ଗୋପ ୧୨୯, କାକଟପୁର ୧୫୨, ନିମାପଡା ୨୨୫, ଅସ୍ତରଙ୍ଗ ୧୨୩, କୃଷ୍ଣପ୍ରସାଦ ୧୭୮, ପୁରୀ ପୌରାଂଚଳ ୧୦୭୭, ପିପିଲି ବିଜ୍ଞପିତ ପରିଷଦ ୩, କୋଣାର୍କ ବିଜ୍ଞପିତ ପରିଷଦ ୪, ନିମାପଡା ବିଜ୍ଞପିତ ପରିଷଦ ୧୫ ଜଣ ଚିହ୍ନଟ ହୋଇଥିବା ବେଳେ ଆଜି ସୁଧା ଜିଲାରେ ୨୧୨୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାଯାଇଛି। ବର୍ତ୍ତମାନ ସୁଧା ୯୫୨ ଜଣ ଆକ୍ଟିଭ ଚିହ୍ନଟ ବିଭିନ୍ନ କୋଭିଡ୍ ଚିକିତ୍ସାଳୟ ରେ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ୪୩ ଟି କନଟେନମେଂଟ ଜୋନ କାର୍ଯ୍ୟକାରୀ କରୁଛି। ଜିଲାରେ ୫୬,୫୨୬ ଜଣଙ୍କର ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ବର୍ତ୍ତମାନ ଜିଲାରେ ମୃତ୍ୟୁ ସଂଖ୍ୟା ୧୧ ରେ ପହଂଚିଚି।

# ବିଧାନସଭା ସୁରକ୍ଷା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୭।୮ (ନି.ପ୍ର): ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଧାନସଭାର ସୁରକ୍ଷା ଅଧିକାରୀ ପ୍ରଦୀପ କୁମାର ଦାସଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଏବଂ ଉପହାର ପ୍ରଦାନପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଛନ୍ତି । ବିଧାନସଭାରେ ପ୍ରାୟ ୯ ବର୍ଷ କାଳ ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଥିବା ଶ୍ରୀ ଦାସ ନିକଟରେ ପଦୋନ୍ନତି ପାଇଛନ୍ତି । ସେ ଏହାପରେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ (ଏଚ୍‌ଆର୍‌ପିସି) ଭାବେ ଯୋଗଦାନ କରିବେ । ଏହି ସମ୍ବର୍ଦ୍ଧନା ପ୍ରଦାନ ସମୟରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀଙ୍କ ସମେତ ବିଧାନସଭାର ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ପାରାଦ୍ୱୀପ ମ୍ୟୁନିସପାଲିଟିରେ ଦୀର୍ଘଦିନ ପରେ କୁଜଙ୍ଗ ତହସିଲଦାରଙ୍କୁ ନିର୍ବାହୀ ଅଧିକାରୀର ଅତିରିକ୍ତ ଦାୟିତ୍ୱ



ପାରାଦ୍ୱୀପ, ୨୭।୮ (ନି.ପ୍ର): କୁଜଙ୍ଗର ତହସିଲଦାର ସ୍ମୃତି ପ୍ରଜ୍ଞା ପ୍ରିୟଦର୍ଶିନୀ ପାରାଦ୍ୱୀପ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଏ ସଂପର୍କରେ ବିଧିବଦ୍ଧ ଭାବେ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ପରେ ବୁଧବାର ଦିନ ସେ ପାରାଦ୍ୱୀପ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଦାୟିତ୍ୱରେ ଥିବା ପୌରଯନ୍ତ୍ରୀ ଦୁର୍ଯ୍ୟୋଧନ ପଟେଲଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଏଠାରୁ ବଦଳି ହେବା ବେଳେ ସେ ପୌରଯନ୍ତ୍ରୀ ଶ୍ରୀ ପଟେଲଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ପ୍ରାୟ ଦୁଇମାସ ହେବ ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଯୁକ୍ତି ନ ହେବା ନେଇ ଏକ ପ୍ରକାର ଅଚଳାବସ୍ଥା ଦେଖା ଦେଇଥିଲା । କର୍ମଚାରୀଙ୍କ ଦରମା, ଠିକାଦାରଙ୍କ ବିଲ୍, ବିଭିନ୍ନ ଭତ୍ତା ଆଦି ବଣ୍ଟନ ହୋଇପାରୁନଥିଲା। ଦାୟିତ୍ୱରେ ଥିବା ପୌରଯନ୍ତ୍ରୀଙ୍କୁ ଆର୍ଥିକ କ୍ଷମତା ଦିଆଯାଇନଥିଲା। ଯାହା ଫଳରେ କି ଏହି ସବୁ କାର୍ଯ୍ୟ ଏକ ପ୍ରକାର ବନ୍ଦ ହୋଇ ଯାଇଥିଲା । କୁଜଙ୍ଗ ତହସିଲଦାର ଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ମିଳିବା ପରେ ପୁଣି ଚଳଚଞ୍ଚଳ ହୋଇ ଉଠିଛି ପାରାଦ୍ୱୀପ ମ୍ୟୁନିସିପାଲିଟି। ଦୀର୍ଘ ଦୁଇମାସ ହେବ ପାରାଦ୍ୱୀପ ମ୍ୟୁନିସିପାଲିଟିରେ ଓଡିଶା ପ୍ରଶାସନିକ ସେବା (ସିନିୟର ବେଞ୍ଚ)ଙ୍କୁ ନିଯୁକ୍ତି ଦେବା ନେଇ ବୁଦ୍ଧିଜୀବୀମାନେ ଦାବୀ କରିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା । ହେଲେ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ସ୍ଥାୟୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଯୁକ୍ତି ଦେଲେ ନାହିଁ । ମ୍ୟୁନିସିପାଲିଟି କୁ ଚଳଚଞ୍ଚଳ କରିବା ପାଇଁ ଜଗତସିଂହପୁର ଜିଲ୍ଲାପାଳ ସମୟୋପଯୋଗୀ ପଦକ୍ଷେପ ନେଇ କୁଜଙ୍ଗ ତହସିଲଦାରଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି ।

# ଉଚ୍ଛୁଳିଲା ରଜାବନ୍ଧ ଜଳସେଚନ ପ୍ରକଳ୍ପ

ଜଳେଶ୍ୱର, ୨୭।୮ (ନି.ପ୍ର): ଚଳିତବର୍ଷ ରାଇବଣିଆ ଅଂଚଳରେ ଭଲ ବର୍ଷା ହେବା ସହିତ ରଜାବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମରାମତି କାର୍ଯ୍ୟ ହୋଇଥିବାରୁ ସେଥିରେ ଅଧିକ ବର୍ଷାପାଣି ପଶ୍ଚିମବଂଗକୁ ଛଡାଯାଇଥିଲା। ଏହି ପ୍ରକଳ୍ପ ଦ୍ୱାରା ୨୩ଶହ ଏକର ଜମି ଜଳ ସେଚିତ ହୋଇଥାଏ । କିନ୍ତୁ ପଶ୍ଚିମବଂଗକୁ ଏହା ଲାଗି ରହିଥିବାରୁ ସେଠକାର କେତେକ ଦୁବୃର୍ତ୍ତ ରଜାବଂଧ କାଟି ଦେଇଥିବାରୁ ଗତ କିଛିବର୍ଷ ଧରି ଏହା ଶୁଖିଲା ପଡୁଥିଲା । କିନ୍ତୁ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ହସ୍ତକ୍ଷେପ ଫଳରେ ମରାମତି ହୋଇଥିବାରୁ ପ୍ରକଳ୍ପରେ ପାଣି ରହିପାରିଛି । ଫଳରେ ଆଜି ସେ ଅଂଚଳର ବହୁ ବ୍ୟକ୍ତି ସେଠାରେ ଅତୀତରେ ତତ୍‌କାଳୀନ ସାଂସଦ ଖାରବେଳ ସ୍ୱାଇଁଙ୍କ ହାତପାଣ୍ଠି ଅର୍ଥରେ ନିର୍ମାଣ ହୋଇଥିବା କଂକ୍ରିଟ ଚଟାଣ ଉପରେ ଆନନ୍ଦରେ ସ୍ନାନ କରୁଥିବାର ଦୃଶ୍ୟ ସମସ୍ତଙ୍କୁ ଆନନ୍ଦ ଦେଇଛି ବୋଲି ସରପଂଚ ଦିଲ୍ଲିପ କୁମାର ସାମଲ କହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo